READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୯ ସଂଖ୍ୟା-୧୭ ୫ - ୧୧ ମଇ, ୨୦୨୫ ଭୁବନେଶ୍ୱର Monday Weekly VOL-9 ISSUE-17 5th - 11th MAY, 2025 BHUBANESWAR ₹ 5/- (8 Pages)

### ଦୀଘାରେ ଜଗନ୍ନାଥ ମନ୍ଦିର, ଓଡ଼ିଶାରେ ଝଡ

# ଦାରୁ କାଠରେ ହୋଇଛି ଶ୍ରୀବିଗ୍ରହ !

**ପୁରୀ :** ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ ଆଖ୍ୟା ପ୍ରସଙ୍ଗ ଥମିନଥିବାବେଳେ ମୁଣ୍ଡ ଟେକିଲାଣି ନୂଆ ବିବାଦ। ସେଠିକା ଜଗନ୍ନାଥ ମନ୍ଦିରରେ ବସିଥିବା ବିଗ୍ରହ ନବକଳେବର ସମୟର ବଳକା ଦାରୁରେ ନିର୍ମାଣ ହୋଇଥିବା ନେଇ ଖୋଦ୍ ଦଇତାପତି ନିଯୋଗ ସଂପାଦକ କହିବା ଏ ପରେ ତାକୁ ଖଣ୍ଡନ କରିବା ନେଇ ସୃଷ୍ଟି ହୋଇଛି ହଇଚଇ। ଏମିତିକି ତାଙ୍କର ବିଭ୍ରାନ୍ତିପୂର୍ଣ୍ଣ କଥାକୁ ନେଇ ଶ୍ରୀମନ୍ଦିର ଦାରୁଗୃହର ସୁରକ୍ଷା ନେଇ ବି ସନ୍ଦେହ ଉପୁଜିଛି। ବେଙ୍ଗଲରେ ଥିବାବେଳେ କହିଥିଲେ, ଦୀଘା ଜଗନ୍ନାଥଙ୍କୁ ମୁଁ ଦାରୁବ୍ରହ୍ମ କାଠରେ ତିଆରି କରି ପୁରୀରୁ ଆଣିଛି। ଆଉ ପୁରୀ ଫେରିବା ପରେ ସିଧା ତାକୁ ଫାଙ୍କି ଦେଲେ ରାମକୃଷ୍ଣ ଦାସମହାପାତ୍ର। ଏଣେ ଜଣେ ବରିଷ୍ଠ ଦଇତାପତି



ସେବକଙ୍କ ମୁହଁରେ ପୁଣି ଏଭଳି ଦ୍ୱି ପ୍ରକାର କଥାକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ମନରେ ବିଭ୍ରାନ୍ତି ଓ ସେବାୟତ ମହଲ କ୍ଷୁବ୍ଧ ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଯାଇଥିବା ରାମକୃଷ୍ଣ, ଅକ୍ଷୟ ତୃତୀୟା ପୂର୍ବରୁ ଏକ ବଙ୍ଗାଳୀ ଟିଭି ଚ୍ୟାନେଲକୁ ଚାଞ୍ଚଲ୍ୟକର ମନ୍ତବ୍ୟ ଦେଇ କହିଥିଲେ, ଶ୍ରୀମନ୍ଦିରରେ ନବକଳେବର ବେଳେ ଠାକୁରଙ୍କୁ ନିର୍ମାଣ ପରେ ବଳି ପଡ଼ିଥିବା କାଠରେ ପୁରୀରୁ ଜଗନ୍ନାଥଙ୍କୁ ତିଆରି କରି ଦୀଘା ଆଣିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପଥର ମୂର୍ତ୍ତି ସ୍ଥାପନ ପାଇଁ କହିଥିଲେ, ହେଲେ ମୁଁ ଦାରୁବ୍ରହ୍ମ ମୂର୍ତ୍ତି ସ୍ଥାପନ ଲାଗି ପରାମର୍ଶ ଦେଇଥିଲି। ଯେହେତୁ ସେ ମେତେ ଠାକୁର ପୁରୀରୁ ତିଆରି କରି ଆଣିବାକୁ କହିଥିଲେ, ତେଣୁ ମୁଁ ତାହା ଧରି ଆସିଛି। ହେଲେ ପୁରୀ ଆସିବା ପରେ ପୁରା ଓଲଟା କଥା ରାମକୃଷ୍ଣ କହୁଛନ୍ତି ସେମିତି ମୁଁ କିଛି କହିନଥିଲି। ଏଣେ ରାମକୃଷ୍ଣଙ୍କ ଏଭଳି ଗୋଳ ମାଳିଆ ବକ୍ତବ୍ୟକୁ ନେଇ ଗୁଢ଼ ସନ୍ଦେହ। ପ୍ରଶ୍ନ ଉଠିଛି ସତରେ ନବକଳେବର ଦାରୁ କାଠରେ ତିଆରି ହୋଇନାହାନ୍ତି ତ ଦୀଘା ଦିଅଁ? ଯେହେତୁ ସେଠିକା ମନ୍ଦିରରେ ➤ ପୃ-୬

# ଯୁଦ୍ଧ ଭୟ; ଥରହର ପାକିସ୍ତାନ

**ନୂଆଦିଲ୍ଲୀ :** ଏଥର ପାକିସ୍ତାନକୁ ବଞ୍ଚାଇ ପାରିବନି ମିଲିଟାରୀ ଫୋର୍ସ। ପହଲଗାମ ପ୍ରତିଶୋଧ ନିଆଁରେ ଜଳୁଛି ଭାରତ। ପ୍ରଥମେ ଭାରତକୁ ଯୁଦ୍ଧ ଆହ୍ୱାନ କରି ଏବେ ମୁହଁ ଲୁଚାଇଛନ୍ତି ପାକ୍ ଆର୍ମି ଚିଫ ଅସୀମ ମୁନୀର। ମାତ୍ର ଦୁଇ ଦିନରେ ବଦଳିଛି ପାକ୍ ଡିଫେନସ୍ ମିନିଷ୍ଟର ଖ୍ୱାଜା ଆସିଫଙ୍କ ବାହାସ୍ଫୋଟ। ମୁହଁତୋଡ ଜବାବରୁ ଆଲ୍ଲାଙ୍କ ଶରଣରେ ଖ୍ୱାଜା ଆସିଫ। ଆନ୍ତର୍ଜାତିକ ଗଣମାଧ୍ୟମରେ ଭାରତରେ ଆତଙ୍କବାଦୀ ଆକ୍ରମଣ ପଛରେ ପାକିସ୍ତାନର ଲିଙ୍କ ସ୍ୱୀକାର କରିବା ସହ ଭାରତକୁ ଖୋଲା ଧମକ ଦେଉଥିଲେ ପାକ ପ୍ରତିରକ୍ଷା ମନ୍ତ୍ରୀ। ପହଲଗାମ ହାମଲାକୁ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ କଠୋର ଆଭିମୁଖ୍ୟ, ଭାରତୀୟ ସେନାକୁ ମିଲିଟାରୀ ଅପରେସନ ପାଇଁ ଗ୍ରୀନ ସିଗନାଲ ପରେ ଥରହର ପାକିସ୍ତାନ। ଏବେ ଆତଙ୍କୀଙ୍କ ଆଡ୍ଡାକୁ ସୁରକ୍ଷିତ କରିବା ଚିନ୍ତାରେ ଦିନରାତି ଏକ କରିଛନ୍ତି ପାକିସ୍ତାନ ଆର୍ମି, ନେତା, ମନ୍ତ୍ରୀ। ପାକିସ୍ତାନ ଉପରେ ବଡ଼ ହମଲାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛି ଭାରତ। 'ହେ ଆଲ୍ଲା- ଟାଳିଦିଅ ଯୁଦ୍ଧ' କାମନା କରୁଛନ୍ତି ପାକ୍



ଡିଫେନସ୍ ମନ୍ତ୍ରୀ ଭାରତର କୁଟନୈତିକ ଆହ୍ୱନରେ ହଜିଛି ପାକିସ୍ତାନର ନିଦ। ୨୪ରୁ ୩୬ ଘଣ୍ଟା ମଧ୍ୟରେ ଭାରତ ପାକ୍ ବିରୋଧରେ ଆରମ୍ଭ କରିବ ମିଲିଟାରୀ ଷ୍ଟ୍ରାଇକ। ରାତିଅଧିଆ ପ୍ରେସ କନଫରେନ୍ସ କରି ଘୋଷଣା କରିଥିଲେ ପାକିସ୍ତାନର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅତାଉଲ୍ଲା ତରାର। ଏପଟେ ପାକିସ୍ତାନୀ ସୈନ୍ୟଙ୍କ ଇସ୍ତଫା ବଢ଼ାଉଛି ପ୍ରଧାନମନ୍ତ୍ରୀ ଶାହାବାଜ୍ ସରିଫଙ୍କ ଚିନ୍ତା। ଯୁଦ୍ଧ ଉତ୍ତେଜନା ମଧ୍ୟରେ ତରବରିଆ ଭାବେ ଆଇଏସଆଇ ଚିଫ୍ ମହମ୍ମଦ ଅସୀମଙ୍କୁ ନୂଆ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତି ଦେଇଛନ୍ତି ପାକିସ୍ତାନ ସରକାର। ଭାରତର ମୋଷ୍ଟ ୱାଣ୍ଟେଡ୍ ହାଫିଜ୍ ସୟିଦ୍, ମାସୁଦ୍ ଆଝାରଙ୍କୁ ଲୁଚାଇବାକୁ ନୂଆ ଠିକଣା ➤ ପୃ-୬

## ୧୦ରେ ଓଡ଼ିଶା ଆସିବେ ଶାହ



**ଭୁବନେଶ୍ୱର :** ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଉ ଏକ ପାଦ ଆଗକୁ ବଢ଼ିବାକୁ ଯାଉଛି। ରାଜ୍ୟରେ ଫରେନ୍ସିକ୍ ବିଶ୍ୱବିଦ୍ୟାଳୟର ସ୍ଥାୟ କ୍ୟାମ୍ପସ୍ ପ୍ରତିଷ୍ଠା ହେବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦୁଇ ଦିନିଆ ଓଡ଼ିଶା ଗସ୍ତ କାଳରେ ରାଜ୍ୟରେ ଫରେନ୍ସିକ୍ ବିଶ୍ୱବିଦ୍ୟାଳୟ ପାଇଁ ଶିଳାନ୍ୟାସ କରିବେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଶ୍ରୀ ସାମଲ ସାମ୍ବାଦିକମାନଙ୍କୁ କହିଛନ୍ତି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆସନ୍ତା ୧୦ ତାରିଖ ଦିନ ଓଡ଼ିଶା ଆସୁଛନ୍ତି। କେନ୍ଦ୍ରମନ୍ତ୍ରୀ ଦୁଇଦିନିଆ ଗସ୍ତରେ ଆସୁଛନ୍ତି। ➤ ପୃ-୬

## ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ଗତି ଦିଗହରା

**ଭୁବନେଶ୍ୱର :** ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ଗତି ଦିଗହରା। ଡବଲ ଇଞ୍ଜିନ ସରକାରରେ ଡବଲ ସ୍ୱପ୍ନ ଚୁରମାର। ଡବଲ ବିକାଶର ଅଭିବୃଦ୍ଧି ହାର ୬ ପ୍ରତିଶତ ବି ଛୁଇଁପାରିବ ନାହିଁ ବୋଲି ଆକଳନ କରିଛି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି। ଏହାରି ଭିତରେ ଅର୍ଥନୀତି ପରିଚାଳନା ସଠିକ୍ ନଥିବାରୁ ବିକାଶର ନକ୍ସା ଦିଗହରା ହୋଇଛି। ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ କହିଛନ୍ତି ଯେ, ବିଜେପି ସରକାର ସମୟରେ ଅର୍ଥନୈତିକ ସ୍ଥିତି ପୂରା ଦେଶରେ ଦିଗହରା ହୋଇଛି। ଯାହାକୁ ସଜାଡିବାରେ ଫେଲ ମାରିଛି ବିଜେପି ସରକାର। ସେପଟେ ବିଜେଡି କହିଛି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶା ଆର୍ଥିକ ପରିଚାଳନାରେ ଦେଶରେ ଅଗ୍ରଣୀ ଥିଲା। ହେଲେ ୧୧ମାସର ବିଜେପି ସରକାର ଏହାକୁ ଠିକ ଦିଶାରେ ନେଇପାରୁନାହିଁ। ଫଳରେ ଓଡିଶାର ବିକାଶ ଆଜି ଠପ୍ ହୋଇଯାଇଛି। ଫଳରେ ବିକଶିତ ଗାଁ ଓ ବିକଶିତ ଓଡିଶାର ସ୍ୱପ୍ନ ସ୍ୱପ୍ନରେ ରହିଯିବ। ତେଣୁ ବିଜେପି ସରକାର ବିକାଶର ଅଭିବୃଦ୍ଧିକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବିଜେଡି ନେତା ପ୍ରଶାନ୍ତ ମୁଦୁଲି କହିଛନ୍ତି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଦେଶର ବିକାଶ ଅଭିବୃଦ୍ଧି ୬ ପ୍ରତିଶତ ଛୁଇଁବନାହିଁ ବୋଲି ବହୁ ପୂର୍ବରୁ ଆକଳନ କରିଛି। ଆଉ ଏବେ ପହଲଗାମ ଆକ୍ରମଣ ନେଇ ➤ ପୃ-୬

### ଡାକ୍ତରମାନଙ୍କୁ ସୁପ୍ରିମ୍‌କୋର୍ଟଙ୍କ ପରାମର୍ଶ

## ବ୍ରାଣ୍ଡେଡ୍ ଔଷଧ ଲେଖନି

**ନୂଆଦିଲ୍ଲୀ :** ଡାକ୍ତରଙ୍କ ବ୍ରାଣ୍ଡେଡ୍ ଔଷଧ ଲେଖିବା ଚକ୍କରରେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀଙ୍କ ପରିବାର। ସମାନ ଗୁଣବତ୍ତା ଥାଇ ଡାକ୍ତରମାନଙ୍କ ବ୍ରାଣ୍ଡେଡ୍ ଔଷଧ ଲେଖିବା ଅଭ୍ୟାସ ଥିବାରୁ ସାଧାରଣ ଲୋକ ଏଥିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଡାକ୍ତିରମାନେ ସବୁବେଳେ ଜେନେରିକ୍ ମେଡିସିନ୍ ଲେଖିବାକୁ ପରାମର୍ଶ ଦେଇଛନ୍ତି ସୁପ୍ରିମକୋର୍ଟ। ସାରା ଦେଶରେ ଡାକ୍ତରମାନଙ୍କୁ କେବଳ ଜେନେରିକ ଔଷଧ ଲେଖିବା ବାଧ୍ୟତାମୂଳକ କରାଯିବା ଉଚିତ ବୋଲି ସର୍ବୋଚ୍ଚ ନ୍ୟାୟଳୟ କହିଛନ୍ତି। ଏକ ସ୍ୱାସ୍ଥ୍ୟ ଜନିତ



ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତିଙ୍କ ନେତୃତ୍ୱାଧିନ ➤ ପୃ-୬

## ଓଡ଼ିଶା ରାସ୍ତାରେ ଓହ୍ଲାଇପାରିବ ଯୁଦ୍ଧ ବିମାନ



**ଭୁବନେଶ୍ୱର :** ଉତ୍ତରପ୍ରଦେଶର ଶାହଜାହାନପୁରରେ ନିର୍ମାଣାଧୀନ ଗଙ୍ଗା ଏକ୍ସପ୍ରେସୱେରୁ ଭାରତୀୟ ବାୟୁସେନାର ବିମାନଗୁଡ଼ିକ ଉଡ଼ିଥିଲା। ଏହି ଏକ୍ସପ୍ରେସୱେରେ ସ୍ୱତନ୍ତ୍ର ଭାବେ ନିର୍ମିତ ସାଢ଼େ ତିନି କିଲୋମିଟର ରନୱେରୁ ବାୟୁସେନାର ସବୁଠାରୁ ଉନ୍ନତ ଲଢୁଆ ବିମାନ ଏବଂ ମାଲବାହୀ ବିମାନଗୁଡ଼ିକ ଉଡ଼ାଣ କରିଥିଲେ। ଶାହଜାହାନପୁରର ଏୟାରଷ୍ଟ୍ରିପ୍ ଦେଶର ପ୍ରଥମ ଏପରି ଷ୍ଟ୍ରିପ୍ ହେବ, ଯେଉଁଠାରେ ବାୟୁସେନାର ଲଢୁଆ ବିମାନଗୁଡ଼ିକ ଦିନ ଏବଂ ରାତିରେ ଅବତରଣ କରିପାରିବେ। ➤ ପୃ-୬

## ବକ୍ରବାଣୀ



ଭାରତ ମିଡିଆ ମାରେ ହୁଙ୍କାର
ସରକାର ଆମ ଭାରି ଖୁଂଖାର
ପାକିସ୍ତାନ ଲୋକେ କଟୋରା ଧରି
ପାଣି ଟୋପେ ବିନା ଗଲେଣି ମରି
କିଏ କହେ ପାକିସ୍ତାନରେ ବଢ଼ି
ଭାସୁଛନ୍ତି ଲୋକେ ଛାଡ଼ିଣ ରଢ଼ି
କିଏ କହେ ଆମ ବୀର ସଇନ
ରଖିବେନି ପାକ୍ ନାମ ନିଶାନ
ଫଳଟା ଦେଖିବ ଆଖି ଆମର
ମାସେ କି ଦି'ମାସେ ଅପେକ୍ଷା କର।

—ଟୁଟୁ

### ରଥଯାତ୍ରା ପ୍ରଥମ ସମନ୍ୱୟ ବୈଠକରେ ନିଷ୍ପତ୍ତି

## ରଥଯାତ୍ରା ପୂର୍ବରୁ ସବୁ କାମ ସାରିବାକୁ ନିର୍ଦ୍ଦେଶ

**ପୁରୀ :** ଜୁନ୍ ୨୭ରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। କେନ୍ଦ୍ରାଞ୍ଚଳ ଆରଡିସି ବି. ପରମେଶ୍ୱରମ୍‌ଙ୍କ ଅଧ୍ୟକ୍ଷତାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଟାଉନ ହଲ ଠାରେ ଆୟୋଜିତ ବୈଠକରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ, କେନ୍ଦ୍ରାଞ୍ଚଳ ଆଇଜି, ରେଳବାଇ ଆରକ୍ଷୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ରଥ କାଠ ଯୋଗାଣ, ରଥ ନିର୍ମାଣ, ନୀତି ସଂପାଦନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ଆଦି ୨୧ଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପୁରୀ ପୌରାଞ୍ଚଳରେ ଚନ୍ଦନ ଯାତ୍ରାରେ ୧୦ ଜଣଙ୍କ ପାଇଁ ୫ ଲକ୍ଷ ଟଙ୍କାର ବୀମା କରାଯାଇଛି। ରଥଯାତ୍ରା ସମୟରେ




ଲୋକଙ୍କ ପାଇଁ ୫ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା କରାଯିବ। ରଥଯାତ୍ରା ପାଇଁ ରଥ ଦଉଡ଼ି, ଅଣସର ପାଇଁ ୧୬୮ କେ.ଜି. ଝୁଣା, ୩୦୦ କେ.ଜି. ଚନ୍ଦନ କାଠ ମହଜୁଦ ଅଛି। ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବା ବେଳେ ବିଗତ ବର୍ଷର ୫୧ ଖଣ୍ଡ ବଳକା ରହିଛି। ଖପୁରିଆ କରତ କଳକୁ ଆବଶ୍ୟକ ୪୧୮ ଖଣ୍ଡ କାଠ ମଧ୍ୟରୁ ୧୫୭ ଖଣ୍ଡ ଏବଂ ରଥଖଳା ପାଇଁ ଆବଶ୍ୟକ ୩୧୬ ଖଣ୍ଡ କାଠ ମଧ୍ୟରୁ ୧୬୯ ଖଣ୍ଡ କାଠ ପହଞ୍ଚି ସାରିଛି ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାକୁ ନେଇ ➤ ପୃ-୬

### ଇସିଆଇର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

## ଭୋଟର ତାଲିକା ସହ ଜନ୍ମ ଓ ମୃତ୍ୟୁ ରେକର୍ଡ ସଂଯୋଗ

**ନୂଆଦିଲ୍ଲୀ :** ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସଠିକ କରିବା ଲକ୍ଷ୍ୟରେ, ଭାରତର ନିର୍ବାଚନ ଆୟୋଗ (ଇସିଆଇ) ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଆୟୋଗ ଭୋଟର ତାଲିକାକୁ ଜନ୍ମ ଏବଂ ମୃତ୍ୟୁ ରେକର୍ଡ ସହିତ ସଂଯୋଗ କରିବାର ଯୋଜନା କରୁଛି, ଯାହା ଦ୍ୱାରା ତାଲିକାରୁ ଅଯୋଗ୍ୟ ଏବଂ ମୃତ ଭୋଟରଙ୍କ ନାମ ହଟାଇ ଏହାକୁ ଅଧିକ ବିଶ୍ୱସନୀୟ କରାଯାଇ ପାରିବ। ଏହି ଉଦ୍ୟମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାରେ ଥିବା ତ୍ରୁଟିଗୁଡ଼ିକୁ ଦୂର କରିବା, ଯେପରିକି ଏକାଧିକ ଏଣ୍ଟ୍ରି, ମୃତ ବ୍ୟକ୍ତିଙ୍କ ନାମ ଏବଂ ଅନୁପଯୁକ୍ତ ତଥ୍ୟ। ଏକ ଅଧିକାରୀଙ୍କ କହିବା ଅନୁଯାୟୀ, ଜନ୍ମ ଓ ମୃତ୍ୟୁ ରେକର୍ଡର ଡାଟାବେସ୍ ସହିତ ଭୋଟର ତାଲିକାକୁ ସଂଯୋଗ କରି ଏକ ସ୍ୱୟଂଚାଳିତ ପ୍ରକ୍ରିୟା ମାଧ୍ୟମରେ ତାଲିକାକୁ ନିୟମିତ ଅପଡେଟ୍ କରାଯାଇ ପାରିବ।




ଏହା ଦେଶବ୍ୟାପୀ ନିର୍ବାଚନ ପ୍ରକ୍ରିୟାରେ ଅଧିକ ସଠିକତା ଓ ବିଶ୍ୱାସ ଆଣିବ। ଓଡ଼ିଶାରେ ମଧ୍ୟ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନୀୟ ପଞ୍ଚାୟତ ଓ ମ୍ୟୁନିସିପାଲିଟି ଅଧିକାରୀଙ୍କ ସହ ମିଶି ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରେସନ ରେକର୍ଡକୁ ସଂଗ୍ରହ କରିବ। ଏହି ତଥ୍ୟକୁ ଭୋଟର ତାଲିକା ସହ ମେଳାଇ ଅସଙ୍ଗତିଗୁଡ଼ିକୁ ଚିହ୍ନଟ କରାଯିବ। ଏହି ପଦକ୍ଷେପକୁ ରାଜନୈତିକ ଓ ସାମାଜିକ ➤ ପୃ-୬

# ସବା ତଳ ପାହାଚରେ ଥିବା ଲୋକଙ୍କ ପାଇଁ ଆମ ସରକାର ସମର୍ପିତ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଦଶନ୍ଧି ଦଶନ୍ଧି ଧରି ଦେଶର ପ୍ରଗତିର ଚକ୍ରକୁ ଶ୍ରମିକମାନେ ଅବିରତ ଭାବେ ଚଳେଇ ଆସୁଛନ୍ତି ଓ ବିକାଶରେ ନିଜର ଯୋଗଦାନ ନିରବଚ୍ଛିନ୍ନ ଭାବେ ଦେଇଆସୁଛନ୍ତି। ଦାୟିତ୍ୱ ନେବାର ପ୍ରଥମ ଦିନରୁ ହିଁ ଆମ ସରକାର ରାଜ୍ୟର ସବା ତଳ ପାହଚରେ ଥିବା ଲୋକଙ୍କ କଲ୍ୟାଣ ଓ ବିକାଶ ପାଇଁ ସମର୍ପିତ ହୋଇ କାର୍ଯ୍ୟ କରୁଛି। ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ସ୍ଥାନୀୟ ଓ.ୟୁ.ଏ.ଟି କୃଷି ଶିକ୍ଷା ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଦୁଇଟି ପ୍ରମୁଖ ଶ୍ରମିକ ପ୍ରତୀକ୍ଷା ସ୍ଥାନ- ଡୁମ୍‌ଡୁମା ଏବଂ କଳ୍ପନା ଛକଠାରେ ବହୁମୁଖୀ 'ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର'ର ଉଦ୍‌ଘାଟନ କରିଥିଲେ। ଏହି ପ୍ରତୀକ୍ଷା କେନ୍ଦ୍ରମାନଙ୍କରେ ଶ୍ରମଜୀବୀମାନଙ୍କ ପାଇଁ ସାମୟିକ ଆଶ୍ରୟ ସ୍ଥଳର ସୁବିଧା ସହିତ ପାନୀୟ ଜଳ, ଶୌଚାଳୟ ଓ ପାର୍କ ଆଦିର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ କଟକ, ରାଉରକେଲା, ସମ୍ବଲପୁର, କେନ୍ଦୁଝର, ବ୍ରହ୍ମପୁର ଭଳି ଅନ୍ୟ ସହରାଞ୍ଚଳ ଗୁଡିକରେ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ନିର୍ମାଣ କରାଯିବ। ଏହି କେନ୍ଦ୍ର ଗୁଡିକ ଶ୍ରମଜୀବୀମାନଙ୍କ ଗରିମା ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥି ସହିତ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଶିକ୍ଷା ସହାୟତା, ବିବାହ ସହାୟତା, ପ୍ରସୂତିକାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା ଓ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ବଣ୍ଟନ




କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ରାଜ୍ୟରେ ଥିବା ବିଭିନ୍ନ ସଂଗଠିତ ତଥା ଅଣସଂଗଠିତ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନଙ୍କ ଆଇନଗତ ଅଧିକାର ଓ ସାମାଜିକ ସୁରକ୍ଷା ଦିଗରେ ସର୍ବଦା ଯତ୍ନବାନ ହୋଇ କାର୍ଯ୍ୟ କରି ଆସୁଛି। ସେ କହିଥିଲେ ଯେ, ନିର୍ବାଚନ ପୂର୍ବରୁ ଆମର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଏହି ବୋର୍ଡ଼ ଅଧିନରେ ପ୍ରଦାନ କରାଯାଉଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ସାଧାରଣ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କାକୁ ଏବଂ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ୪ ଲକ୍ଷ ଟଙ୍କାରୁ ୬ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧିନରେ ଅଦ୍ୟାବଧି ପାଖାପାଖି ୪୭ ଲକ୍ଷ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇ ବିଭିନ୍ନ ସହାୟତା ବାବଦରେ ୩,୯୫୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ଦିଆଯାଇ ସାରିଲାଣି, ଯାହାକି ସେମାନଙ୍କର ଏବଂ ସେମାନଙ୍କ ପରିବାରର ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଆମ ସରକାର କ୍ଷମତାକୁ ଆସିଲା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୪ ଲକ୍ଷରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ନୂତନ ଭାବେ ପଞ୍ଜୀକୃତ କରିବା ସହିତ ୩୭୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ସାରା ରାଜ୍ୟରେ ଏକକାଳୀନ ପାଖାପାଖି ୩ ହଜାର ଯୋଗ୍ୟ ନିର୍ମାଣ ଶ୍ରମିକମାନଙ୍କୁ ନୂତନ ଭାବେ ପରିଚୟପତ୍ର ପ୍ରଦାନ କରାଯାଇଛି ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା ବାବଦରେ ୪୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ କରାଯାଇଛି। ସେ କହିଥିଲେ ଯେ, ଏହା ଆମ ସରକାରର କାର୍ଯ୍ୟଦକ୍ଷତାର ଏକ ବଳିଷ୍ଠ ଉଦାହରଣ ଅଟେ। ନୂତନ ଜ୍ଞାନ କୌଶଳର ଉପଯୋଗ କରି ଶ୍ରମିକମାନଙ୍କୁ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** କାର୍ଯ୍ୟକ୍ଷେତ୍ରରେ ସହଯୋଗୀ ମାନେ ଅନୁଗତ ହେବେ। ଅଦାଲତ ମାମଲାରେ କୃତ କାର୍ଯ୍ୟ ହେବେ। ଶତ୍ରୁ ପରାଜିତ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ପ୍ରେମୀମାନେ ଉଭୟେ ବିଶ୍ୱାସର ସହ ଆଗକୁ ବଢ଼ିବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** ଆତ୍ମବିଶ୍ୱାସରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ଆପଣଙ୍କୁ ସୁଫଳ ମିଳିବ। ଛାତ୍ରମାନେ ଦେଇଥିବା ପରୀକ୍ଷାରେ ଉନ୍ନତି ହେବେ। ଦୂରଯାତ୍ରା କରିପାରନ୍ତି। ଦମ୍ପତିମାନେ ଉଭୟଙ୍କୁ ବୁଝିବାକୁ ଚେଷ୍ଟା କରନ୍ତୁ। ସମ୍ପର୍କ ସୁଦୃଢ଼ ରହିବ।

**ମିଥୁନ** ରକ୍ତଚାପ ବଢ଼ିପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କୌଣସି କାର୍ଯ୍ୟ କରିବା ପୂର୍ବରୁ ବିଚାର ବିମର୍ଷ କରନ୍ତୁ। ନିଜର ବାଣୀରେ ଲଗାମ ଦିଅନ୍ତୁ। ଛାତ୍ରଙ୍କ ମନ ଚଞ୍ଚଳ ରହିବ। ଜୀବନସାଥୀଙ୍କ କଥାକୁ ଗୁରୁତ୍ୱ ଦିଅନ୍ତୁ।

**କର୍କଟ** ସ୍ୱାସ୍ଥ୍ୟ ଭଲ ରହିବ। ଜମା ରାଶିରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଶୁଭ ଖବର ପାଇବେ। ଛାତ୍ରମାନେ ଶିକ୍ଷକଙ୍କ ସହଯୋଗ ପାଇଷବ। ପ୍ରେମୀମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି।

**ସିଂହ** ପେଟ ସମ୍ବନ୍ଧୀୟ କଷ୍ଟ ପାଇପାରନ୍ତି। ଆୟ ତୁଳନାରେ ବ୍ୟୟ ବଢ଼ିବ। ଛୋଟ କଥା ବା ଭୁଲ ପାଇଁ ଅପମାନିତ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ବ୍ୟବହାରରେ ଦୁଃଖିତ ହେବେ।

**କନ୍ୟା** ମାନସିକ ଅଶାନ୍ତି ବଢ଼ିପାରେ। ଚାକିରି କ୍ଷେତ୍ରରେ ଅଧିକ ଦାୟିତ୍ୱ ମିଳିବ। ଯାଗା ବାଡି କାର୍ଯ୍ୟର ଅଗ୍ରଗତି ରୋକାଯାଇପାରିବ। ପ୍ରେମୀଙ୍କ ମଧ୍ୟରେ ବୁଝାମଣା ବଢ଼ିପାରେ। ସମ୍ପର୍କ ନିବିଡ ସହ ଚୀରସ୍ଥାୟୀ ହେବ।

**ତୁଳା** ସ୍ୱାସ୍ଥ୍ୟ ବିଗିଡିପାରେ। ଯତ୍ନବାନ ହୁଅନ୍ତୁ। ଆୟ ତୁଳନାରେ ବ୍ୟୟ ବଢ଼ିବ। ନିଜ ଲକ୍ଷ୍ୟରେ ସ୍ଥିର ରୁହନ୍ତୁ। ଅନ୍ୟକୁ ସମାଲୋଚନା କରନ୍ତୁନାହିଁ। ଯାନବାହନ କ୍ରୟ କରିପାରନ୍ତି। ପ୍ରେମୀଙ୍କ ମଧ୍ୟରେ ତୃତୀୟ ବ୍ୟକ୍ତି ପ୍ରବେଶ କରିପାରନ୍ତି।

**ବିଛା** ସାମାଜିକ ପ୍ରତିଷ୍ଠା ବଢ଼ିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ପରିବାରରେ ସୁଖ ପରିବେଷ ରହିବ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାତ୍ମକ ପରୀକ୍ଷାରେ ଉନ୍ନୀତ ହେବେ। ଜୀବନସାଥୀଙ୍କ ସହ ତାଳମେଳ ବଢ଼ିବ।

**ଧନୁ** ଗଣ୍ଠି ସମ୍ବନ୍ଧୀୟ ପୀଡା ହୋଇପାରେ। ଅନେକ ଦିନରୁ ଭାବିଥିବା ବ୍ୟବସାୟ କରିପାରନ୍ତି। ପ୍ରିୟ ବସ୍ତୁରେ ପଇସା ଖର୍ଚ୍ଚ ବଢ଼ିବ। ମନସ୍କାମନା ପୂର୍ଣ୍ଣ ପାଇଁ ତୀର୍ଥଯାତ୍ରା କରିପାରନ୍ତି। ଦମ୍ପତିମାନଙ୍କ ପାଇଁ ସମୟ ଅନୁକୂଳ।

**ମକର** ବାହାନ ଚଳାଇବା ସମୟରେ ସାବଧାନ ରହନ୍ତୁ। ଆକସ୍ମିକ ଧନ ପ୍ରାପ୍ତି ଯୋଗ ଅଛି। କୌଣସି ମହିଳାଙ୍କ ସହଯୋଗରେ ସବୁ କାମର ସମାଧାନ ହୋଇପାରେ। ପ୍ରେମରେ ବିଶ୍ୱାସ ବଢ଼ିବ।

**କୁମ୍ଭ** ପୂର୍ବରୁ କରିଥିବା ପରିଶ୍ରମର ଫଳ ମିଳିପାରେ। ପରିବାରର ଶାନ୍ତି ପାଇଁ ଆଧ୍ୟାତ୍ମିକ କାର୍ଯ୍ୟରେ ମନ ଦେଇ ପାରନ୍ତି। ଛାତ୍ରମାନେ ନିଜ ଇଚ୍ଛା ମୁତାବକ ସ୍ଥାନରେ ନାମ ଲେଖାଇ ପାରନ୍ତି। ନୂଆ ଦ୍ରବ୍ୟ କିଣିପାରନ୍ତି। ପ୍ରେମରେ ଭୁଲ ବୁଝାମଣା ଯୋଗୁ ଅସୁବିଧା ହୋଇପାରେ।

**ମୀନ** ଶାରୀରିକ ଓ ମାନସିକ କଷ୍ଟ ଯୋଗ ଅଛି। ଗୁପ୍ତ ଶତ୍ରୁମାନେ ଜାଗ୍ରତ ହୋଇପାରନ୍ତି। ବ୍ୟବସାୟରେ ଉତ୍‌ଥାନ ଓ ପତନ ଲାଗି ରହିବ। କ୍ଷତିର ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ସୁଖ ପାଇଁ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଜଳସଂକଟରେ ପଡିବେ ୨୦୦ କୋଟି

# ଭାରତର ଉପରେ ପଡ଼ିବ ୬୫% ପ୍ରତିଶତ ପ୍ରଭାବ

**ନୂଆଦିଲ୍ଲୀ :** ହିମାଳୟ ଉପରେ ପଡ଼ିଛି ବିଶ୍ୱତାପନର ଗମ୍ଭୀର ପ୍ରଭାବ। ଏଥିଯୋଗୁ ହିନ୍ଦୁକୁଶ ହିମାଳୟ ପର୍ବତ ଶୃଙ୍ଖଳାରେ ଲଗାତର ତୃତୀୟ ବର୍ଷ ପାଇଁ ସ୍ୱାଭାବିକଠାରୁ କମ୍ ବରଫପାତ ହୋଇଛି। ଏହାଛଡ଼ା ହିମାଳୟରେ ବରଫ ଜମା ହୋଇ ରହିବାର ସମୟ ମଧ୍ୟ ୨୩.୬% କମିଛି, ଯାହା କି ଗତ ୨୩ ବର୍ଷରେ ସବୁଠୁ କମ୍ ବୋଲି ଇଣ୍ଟରନ୍ୟାସନାଲ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ ମାଉଣ୍ଟେନ୍ ଡେଭେଲପମେଣ୍ଟ (ଆଇସିଆଇଏମ୍‌ଓଡି)ର ସଦ୍ୟ ରିପୋର୍ଟରେ ପ୍ରକାଶ ପାଇଛି। ବିଶେଷଜ୍ଞଙ୍କ ମତରେ ବରଫପାତ ହ୍ରାସ ହେବା ଯୋଗୁ ଏସୀୟ ଦେଶଗୁଡ଼ିକରେ ପ୍ରାୟ ୨୦୦ କୋଟି ଲୋକଙ୍କ ପାଇଁ ଜଳସଙ୍କଟ ଉପୁଜିବ। କେବଳ ଭାରତର ୬୫% ଭାଗରେ ଏହାର ପ୍ରଭାବ ପଡ଼ିବ। ଏହି ଅଞ୍ଚଳଗୁଡ଼ିକ ଗଙ୍ଗା, ଯମୁନା ଆଦି ନଦୀ ସହ ଜଡ଼ିତ। ପରିବେଶ ବିଶେଷଜ୍ଞଙ୍କ ଅନୁସାରେ, ପୃଥିବୀରେ ଉତ୍ତର ଏବଂ ଦକ୍ଷିଣ ମେରୁ ପରେ ସବୁଠୁ ଅଧିକ ବରଫ ହିନ୍ଦୁକୁଶ ରେଞ୍ଜରେ ଥାଏ। ଏଠାରୁ ଦ୍ରୁତଗତିରେ ବରଫ ତରଳିବା ଦ୍ୱାରା ବର୍ଷସାରା ବହୁଥିବା ନଦୀ ଆଗକୁ ଶୁଖିଯିବାର ଆଶଙ୍କା ରହିଛି। ଗଙ୍ଗା, ଯମୁନା, ସିନ୍ଧୁ, ବ୍ରହ୍ମପୁତ୍ର ଭଳି ନଦୀର ପାଣିର ସ୍ରୋତ ହେଉଛି ଗ୍ଲେସିୟର। ବରଫପାତ କମ୍ ହେବା ଦ୍ୱାରା ଏହି ନଦୀ ଜଳସ୍ତର ହ୍ରାସ ପାଇବ। ଏହି ନଦୀଗୁଡ଼ିକର ଉପଯୋଗ ଚାଷ, ପାନୀୟ ଜଳ, ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଏବଂ ଶିଳ୍ପ କାରଖାନାରେ ହୋଇଥାଏ।



ଏଗୁଡ଼ିକରେ ଜଳସ୍ତର ହ୍ରାସ ପାଇବା ଦ୍ୱାରା ଲୋକଙ୍କ ଜୀବନ ପ୍ରଭାବିତ ହେବ। କମ୍ ବରଫପାତ ଯୋଗୁ କେବଳ ଭାରତ, ପାକିସ୍ତାନ ନୁହେଁ ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ଚୀନ୍, ମ୍ୟାଁମାର, ନେପାଳ ମଧ୍ୟ ପ୍ରଭାବିତ ହେବେ। ରିପୋର୍ଟ ମୁତାବକ, ହିନ୍ଦୁକୁଶ ହିମାଳୟ ରେଞ୍ଜରୁ ବାହାରିଥିବା ୧୨ ନଦୀ ଆଖପାଖରେ ରହୁଥିବା ପ୍ରାୟ ୨୦୦ କୋଟି ଲୋକଙ୍କ ଉପରେ ଜଳସଙ୍କଟ ବିପଦ ରହିଛି। ଚଳିତ ବର୍ଷ ଜାନୁଆରୀ ଶେଷ ସୁଦ୍ଧା ଏଠାରେ ବରଫପାତ ଆରମ୍ଭ ବି ହୋଇ ନ ଥିଲା। ଅତ୍ୟଧିକ ଥଣ୍ଡା ସମୟରେ ବି ସ୍ୱାଭାବିକଠାରୁ କମ୍ ବରଫପାତ ହୋଇଛି। ଦକ୍ଷିଣ-ପୂର୍ବ ଏସିଆର ମେକାଙ୍ଗ ଏବଂ ସାଲୱିନ୍ ଅବବାହିକା, ଯେଉଁଠୁ ଚୀନ୍ ଏବଂ ମ୍ୟାଁମାରକୁ ପାଣି ମିଳିଥାଏ, ତାହା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ସେଠାରେ ବରଫପାତ ସ୍ତର ସ୍ୱାଭାବିକଠାରୁ ୪୮% କମ୍ ରହିଛି। ଭାରତରେ ଗଙ୍ଗା ନଦୀ ଅବବାହିକାରେ ୨୦ ବର୍ଷ ମଧ୍ୟରେ ସବୁଠାରୁ କମ୍ ବରଫପାତ ହୋଇଛି, ଯାହା କି ସ୍ୱାଭାବିକ ବରଫପାତଠାରୁ ୨୪.୧% କମ୍। ଅର୍ଥାତ ଆଗକୁ ଗ୍ରୀଷ୍ମ ଋତୁରେ ଚାଷ ଏବଂ ପାନୀୟ ଜଳ ପାଇଁ ଜଳାଭାବ ହୋଇପାରେ। ବ୍ରହ୍ମପୁତ୍ର ଅବବାହିକାରେ ବରଫପାତ ୨୭.୯% ହ୍ରାସ ପାଇଛି। ଯାହଫଳରେ ଚାଷ ଏବଂ ଜଳବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହୋଇପାରେ। ସେହିପରି ସିନ୍ଧୁ ଅବବାହିକାରେ ଏହା ୧୬% ହ୍ରାସ ପାଇଥିବା ଜଣାପଡ଼ିଛି। ଯଦି ଏଭଳି ବରଫସ୍ତର ହ୍ରାସ ପାଏ ତେବେ ଏହି କ୍ଷେତ୍ରରେ ଜଳାଭାବ, ଭୂତଳ ଜଳସ୍ତର ହ୍ରାସ ପାଇବା ସହ ମରୁଡ଼ି ଆଶଙ୍କା ମଧ୍ୟ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ସରକାର ଜଳସଂରକ୍ଷଣ ଯୋଜନା ବ୍ୟାପକ କରିବା ସହ ଭବିଷ୍ୟତରେ ମରୁଡ଼ିର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ଚେତାଇଛନ୍ତି।

### ସିସିପିଏ ବୈଠକରେ କେନ୍ଦ୍ର ସରକାରଙ୍କ ବଡ଼ ନିଷ୍ପତ୍ତି

# ଜାତି ଜନଗଣନା କରିବେ ମୋଦୀ ସରକାର

**ନୂଆଦିଲ୍ଲୀ :** ଜାତି ଜନଗଣନା କରାଇବେ କେନ୍ଦ୍ର ସରକାର। ସାରା ଦେଶରେ ଆରମ୍ଭ ହେବାକୁଥିବା ଜନଗଣନା ସହ ଏହି ଡାଟା ମଧ୍ୟ ଏକାଠି କରାଯିବ। ଏଥିପାଇଁ ଜନଗଣନା ଫର୍ମରେ ଜାତିର ଏକ ଘରା ଦିଆଯିବ। ଏହି ଆଧାରରେ ଦେଶରେ କେଉଁ ଜାତିର କେତେ ଲୋକ ଅଛନ୍ତି ତାର ସୂଚନା ଏକାଠି କରାଯିବ। କ୍ୟାବିନେଟ୍ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ନିଷ୍ପତ୍ତି ବାବଦ ସୂଚନା ଦେଇଛନ୍ତ। ଅଶ୍ୱିନୀ ବୈଷ୍ଣବ ସାମ୍ବାଦିକଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ଆଜି ହୋଇଥିବା କ୍ୟାବିନେଟ୍ କମିଟି ଅନ୍ ପଲିଟିକାଲ୍ ଆଫାୟର୍ସରେ ଜାତି ଜନଗଣନା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାକୁ ଐତିହାସିକ ପଦକ୍ଷେପ କୁହାଯାଉଛି, କାରଣ ଏବେ ସୁଦ୍ଧା ଜାତି ଗଣନା ମୂଳ ଜନଗଣନାର ଅଂଶ ନଥିଲା। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ କଂଗ୍ରେସ ସବୁବେଳେ ଜାତି ଜନଗଣନାର ବିରୋଧ କରିଛି। ଦିବଙ୍ଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ୨୦୧୦ରେ ସଂସଦରେ କହିଥିଲେ ଯେ ଏହି ଉପରେ ବିଚାର କରାଯିବ, କିନ୍ତୁ ଏହାକୁ ବାସ୍ତବ ରୂପ ଦିଆଗଲା ନାହିଁ ବରଂ କେବଳ ଗୋଟିଏ ସର୍ଭେ କରାଗଲା। ଏହାପରେ ଜାତି ଜନଗଣନାର ବିଷୟକୁ ଇଣ୍ଡି ମେଣ୍ଟର



ନେତା ନିଜର ଲାଭ ପାଇଁ ବ୍ୟବହାର କରିଛନ୍ତି। ସେ କହିଛନ୍ତି ଯେ ଅନେକ ରାଜ୍ୟ ଜାତି ଗଣନା କରିଛନ୍ତି, କିନ୍ତୁ ଏହା କେନ୍ଦ୍ରୀୟ ତାଲିକା ଅନ୍ତର୍ଭୁକ୍ତ ବିଷୟ। ଅନେକ ରାଜ୍ୟ ଏହି କାମକୁ ସଠିକ୍ ଭାବରେ କରିଛନ୍ତି, କିନ୍ତୁ ଅନେକ ପ୍ରାନ୍ତରେ ଅଣ-ପ୍ରାମାଣିକ ଭାବେ ଏହି କାମ ହୋଇଛି। ତାଙ୍କ ଇଙ୍ଗିତ କର୍ଣ୍ଣାଟକରେ ହୋଇଥିବା ଜାତି ଜନଗଣନାକୁ ନେଇ ଥିଲା, ଯାହାକୁ ନେଇ ବିବାଦ ହୋଇଥିଲା। ୧୯୫୧ ମସିହାରୁ ପ୍ରତି ୧୦ ବର୍ଷରେ ଥରେ ଜନଗଣନା କରାଯାଉଥିଲା, କିନ୍ତୁ ୨୦୨୧ରେ କରୋନା ମହାମାରୀ ଯୋଗୁଁ ଜନଗଣନାକୁ ସ୍ଥଗିତ ରଖାଯାଇଥିଲା। ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର)କୁ ଅପଡେଟ୍ କରିବା କାମ ମଧ୍ୟ ବାକି ରହିଛି। ଜନଗଣନା କେବେଠୁ ଆରମ୍ଭ ସେନେଇ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇ ନାହିଁ। ସୂତ୍ର ଅନୁଯାୟୀ, ଜନଗଣନା ତଥ୍ୟ ୨୦୨୬ରେ ପ୍ରକାଶିତ ହେବ। ତେବେ ଏହା ଭବିଷ୍ୟତରେ ଜନଗଣନା ସମୟକୁ ପରିବର୍ତ୍ତନ କରିବ। ଯେପରିକି ୨୦୨୫-୨୦୩୫ ଏବଂ ତା'ପରେ ୨୦୩୫ ରୁ ୨୦୪୫ ପର୍ଯ୍ୟନ୍ତ। ସରକାରଙ୍କ ପାଇଁ ନୀତି ପ୍ରଣୟନ ଏବଂ କାର୍ଯ୍ୟକାରୀ କରିବା ସହିତ ଦେଶର ସମ୍ବଳର ସମାନ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ଜନଗଣନା ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଜନସଂଖ୍ୟା ନୁହେଁ ବରଂ ଜନସଂଖ୍ୟା, ଅର୍ଥନୈତିକ ସ୍ଥିତି ପରି ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ମଧ୍ୟ ପ୍ରକାଶ କରେ।

### ଦେଶରେ ୧୭ ମହିଳା ସାଂସଦ, ବିଧାୟକ ବିଲିନେୟାର

# ୨୮%ଙ୍କ ନାଁରେ ଅପରାଧୀକ ମାମଲା

**ନୂଆଦିଲ୍ଲୀ :** ଭାରତରେ ୧୭ ଜଣ ମହିଳା ସାଂସଦ ଏବଂ ବିଧାୟକ ହେଉଛନ୍ତି ବିଲିୟନେୟାର। ସେହିପରି ଦେଶର ୨୮% ମହିଳା ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ନେଇ ନିର୍ବାଚନ ସଂସ୍କାର ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନ ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର) ପକ୍ଷରୁ ଜାରି ଏକ ରିପୋର୍ଟରେ ପ୍ରକାଶ ପାଇଛି। ପ୍ରାର୍ଥିପତ୍ର ଦାଖଲ ସମୟରେ ଦେଶର ୫୧୨ ଜଣ ମହିଳା ସାଂସଦ ଏବଂ ବିଧାୟକଙ୍କ ମଧ୍ୟରୁ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠକୁ ବିଶ୍ଲେଷଣ କରି ଏଡିଆର୍ ପକ୍ଷରୁ ଏହି ରିପୋର୍ଟକୁ ଜାରି କରାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ, ଲୋକ ସଭାର ୭୫ ମହିଳା ସାଂସଦଙ୍କ ମଧ୍ୟରୁ ୬ ଜଣ ହେଉଛନ୍ତି ବିଲୟନେୟାର। ସେହିପରି ରାଜ୍ୟ ସଭାର ୩୭ ଜଣ ମହିଳା ସଦସ୍ୟଙ୍କ ମଧ୍ୟରୁ ୩ ଜଣ ବିଲିୟନେୟାର ହୋଇଥିବାବେଳେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୦୦ ମହିଳା ବିଧାୟକଙ୍କ ମଧ୍ୟରୁ ୮ ଜଣ ବିଲିୟନେୟାର ରହିଛନ୍ତି। ଓଡ଼ିଶାର ୧୭ ମହିଳା ବିଧାୟକ ଓ ସାଂସଦଙ୍କ ମଧ୍ୟରୁ ଜଣେ ବିଲିୟନେୟାର ହୋଇଥିବା ଏହି ରିପୋର୍ଟ କହିଛି। ଅନ୍ୟପକ୍ଷରେ, ଲୋକ ସଭାର ୨୪ (୩୨%) ମହିଳା ସାଂସଦଙ୍କ ନାଁରେ ଆପରାଧିକ ମାମଲା ଥିବାବେଳେ ରାଜ୍ୟ ସଭାର ୧୦ (୨୭%) ମହିଳା ସଦସ୍ୟ ଏବଂ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୧୦୯ (୨୭%) ମହିଳା ବିଧାୟକଙ୍କ ନାଁରେ ଆପରାଧିକ ମାମଲା ରହିଛି। ସେଥିମଧ୍ୟରୁ ୭୮ ଜଣ ମହିଳା ଜନପ୍ରତିନିଧିଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ଲୋକ ସଭାର ୧୪ (୧୯%) ମହିଳା ସାଂସଦଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ଥିବାବେଳେ ରାଜ୍ୟ ସଭାର ୭ (୧୯%) ମହିଳା ସଦସ୍ୟ ଏବଂ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୫୭ (୧୪%) ଜଣ ମହିଳା ବିଧାୟକଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ଓଡ଼ିଶାର ୪ ଜଣ ଜନପ୍ରତିନିଧିଙ୍କ ନାଁରେ ଆପରାଧିକ ମାମଲା ରହିଥିବା ବେଳେ ସେଥିମଧ୍ୟରୁ ୨ ଜଣଙ୍କ ବିରୋଧରେ ଗମ୍ଭୀର ଆପରାଧିକ ମାମଲା ରହିଛି।

# ଡିଜିଟାଲ ଆକ୍ସେସ୍ ମୌଳିକ ଅଧିକାର : ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟ ଏକ ଐତିହାସିକ ରାୟରେ ଡିଜିଟାଲ ଆକ୍ସେସକୁ ମୌଳିକ ଅଧିକାର ଘୋଷଣା କରିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ କୋର୍ଟ ଏହି ଘୋଷଣା କରିଥିବା ବେଳେ ଏସିଡ ଆକ୍ରମଣ ପୀଡ଼ିତ ଓ ନେତ୍ରହୀନ ଲୋକଙ୍କ ନିମନ୍ତେ କ୍ନୋୟୋର କଷ୍ଟମର (କେୱାଇସି) ପ୍ରକ୍ରିୟାକୁ ଶରଳ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଗାଇଡଲାଇନ ଜାରି କରିଛନ୍ତି। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ଜେ.ବି.ପାରଦୀୱାଲା ଓ ଜଷ୍ଟିସ୍ ଆର.ମହାଦେବନଙ୍କ ଖଣ୍ଡପୀଠ ଏହି ଐତିହାସିକ ନିଷ୍ପତ୍ତି ଶୁଣାଇଛନ୍ତି। ଉପରୋକ୍ତ ପ୍ରସଙ୍ଗରେ ଆଗତ ଦୁଇଟି ଜନସ୍ୱାର୍ଥ ମାମଲାର ଶୁଣାଣିରେ ଦୁଇ ସଦସୀୟ ପୀଠ ଏହି ଯୁଗାନ୍ତକାରୀ ରାୟ ଦେଇଛନ୍ତି। ବାର ଆଣ୍ଡ ବେଞ୍ଚ ରିପୋର୍ଟ ଅନୁସାରେ କୋର୍ଟ କହିଛନ୍ତି ଯେ କେନ୍ଦ୍ର ସରକାର ଏହା ସୁନିଶ୍ଚିତ କରନ୍ତୁ ଡିଜିଟାଲ ପ୍ରକ୍ରିୟା ଖାସ କରି କେୱାଇସି ଭଳି ଅନିବାର୍ଯ୍ୟ ପ୍ରକ୍ରିୟା ସମସ୍ତଙ୍କ ଲାଗି ସୁଲଭ ହେଉ। ଏଥି ସହିତ ଏସିଡ ଆକ୍ରମଣ ପୀଡ଼ିତ ହୋଇଥାନ୍ତୁ କି କୌଣସି କାରଣରୁ ବିକୃତ



ହୋଇଥିବା ଚେହେରା ଅଥବା ଦୃଷ୍ଟିହୀନ ହୋଇଥାନ୍ତୁ। ଏହି ଅଧିକାର ସମ୍ବିଧାନର ଅନୁଚ୍ଛେଦ ୨୧(ଜୀବନ ଓ ବ୍ୟକ୍ତିଗତ ସ୍ୱତନ୍ତ୍ରତାର ଅଧିକାର), ଅନୁଚ୍ଛେଦ ୧୪ (ସମାନତାର ଅଧିକାର) ଓ ଅନୁଚ୍ଛେଦ ୧୫(ଭେଦଭାବରୁ ସୁରକ୍ଷା) ଅନୁସାରେ ସୁନିଶ୍ଚିତ କରାଯାଇଛି। କୋର୍ଟ ସ୍ୱତନ୍ତ୍ର ରୂପେ କହିଛନ୍ତି ଯେ ଡିଜିଟାଲ ଆକ୍ସେସ ଅଧିକାର ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ଜୀବନ ଅଧିକାରର ଅଭିନ୍ନ ଅଙ୍ଗ। ଜଷ୍ଟିସ ଜେ.ବି.ପାରଦିୱାଲା ଓ ଜଷ୍ଟିସ୍ ଆର.ମହାଦେବନଙ୍କ ପୀଠ କହିଛନ୍ତି ଯେ ଆମେ ଜାଣିବାକୁ ପାଇଛୁ କେୱାଇସି ପ୍ରକ୍ରିୟାରେ ପରିବର୍ତ୍ତନ ଆବଶ୍ୟକ। ଯାହା ଦ୍ୱାରା ଦିବ୍ୟାଙ୍ଗ ବିଶେଷ କରି ଏସିଡ ଆକ୍ରମଣ ପୀଡ଼ିତ ଓ ନେତ୍ରହୀନଙ୍କୁ ପ୍ରକ୍ରିୟା ପୂରା କରିବାରେ ଯେପରି ଅସୁବିଧା ନ ହୁଏ। କୋର୍ଟ ତାଙ୍କ ରାୟରେ ୨୦ଟି ନିର୍ଦ୍ଦେଶ ଜାରି କରିଛନ୍ତି, ଯେଉଁଥିରେ ଡିଜିଟାଲ କେୱାଇସି ଓ ଇ-କେୱାଇସି ପ୍ରକ୍ରିୟାଗୁଡିକୁ ଅଧିକ ସମାବେଶୀ କରିବା ସହିତ ବୈଷୟିକ ଓ ନୀତିଗତ ପରିବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଦୃଷ୍ଟିହୀନ ଓ ଅନ୍ୟ ଏପରି ନାଗରିକ ଯେଉଁମାନେ ସାଧାରଣ କେୱାଇସି ପ୍ରକ୍ରିୟା ପୂରଣ କରି ପାରୁ ନାହାନ୍ତି ସେମାନଙ୍କ ଲାଗି ବିଶେଷ ପରିବର୍ତ୍ତନର ଆବଶ୍ୟକତା ରହିଛି। ପୀଠ କହିଛନ୍ତି ଯେ ଆମେ ଦିବ୍ୟାଙ୍ଗଜନଙ୍କ ନିମନ୍ତେ ପରିବର୍ତ୍ତନ ଆବଶ୍ୟକତାକୁ ସ୍ୱୀକାର କରିଛୁ। ଏଥି ପାଇଁ ୨୦ଟି ଦିଶାନିର୍ଦ୍ଦେଶ ଜାରି କରିଛୁ। ଆବଦେନକାରୀଙ୍କ ମଧ୍ୟରେ ଏସିଡ ଆକ୍ରମଣ ପୀଡ଼ିତଙ୍କ ସମେତ ନେତ୍ରହୀନ ମଧ୍ୟ ସାମିଲ ଅଛନ୍ତି। ଏମାନେ ବିକୃତ ଚେହେରା ପାଇଁ ସେମାନଙ୍କ କେୱାଇସି ପ୍ରକ୍ରିୟା ପୂରଣ କରିପାରୁନଥିଲେ। ଡିଜିଟାଲ ଆକ୍ସେସ ଓ ଆର୍ଥିକ ଅବସରର ଏହି ଯୁଗରେ ଅନୁଚ୍ଛେଦ ୨୧ର ବ୍ୟାଖ୍ୟା ବୈଷୟିକ ଯୁଗ ଅନୁସାରେ କରିବାକୁ ହେବ ବୋଲି ପୀଠ କହିଛନ୍ତି। ଏଥିରେ ପ୍ରଥମ ପିଟିସନଟି ଓକିଲ ତଥା ଆକ୍ସେସେବିଲିଟି ପ୍ରଫେସନାଲ ଅମର ଜୈନ ଦାଖଲ କରିଥିଲେ, ଯିଏ ନିଜେ ୧୦୦% ଦୃଷ୍ଟିହୀନ। ସେ କହିଛନ୍ତି ଯେ ତାଙ୍କୁ ନିୟମିତ ରୂପେ କେୱାଇସି ପ୍ରକ୍ରିୟା ପୂରଣ କରିବାରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। କେବଳ ସେ ଏକାକୀ ନୁହନ୍ତି ତାଙ୍କଭଳି ଅନେକ ଦୃଷ୍ଟିବାଧିତ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତାଙ୍କର ତର୍କ ଏହା ଯେ ଏବେକା କେୱାଇସି ପ୍ରଣାଳୀ ଆକ୍ସେସେବିଲିଟିକୁ ଧ୍ୟାନରେ ରଖି କରାଯାଇ ନାହିଁ ଓ ଦୃଷ୍ଟିହୀନ ବ୍ୟକ୍ତି ଅନ୍ୟ କାହାର ସହାୟତା ବିନା ଏହା ପୂରଣ କରି ପାରୁ ନାହାନ୍ତି। ସେହିପରି ଦ୍ୱିତୀୟ ଆବେଦନଟି ଏସିଡ ଆକ୍ରମଣ ପୀଡ଼ିତ ପ୍ରଜ୍ଞା ପ୍ରସୁନଙ୍କ ଦ୍ୱାରା ରୁଜୁ ହୋଇଥିଲା।


# ଏପ୍ରିଲରେ ରେକର୍ଡ ୨.୩୭ ଲକ୍ଷ କୋଟିର ଜିଏସଟି ସଂଗ୍ରହ

**ନୂଆଦିଲ୍ଲୀ :** ନିକଟରେ ସମାପ୍ତ ଏପ୍ରିଲ୍ ମାସରେ ଜିଏସଟି ସଂଗ୍ରହ ସର୍ବକାଳୀନ ରେକର୍ଡ ୨.୩୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗୁରୁବାର ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଜାରି ଜିଏସଟି ତଥ୍ୟରୁ ଏହା ଜଣାପଡ଼ିଛି। ଜିଏସଟି ସଂଗ୍ରହର ଅଭିବୃଦ୍ଧି ୧୨.୬ ପ୍ରତିଶତ ରେକର୍ଡ କରାଯାଇଛି, ଯାହା ୧୭ ମାସ ମଧ୍ୟରେ ସର୍ବାଧିକ। ଖବର ଅନୁଯାୟୀ, ଏପ୍ରିଲ ୨୦୨୪ରେ ଜିଏସଟି ସଂଗ୍ରହ ୨.୧୦ ଲକ୍ଷ କୋଟି ଥିଲା, ଯାହାକି ସେତେବେଳେ ସର୍ବକାଳୀନ ରେକର୍ଡ ଥିଲା। କିନ୍ତୁ ଏପ୍ରିଲ ୨୦୨୫ ଏହି ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ ଛିଡ଼ା କରିଛି। ଚଳିତ ବର୍ଷ ମାର୍ଚ୍ଚ ମାସରେ ଜିଏସଟି ସଂଗ୍ରହ ୧ ଲକ୍ଷ ୯୬ ଲକ୍ଷ କୋଟି ଟଙ୍କା ଥିଲା। ତଥ୍ୟ ଅନୁଯାୟୀ, ଘରୋଇ କାରବାରରୁ ଜିଏସଟି ରାଜସ୍ୱ ୧୦.୭ ପ୍ରତିଶତ ବୃଦ୍ଧି ପାଇ ପ୍ରାୟ ୧.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆମଦାନୀ ସାମଗ୍ରୀରୁ ରାଜସ୍ୱ ୨୦.୮ ପ୍ରତିଶତ ବୃଦ୍ଧି ପାଇ ୪୬୯୧୩ କୋଟିରେ ପହଞ୍ଚିଛି। ଏପ୍ରିଲ ମାସରେ ପ୍ରଦାନ କରାଯାଇଥିବା ରିଫଣ୍ଡ ପରିମାଣ ୪୮.୩ ପ୍ରତିଶତ ବୃଦ୍ଧି ପାଇ ୨୭,୩୪୧ କୋଟି ହୋଇଛି। ଫେରସ୍ତ ପାଇଁ ସମାୟୋଜନ ପରେ, ଏପ୍ରିଲରେ ନିଟ୍ ଜିଏସଟି ସଂଗ୍ରହ ୯.୧ ପ୍ରତିଶତ ବୃଦ୍ଧି ପାଇ ୨.୦୯ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି।

### ଜଳବାୟୁ ପରିବର୍ତ୍ତନର ଭୟଙ୍କର ପରିଣାମ

# ବଙ୍ଗୋପସାଗରରୁ ଲୁପ୍ତ ହୋଇଯିବ ମାଛ

**ନୂଆଦିଲ୍ଲୀ:** ଭାରତର ଗରମ ଜଳବାୟୁ ବଙ୍ଗୋପସାଗର ପାଇଁ କାଳ ହେଲାଣି। ସ୍ଥିତି ଏମିତି ହେଲାଣି ଯେ ବଙ୍ଗୋପସାଗରର ଉତ୍ପାଦକତା ହ୍ରାସ ପାଇବାର ଆଶଙ୍କା ଦେଖା ଦେଇଛି। ନେଚର ଜିଓସାଇନ୍ସରେ ପ୍ରକାଶିତ ଏକ ନୂଆ ଗବେଷଣା ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଅଧ୍ୟୟନରେ କୁହାଯାଇଛି ଯେ ଭାରତର ଗ୍ରୀଷ୍ମ ମୌସୁମୀରେ ଜଳବାୟୁ-ଚାଳିତ ଚରମ ଘଟଣାଗୁଡ଼ିକ ବଙ୍ଗୋପସାଗରର ସାମୁଦ୍ରିକ ଉତ୍ପାଦକତାକୁ ସ୍ଥାୟୀ ଭାବରେ ବାଧା ଦେଇପାରେ। ଏଥିରେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିପାରେ। ରଟଗର୍ସ ବିଶ୍ୱବିଦ୍ୟାଳୟ ଓ ଆରିଜୋନା ବିଶ୍ୱବିଦ୍ୟାଳୟର ଗବେଷକମାନେ ଆନ୍ତର୍ଜାତୀୟ ସହଯୋଗୀମାନଙ୍କ ନେତୃତ୍ୱରେ, ୨୨,୦୦୦ ବର୍ଷର ମୌସୁମୀ ଏବଂ ସମୁଦ୍ର ତଥ୍ୟର ବିଶ୍ଳେଷଣ କରିଥିଲେ। ଗବେଷଣାରେ ତୀବ୍ର ବର୍ଷା କିମ୍ବା ମରୁଡ଼ି ସମୟରେ ପୃଷ୍ଠଭୂମିର ଖାଦ୍ୟ ଉପଲବ୍ଧତାରେ ୫୦% ହ୍ରାସ ପାଇପାରେ ବୋଲି ଚେତାବନୀ ଜାରି କରାଯାଇଛି। ବିଶ୍ୱ ତାପନ ମୌସୁମୀ ପରିବର୍ତ୍ତନଶୀଳତାକୁ ତୀବ୍ର କରୁଥିବାରୁ ଏଭଳି ସ୍ଥିତି ଦେଖା ଦେଇପାରେ ବୋଲି ଗବେଷଣାରୁ ଜଣାପଡ଼ିଛି। ବିଶ୍ୱ ମହାସାଗରରେ ମାତ୍ର ୧% ରୁ କମ୍ ଅଂଶରେ ବ୍ୟାପ୍ତ ଥିବା ବଙ୍ଗୋପସାଗର ବିଶ୍ୱର ମାଛ ଉତ୍ପାଦନର ପ୍ରାୟ ୮% ଯୋଗାଦାନ ଦିଏ। ଯେଉଁଥିରେ ଉପକୂଳବର୍ତ୍ତି ଲୋକଙ୍କର ପ୍ରମୁଖ ସ୍ୱାଦିଷ୍ଟ ମାଛ ଇଲିସର ଉତ୍ପଦାନ ହୋଇଥାଏ। ପରିବେଶଗତ ପରିସ୍ଥିତି ରେକର୍ଡ କରୁଥିବା ଫୋରାମିନିଫେରା-ସୂକ୍ଷ୍ମ ପ୍ଲାଙ୍କଟନର ଜୀବାଶ୍ମ ଆବରଣର ଅଧ୍ୟୟନ କରି ଏହି ଟିମ୍ ମୌସୁମୀ ପ୍ରଭାବକୁ ଆକଳନ କରିଛନ୍ତି। ଗବେଷଣା ବେଳେ ସେମାନେ ଜାଣିବାକୁ ପାଇଥିଲେ ଯେ ଅସ୍ୱାଭାବିକ ଭାବରେ ପ୍ରବଳ ଏବଂ ଦୁର୍ବଳ ମୌସୁମୀ ସମୁଦ୍ର ମିଶ୍ରଣକୁ ବାଧା ଦେଉଛି। ଗଭୀର ଜଳରୁ ପୃଷ୍ଠଦେଶରେ ଥିବା ପ୍ଲାଙ୍କଟନ ପର୍ଯ୍ୟନ୍ତ ପୋଷକ ପ୍ରବାହକୁ ଅବରୋଧ କରୁଛି। ଗବେଷଣା ଅନୁସାରେ, ହାଇନରିଚ୍ ଷ୍ଟାଡିଆଲ୍ ୧ (୧୭,୫୦୦-୧୫,୫୦୦ ବର୍ଷ ପୂର୍ବେ) ସମୟରେ, ଦୁର୍ବଳ ମୌସୁମୀ ପବନ-ଚାଳିତ ପୋଷକ ସଞ୍ଚାଳନକୁ ହ୍ରାସ କରିଥିଲା। ଏହାର ବିପରୀତ ଭାବରେ, ହୋଲୋସିନ୍ ଯୁଗର ପ୍ରାରମ୍ଭିକ ପ୍ରବଳ ବର୍ଷା



(୧୦,୫୦୦-୯,୫୦୦ ବର୍ଷ ପୂର୍ବେ) ସମୁଦ୍ର ପୃଷ୍ଠରେ ଏକ ମଧୁର ଜଳ 'କ୍ୟାପ୍' ସୃଷ୍ଟି କରିଥିଲା, ଯାହା ପ୍ଲାଙ୍କଟନଙ୍କୁ ପୁଷ୍ଟିକର ଖାଦ୍ୟର ଅଭାବ କରିଥିଲା। ଏହି ଚରମ ପରିସ୍ଥିତି ସାମୁଦ୍ରିକ ଉତ୍ପାଦକତାରେ ହ୍ରାସ ଘଟାଇଥିଲା, ଯାହା ଏବେ ପୁନରାବୃତ୍ତି ହେବାର ସମ୍ଭାବନା ରହିଛି। କାରଣ ଜଳବାୟୁ ମଡେଲଗୁଡ଼ିକ ସମୁଦ୍ରପୃଷ୍ଠ ଜଳ ଉଷ୍ମ ହେବାର ଓ ତୀବ୍ର ମୌସୁମୀ ପରିବର୍ତ୍ତନଶୀଳତାର ଭବିଷ୍ୟବାଣୀ କରୁଛି। ଯଦି ଏପରି ହେଲା ତେବେ ପ୍ରୋଟିନ୍ ଏବଂ ଜୀବିକା ପାଇଁ ବଙ୍ଗୋପସାଗରରେ ମତ୍ସ୍ୟ ଉତ୍ପାଦନ ଉପରେ ନିର୍ଭର କରୁଥିବା ୧୫୦ ନିୟୁତରୁ ଅଧିକ ଲୋକଙ୍କୁ ହୁଏତ ଖାଇବାକୁ ମାଛ ମିଳିବ ନାହିଁ। ଏନେଇ ,' ରଟଗର୍ସ ଜଳବାୟୁ ବୈଜ୍ଞାନିକ ଏବଂ ଅଧ୍ୟୟନର ସହ-ଲେଖକ ୟାୟାର ରୋସେନ୍ଥଲ କହିଛନ୍ତି 'ପ୍ଲାଙ୍କଟନ୍ ବୃଦ୍ଧି କରିବାରେ ସହାଯ୍ୟ କରୁଥିବା ସମୁଦ୍ର ପୋଷକ ଜଳ କ୍ଷମତା ହିଁ ସାମୁଦ୍ରିକ ଖାଦ୍ୟ ଉତ୍ପାଦନର ମୂଳଦୁଆ। ଏହାର ହ୍ରାସ ମାଛ ଷ୍ଟକକୁ ଭୟଙ୍କର ଭାବରେ ହ୍ରାସ କରିବ। ଗବେଷଣାରେ ଆହୁରି କୁହାଯାଇଛି ଯେ ଶକ୍ତିଶାଳୀ ମୌସୁମୀ ମଧୁର ଜଳ ପ୍ରବାହକୁ ବୃଦ୍ଧି କରିବ ଏବଂ ଦୁର୍ବଳ ପବନ ସ୍ତରୀକରଣକୁ ପ୍ରତିହତ କରିବାରେ ବିଫଳ ହୋଇଥାଏ। 'ଉଭୟ ଚରମ ପରିସ୍ଥିତି ସାମୁଦ୍ରିକ ସମ୍ପଦ ଉପଲବ୍ଧତାକୁ ବିପଦରେ ପକାଇଥାଏ ବୋଲି ଅଧ୍ୟୟନର ମୁଖ୍ୟ ଲେଖକ କୌସ୍ତୁଭ ଥିରୁମାଲାଇ ଗୁରୁତ୍ୱାରୋପ କରିଛନ୍ତି। ଉଦାହରଣ ସ୍ୱରୂପ, ଆଞ୍ଚଳିକ ପ୍ରୋଟିନ୍ ଆବଶ୍ୟକତା ପାଇଁ ଗୁରୁତ୍ୱପୂର୍ଣ୍ଣ ଇଲିସି ମାଛ ଚାଷ ବାରମ୍ବାର ଉତ୍ପାଦନ ହ୍ରାସ ହେତୁ ଧ୍ୱଂସ ପାଇପାରେ। ତେଣୁ ଏହି ଅଧ୍ୟୟନରେ ଜଳବାୟୁ ମଡେଲଗୁଡ଼ିକୁ ପରିଷ୍କାର କରିବା ଏବଂ ସ୍ଥାୟୀ ମତ୍ସ୍ୟଚାଷ ନୀତି କାର୍ଯ୍ୟକାରୀ କରିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଇଛି।

**ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ-୨୦୨୫**

# 'ରାଜ୍ୟର ମୋଟ ଅଭିବୃଦ୍ଧିର ୨୨% କୃଷି ଓ ଆନୁସଙ୍ଗିକ କ୍ଷେତ୍ରରୁ ଆସୁଛି'



**ଭୁବନେଶ୍ୱର :** ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଯଥା -ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧିକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀ ମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସି.ଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ସମୁଦାୟ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଲେ। ଏଥିରେ ସହରାଞ୍ଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀ ଭାଇ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। କିନ୍ତୁ, ଆଜି ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ କୃଷିଜାତ ସାମଗ୍ରୀ ରପ୍ତାନୀ ମଧ୍ୟ କରୁଛି। ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗୀକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର। ୨୦୧୪ ମସିହା ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠୁ ଦେଶରେ କୃଷି ଓ କୃଷକ କଲ୍ୟାଣକୁ ଏକ ନୂତନ ଦଶା ଓ ଦିଶା ମିଳିଛି। ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନୀଧି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, କୃଷି ଭିତ୍ତିଭୂମି ଆଦିର ବିକାଶ ପ୍ରଭୃତି କ୍ଷେତ୍ରରେ ଅଭୁତପୂର୍ବ ଅଗ୍ରଗତି ହୋଇଛି। ସେ ପୁଣି କହିଥିଲେ, ଆମ ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗୀକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ରାଜ୍ୟର ମୋଟ ଅଭିବୃଦ୍ଧିର ୨୨ ପ୍ରତିଶତ କୃଷି ଓ ଆନୁଷଙ୍ଗୀକ କ୍ଷେତ୍ରରୁ ଆସିଥାଏ। ଚାଷ ସହିତ ନିଜର ଅନୁଭୂତି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଚାଷ କାର୍ଯ୍ୟ କଠିନ ପରିଶ୍ରମର କାର୍ଯ୍ୟ। ଶସ୍ୟ ନିଅଣ୍ଟିଆ ରାଜ୍ୟରୁ ଶସ୍ୟ ବଳକା ରାଜ୍ୟରେ ପରିଣତ କରିଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଥିଲେ। ଜଳବାୟୁ ଅନୁକୂଳ କୃଷି କାର୍ଯ୍ୟ ଆପଣାଇବା ପାଇଁ ସେ ଚାଷୀ ଭାଇ ଭଉଣୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆମ ସରକାର ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ। ପୂର୍ବ ସରକାର ଏମ.ଏସ୍.ପି ପାଇଁ କେବଳ ବିଧାନସଭାରେ ଏକ ରିଜୋଲ୍ୟୁସନ ଆଣି ଚୁପ୍ ରହିଗଲେ। ଆମେ କଥା ଦେଇଥିଲୁ, କଥା ରଖି ୩,୧୦୦ ଟଙ୍କା ଏମ.ଏସ୍.ପି ଦେଲୁ। ଚାଷୀଙ୍କ ପାଇଁ ଭାବନା ଭଲ ରହିବା ଉଚିତ୍। ସେତେବେଳେ ଇଚ୍ଛା ଶକ୍ତିର ଅଭାବ ଥିଲା, ଏବେ ଆମ ପାଖରେ ଚାଷୀଙ୍କ ଉନ୍ନତି ପାଇଁ ଇଚ୍ଛା ଶକ୍ତି ଅଛି। ଆଗାମୀ ପାଞ୍ଚ ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ଆମେ ପ୍ରତି ସବ୍‌ଡିଭିଜନ୍‌ରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ପଦକ୍ଷେପ ନେଉଛୁ। ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ କୃଷି କାର୍ଯ୍ୟ ସହିତ ମାଛ ଚାଷ, ପ୍ରାଣୀ ପାଳନ, କୁକୁଡା ଓ ବତକ ଚାଷ ପାଇଁ ରିହାତି ସହିତ ଆବଶ୍ୟକ ସହାୟତା ଯୋଗାଇ ଦେଉଛୁ। ଚାଷ କାର୍ଯ୍ୟ ଆରମ୍ଭ ଠାରୁ ଫସଲ ବିକ୍ରୀ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଆମେ ଚାଷୀଙ୍କ ସହିତ ଅଛୁ, ସୁବିଧା ଅସୁବିଧା ସମୟରେ ଆମେ ଚାଷୀଙ୍କ ପାଖରେ ପହଞ୍ଚିବୁ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓୟୁଏଟିର ବରମୁଣ୍ଡା କୃଷି ଶୈକ୍ଷିକ ଫାର୍ମ ଠାରେ ଓଡିଆ ପରମ୍ପରା ଅନୁଯାୟୀ ପାରମ୍ପରିକ ହଳ ଲଙ୍ଗଳରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଦ୍ୱାରା ୧୯୨୧ ମସିହାରେ ରଚିତ 'କୃଷକ ସଂଗୀତ ପୁସ୍ତକ' ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ଅବସରରେ ସ୍ୱଭାବ କବିଙ୍କ ବଂଶଧର ଉପସ୍ଥିତ ଥିଲେ।

# ଗରିବଙ୍କ ପାଇଁ 'ସହଯୋଗ'





**ଭୁବନେଶ୍ୱର :** ରାଜ୍ୟ ସରକାର ଗରିବ ଲୋକଙ୍କର ସମସ୍ୟାର ସମାଧାନ ସହଜରେ ଶେଷ କରିବା ପାଇଁ ଆଉ ଏକ ପଦକ୍ଷେପ ନେଇଛନ୍ତି। ଏଥି ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରୟାସ କରାଯାଇଛି। ରାଜ୍ୟର ଗରିବ ଲୋକେ 'ସହଯୋଗ' ମାଧ୍ୟମରେ ଉପକୃତ ହେବେ। ସହରାଞ୍ଚଳରେ ରହୁଥିବା ଗରିବ ଲୋକଙ୍କ ହାତ ପାହାନ୍ତାରେ ବିଭିନ୍ନ ଯୋଜନାର ଫାଇଦା ପହଞ୍ଚାଇବା ଲାଗି କାମ କରିବ 'ସହଯୋଗ'। ପ୍ରାରମ୍ଭିକ ଭାବେ ଏଥିରେ ୮ଟି ବିଭାଗର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ୍‌କାର୍ଡ, ଆୟୁଷ୍ମାନ କାର୍ଡ, ଭିନ୍ନକ୍ଷମ ପରିଚୟପତ୍ର, ସୁଭଦ୍ରା, ଶ୍ରମ କାର୍ଡ, ମଧୁବାବୁ ପେନସନ, ସୁକନ୍ୟା ସମୃଦ୍ଧି ଭଳି ୧୩ଟି ଯୋଜନାକୁ ସାମିଲ କରାଯାଇଛି। ଆଗାମୀ ଦିନରେ ଏଥିରେ ଆହୁରି ଅନେକ ଯୋଜନା ସାମିଲ କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି ଯେ, ଟାଟା ଫାଉଣ୍ଡେସନ ଟ୍ରଷ୍ଟ ସହଯୋଗରେ ବିଭିନ୍ନ ପୌରାଞ୍ଚଳରେ ଥିବା ଫ୍ରଣ୍ଟଲାଇନ୍ ୱାର୍କରମାନେ ଏନେଇ ସର୍ଭେ କରିବା ସହ ବିଭିନ୍ନ ଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଦିଗରେ କାମ କରିବେ। ଆଜିଠାରୁ ୨ ମାସ ଧରି ଚାଲିବ ଏହି ଅଭିଯାନ। ଡୋର ଟୁ ଡୋର ସର୍ଭେ କରିବେ ଫ୍ରଣ୍ଟଲାଇନ୍ ୱାର୍କର। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା, କଟକ, ଭଦ୍ରକ, ଗଞ୍ଜାମ, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଭଳି ୮ଟି ଜିଲ୍ଲାର ୪୪ ପୌରାଞ୍ଚଳରେ କାର୍ଯ୍ୟକାରୀ ହେବ ସହଯୋଗ।

# ପ୍ରଫେସର ଏନ୍ ସି ପଣ୍ଡା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି



**କୋରାପୁଟ :** ବିଶିଷ୍ଟ ସଂସ୍କୃତ ପଣ୍ଡିତ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶିକ୍ଷାବିତ୍ ପ୍ରଫେସର ନରସିଂହ ଚରଣ ପଣ୍ଡା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ଦ୍ୱାରା ଜାରି ହୋଇଥିବ ଏକ ପତ୍ର କ୍ରମେ ଏବଂ ୨୦୨୫ ମେ' ୧ ତାରିଖରେ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଦ୍ୱାରା ଜାରି ଏକ ସରକାରୀ ଆଦେଶ ପରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆ କୁଳପତି ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବର୍ତ୍ତମାନ ସିୟୁଓର ସବୁଠାରୁ ବରିଷ୍ଠ ପ୍ରଫେସର ତଥା ସମସ୍ତ ସ୍କୁଲର ଡିନ୍ ପ୍ରଫେସର ପଣ୍ଡା ଏହି ପଦବିରେ କାର୍ଯ୍ୟ କରିବେ। କୁଳପତି ପଦରୁ ପ୍ରଫେସର ଚକ୍ରଧର ତ୍ରିପାଠୀ ଇସ୍ତଫା ଦେବା ପରେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ତାଙ୍କ ଇସ୍ତଫାକୁ ଭାରତର ମହାମହିମ ରାଷ୍ଟ୍ରପତି ଗ୍ରହଣ କରିଛନ୍ତି। ପ୍ରଫେସର ତ୍ରିପାଠୀ ସେପ୍ଟେମ୍ବର ୨୬, ୨୦୨୨ ରେ ସିୟୁଓରେ କୁଳପତି ଭାବେ ଯୋଗ ଦେଇଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଫେସର ପଣ୍ଡା ବିଶ୍ୱବିଦ୍ୟାଳୟ ସମୁଦାୟକୁ ସମ୍ବୋଧିତ କରି କହିଥିଲେ, ଏହା ବିଶ୍ୱବିଦ୍ୟାଳୟ ପାଇଁ ଏକ ଆହ୍ୱାନପୂର୍ଣ୍ଣ ସମୟ ଏବଂ ସାମୂହିକ ପ୍ରୟାସ ଦ୍ୱାରା ହିଁ ଆମେ ଆଗକୁ ବଢ଼ିପାରିବା। ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ, ଅଧିକାରୀ, କର୍ମଚାରୀ, ଗବେଷକ, ଛାତ୍ରଛାତ୍ରୀ ଓ ସମସ୍ତ ଅଂଶୀଦାରଙ୍କ ଠାରୁ ଆନ୍ତରିକ ସମର୍ଥନ ପାଇଁ ସେ ଆହ୍ୱାନ ଦେଇଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି। ସେ ବାରଣାସୀର ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର (ଆଇଜିଏନସିଏ)ରେ ରିସର୍ଚ୍ଚ ଅଫିସର ଭାବରେ କାର୍ଯ୍ୟ କରିଛନ୍ତି ଏବଂ କଳାତତ୍ତ୍ୱକୋସା ସମେତ ଅନେକ ବିଶେଷ ପୁସ୍ତକର ସମ୍ପାଦନା କରିଛନ୍ତି । ଜଣେ ଦକ୍ଷ ଲେଖକ ଓ ସମ୍ପାଦକ ପ୍ରଫେସର ପଣ୍ଡା ୨୮ଟି ପୁସ୍ତକ ଓ ୧୪୫ଟି ଗବେଷଣା ଲେଖା ପ୍ରକାଶ କରିବା ସହ ବିଶ୍ୱେଶ୍ୱରନନ୍ଦ, ଇଣ୍ଡୋଲୋଜିକାଲ ଜର୍ଣ୍ଣାଲ (ୟୁଜିସି-କେୟାର ତାଲିକାଭୁକ୍ତ) ଏବଂ ସିଲପାକୋର୍ଣ୍ଣ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଅନ୍ତର୍ଜାତୀୟ ଇଣ୍ଡୋଲୋଜି ଓ କଲ୍ଚର ପତ୍ରିକା 'ଥାଇ ପ୍ରଜ୍ଞା' ଭଳି ପ୍ରତିଷ୍ଠିତ ପତ୍ରିକାର ସମ୍ପାଦନା କରିଛନ୍ତି। ତାଙ୍କର ଏହି କାର୍ଯ୍ୟ ଉଭୟ ଭାରତ ଓ ବିଦେଶର ପ୍ରତିଷ୍ଠିତ ପତ୍ରିକାରେ ବ୍ୟାପକ ଭାବରେ ପ୍ରକାଶିତ ହୋଇଛି। ସେ ବିଶ୍ୱର ଅନେକ ଶିକ୍ଷାନୁଷ୍ଠାନର ସଂପାଦକୀୟ ଏବଂ ଉପଦେଷ୍ଟା ବୋର୍ଡରେ କାର୍ଯ୍ୟ କରୁଛନ୍ତି। ତାଙ୍କର ଶିକ୍ଷାଗତ ଅବଦାନ ତାଙ୍କୁ ସଂସ୍କୃତି ମହାମହପାଧ୍ୟାୟ ପୁରସ୍କାର (୨୦୨୪) ଏବଂ ବାଗଦେବୀ ସମ୍ମାନ (୨୦୨୫) ସମେତ ଅନେକ ସମ୍ମାନ ପ୍ରଦାନ କରିଛି। ଅଭିଜ୍ଞ ଓ ଦୂରଦର୍ଶୀ ନେତୃତ୍ୱରେ ପ୍ରଫେସର ପଣ୍ଡାଙ୍କ ନିଯୁକ୍ତିକୁ ସିୟୁଓର ଏକାଡେମିକ ମିଶନର ସଫଳତା କ୍ରମାଗତ ଭାବେ ବିକାଶ ପଥରେ ଆଗେଇବା ବୋଲି ବିବେଚନା କରାଯାଉଛି ବୋଲି ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

## ଆଇନଜୀବୀ ମାନେ ଜିଏସଟି ଓ ସେବା ଟିକସ ପରିସରଭୁକ୍ତ ନୁହନ୍ତି : ହାଇକୋର୍ଟ



**କଟକ :** ବ୍ୟକ୍ତିଗତ ଭାବେ ଓକିଲାତି କରୁଥିବା ଆଇନଜୀବୀ ମାନଙ୍କୁ ଜିଏସଟି କିମ୍ବା ସେବା ଟିକସ ପରିଭୁକ୍ତ କରାଯାଇପାରିବ ନାହିଁ। ଏହି ଆଇନଜୀବୀ ମାନେ ସେମାନଙ୍କ ଆଇନ ପେସାରୁ କରୁଥିବା ଆୟ ଉପରେ ଜିଏସଟି କିମ୍ବା ଆୟକର ପ୍ରଦାନରୁ ମୁକ୍ତ ବୋଲି ହାଇକୋର୍ଟ କହିଛନ୍ତି। ଭୁବନେଶ୍ୱର ନିବାସୀ ଜନୈକ ଆଇନଜୀବୀଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରଦାନ କରିଛନ୍ତି। ଏଥିସହ ଆବେଦନକାରୀଙ୍କୁ ଭୁବନେଶ୍ୱର ଜିଏସଟି ଅଧୀକ୍ଷକଙ୍କ ପକ୍ଷରୁ ୨୦୨୧ଏପ୍ରିଲ୧୫ରେ ପ୍ରଦାନ କରାଯାଇଥିବା ୨ଲକ୍ଷ୧୪ହଜାର୬୦୦ଟଙ୍କାର ସେବା କର ଆଦାୟ ନୋଟିସ ଓ ୨୦୨୫ଜାନୁଆରି୨୮ର ୨,୩୪୬୦୦ଟଙ୍କାର ଜରିମାନା ଯୁକ୍ତ କର ପଇଠ ବାବଦ ନୋଟିସକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଅନ୍ୟପଟରେ, ଗତ ୨୦୧୮-୧୯ ଓ ୨୦୨୦-୨୧ ବର୍ଷ ପାଇଁ ଆବେଦନକାରୀ ନିଜର ଗୃହ ସମ୍ପତ୍ତିରୁ କରିଥିବା ଆୟ ଦର୍ଶାଇଥିବାରୁ ଏହି ଆୟ ଉପରେ ସମ୍ପୃକ୍ତ ବିଭାଗ ଆଇନ ଅନୁସାରେ ଟିକସ ଆଦାୟ କରିପାରିବ ବୋଲି କହିଛନ୍ତି ଖଣ୍ଡପୀଠ। ବ୍ୟକ୍ତିଗତ ତଥା ସ୍ୱାଧିନ ଭାବେ ଓକିଲାତି କରୁଥିବା ଆଇନଜୀବୀ ମାନଙ୍କୁ ଜିଏସଟି ନୋଟିସ ନେଇ ୨୦୨୧ମାର୍ଚ୍ଚ୩୧ରେ ହାଇକୋର୍ଟ ମଧ୍ୟ ଉଦବେଗ ପ୍ରକାଶ କରିଥିଲେ। ଅଯଥାରେ ଏଭଳି ନୋଟିସ ପଠାଇ ନିର୍ଯାତନା ନଦେବାକୁ ସେହି ସମୟରେ ହାଇକୋର୍ଟ କହିଥିଲେ। ଏହି ଆଧାରରେ ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ମଧ୍ୟ ଜାରି ହୋଇଥିବା ନେଇ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

### ଡ୍ରପ୍ ଆଉଟ୍ ରୋକିବାକୁ ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି

## ଘରକୁ ଘର ବୁଲି ପିଲାଙ୍କୁ ଚିହ୍ନଟ କରିବେ ଶିକ୍ଷକ



**ଭୁବନେଶ୍ୱର :** ଡ୍ରପ୍ ଆଉଟ୍ ରୋକିବାକୁ ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି। ଏଣିକି ଘରକୁ ଘର ବୁଲି ଶୂନରୁ ୧୮ ବର୍ଷରୁ କମ୍ ପିଲାଙ୍କୁ ଚିହ୍ନଟ କରିବେ ଶିକ୍ଷକ, ଶିକ୍ଷୟିତ୍ରୀ। କେଉଁ ଗ୍ରାମର କେତେ ପିଲା ଅଧାରୁ ପାଠପଢ଼ା ଛାଡ଼ିଛନ୍ତି ତାହାର ତାଲିକା ପ୍ରସ୍ତୁତ କରିବେ। ବିଦ୍ୟାଳୟ ଆଖପାଖ ଅଞ୍ଚଳ ସମେତ ନିକଟବର୍ତ୍ତୀ ଗ୍ରାମ, ପଡ଼ା, ସାହି, କଲୋନୀରେ ପହଞ୍ଚି ସେମାନେ ପିଲାଙ୍କ ସମ୍ପର୍କରେ ଟିକିନିଖି ତଥ୍ୟ ସଂଗ୍ରହ କରିବେ। ଆଦୌ ସ୍କୁଲ ମାଟି ମାଡ଼ି ନଥିବା ପିଲାଙ୍କୁ ଗୁରୁତ୍ୱ ଦିଆଯିବ। ଯଦି ସ୍କୁଲ ଯାଇ ଅଧାରୁ ପାଠପଢ଼ା ଛାଡ଼ିଥାନ୍ତି ତାହା ହେଲେ କେଉଁ ବିଦ୍ୟାଳୟରେ ପଢୁଥିଲେ ତାହା ମଧ୍ୟ ଉଲ୍ଲେଖ କରିବେ। କେଉଁ କାରଣ ପାଇଁ ଅଧାରୁ ପାଠପଢ଼ା ଛାଡ଼ିଛନ୍ତି ତାହା ମଧ୍ୟ ସ୍ପଷ୍ଟ କରିବେ। ପ୍ରଧାନ ଶିକ୍ଷକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ, ଶିକ୍ଷୟିତ୍ରୀ ଏହି କାର୍ଯ୍ୟ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ ୩୦ରୁ ମେ ୫ ମଧ୍ୟରେ ଗୋଟିଏ ସମୟରେ ସାରା ରାଜ୍ୟରେ ସର୍ଭେ କରାଯାଉଛି।

# କୃଷି ଓ କୃଷକ ସଶକ୍ତିକରଣ ପାଇଁ ଆମେ ପ୍ରତିବଦ୍ଧ : ଉପମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର :** ସୁସ୍ଥାୟୀ କୃଷି ନିମନ୍ତେ ଏକ ଐତିହାସିକ ବିକାଶ ଜନିତ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ରାଜ୍ୟର କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ କୃଷିକୁ ସାମଗ୍ରିକ ରୂପାନ୍ତରଣ କରିବା ଦିଗରେ ସହଯୋଗ ପାଇଁ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା କୃତ୍ରିମ ବୁଦ୍ଧିମତ୍ତା, ଜଳବାୟୁ ଅନୁକୂଳ ଆନୁଷଙ୍ଗିକ କୃଷି ଏବଂ ଯଥା ଯଥ କୃଷି ପଦ୍ଧତି ଦ୍ୱାରା କୃଷି, ମତ୍ସ୍ୟ ଓ ଗୋପାଳନର ଉତ୍ପାଦକତା ବୃଦ୍ଧି ଘଟି ପାରିବ। କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଆନୀତ ଏହି ଦୀର୍ଘକାଳୀନ ସହଭାଗିତା, ଗବେଷଣା, ବୈଷୟିକ ସହାୟତା ଏବଂ ଜଳବାୟୁ ଅନୁକୂଳ କୃଷିକୁ ରାଜ୍ୟରେ ପ୍ରୋତ୍ସାହିତ କରିବ। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି ଯେ ଗେଟ୍ସ ଫାଉଣ୍ଡେସନ ସହିତ ବୁଝାମଣାପତ୍ର ଓଡ଼ିଶାକୁ ଭବିଷ୍ୟତ କୃଷିର ଉତ୍ଥାନ ନିମନ୍ତେ ପ୍ରସ୍ତୁତ କରିବ। ରାଜ୍ୟର ଚାଷୀମାନଙ୍କୁ ଲାଭ ପହଞ୍ଚାଉଥିବା ଜ୍ଞାନ, ନବସୃଜନ ଏବଂ ସହଭାଗିତାରେ ନିବେଶ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଅଲକେଶ ୱାଧୱାନୀ, ନିର୍ଦ୍ଦେଶକ, ଦାରିଦ୍ର୍ୟତା ହ୍ରାସ ବିଭାଗ, ଗେଟ୍ସ ଫାଉଣ୍ଡେସନ କହିଲେ ଯେ, ଓଡ଼ିଶା ସହ ସହଭାଗିତାରେ କାର୍ଯ୍ୟ କରି ଆମେ ଖୁସି, ବିଶେଷକରି କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ। ଏହି ସହଭାଗିତାକୁ ଆଗକୁ ବଢାଇବାକୁ ଆମେ ଉତ୍ସୁକ। ଫାଉଣ୍ଡେସନ ଓଡିଶାରେ କୃଷି ସହନଶୀଳ ପଦ୍ଧତିକୁ ଆଧାର କରି ପ୍ରଚଳିତ ବୈଷୟିକ ଜ୍ଞାନର ସଂଗ୍ରହ ସହିତ ଏହା କିପରି କୃଷକ ମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିବ ଏବଂ ରାଜ୍ୟରେ କୃଷି କ୍ଷେତ୍ରର ଅଭିବୃଦ୍ଧି ସହିତ ନବସୃଜନକୁ ପ୍ରୋତ୍ସାହିତ କରିବ, ସେ ଦିଗରେ ଯଥା ସମ୍ଭବ ପ୍ରଚେଷ୍ଟା କରିବ। ଚୁକ୍ତି ପତ୍ର ଏବଂ ବିବରଣୀ ଉନ୍ମୋଚନ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ସ୍ୱାକ୍ଷରିତ ଏହି ବୁଝାମଣା ପତ୍ର ମାଧ୍ୟମରେ ଜଳବାୟୁ ଅନୁକୂଳ କୃଷି ସହଭାଗିତା ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଛି। ଜଳବାୟୁ ଅନୁକୂଳ କୃଷି ସହଭାଗିତା ଚୁକ୍ତି ବିଭିନ୍ନ ସରକାରୀ ସଂସ୍ଥା, ଗବେଷଣା ପ୍ରତିଷ୍ଠାନ, ନାଗରିକ ସମାଜ ଏବଂ ବେସରକାରୀ ଅନୁଷ୍ଠାନ ଏବଂ କୃଷକ ସଂଘମାନଙ୍କୁ ଏକତ୍ର କରି ଜଳବାୟୁ ଅନୁକୂଳ କୃଷି ଆପଣେଇବା ଏବଂ ନବସୃଜନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସହଯୋଗୀ ପ୍ଲାଟଫର୍ମ ଯୋଗାଇ ଦେବ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନୀତି ଅଧ୍ୟୟନ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ 'ଓଡ଼ିଶାରେ ଜଳବାୟୁ ଅନୁକୂଳ କୃଷି ଓ ଜିଲ୍ଲାଗୁଡ଼ିକର ତଥ୍ୟ ସମ୍ବଳିତ ପ୍ରାଥମିକତା' ଉପରେ ଏକ ସ୍କୋପିଂ ରିପୋର୍ଟ ଉନ୍ମୋଚନ ହୋଇଥିଲା। ଏହି ରିପୋର୍ଟରେ ଜିଲ୍ଲାୱାରୀ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ମୂଲ୍ୟାୟନ, ବିଭିନ୍ନ ଉତ୍ସର ବ୍ୟବହାର, କୃଷି କ୍ଷେତ୍ରରୁ ସବୁଜ ଗ୍ୟାସ ନିର୍ଗମନ ସହ ଜିଲ୍ଲାୱାରୀ ଜଳବାୟୁ ଅନୁକୂଳ କୃଷି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ ଦ୍ୱାରା 'ପଡିଆ ଜମିର ରୂପାନ୍ତରଣ - ଓଡ଼ିଶାରେ ବ୍ୟାପକ ଧାନ ଅମଳ ପରବର୍ତ୍ତୀ ପଡିଆ ଜମିର ପରିଚାଳନା କାର୍ଯ୍ୟକ୍ରମର ପ୍ରଭାବ ମୂଲ୍ୟାୟନ' ଶୀର୍ଷକ ଏକ ରିପୋର୍ଟ ପ୍ରକାଶିତ ହୋଇଥିଲା।

**ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ**

# ସମସ୍ତ ପ୍ରକାରର ପ୍ରସ୍ତୁତି କରିବାକୁ ବିଭାଗକୁ ନିର୍ଦ୍ଦେଶ



**ଭୁବନେଶ୍ୱର :** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୧୯ ମସିହା ମଇ ମାସରେ ଗ୍ରୀଷ୍ମକାଳୀନ ବାତ୍ୟା 'ଫନୀ'ର ଅଭିଜ୍ଞତାକୁ ଭିତ୍ତି କରି ରାଜ୍ୟରେ ଗ୍ରୀଷ୍ମକାଳୀନ ବାତ୍ୟା ପରିଚାଳନା ନେଇ ବୈଠକରେ ବିଭିନ୍ନ ବିଭାଗର ପ୍ରସ୍ତୁତି ସଂପର୍କରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ସମୀକ୍ଷା କରି ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି କରିବାକୁ ସଂପୃକ୍ତ ବିଭାଗଗୁଡ଼ିକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ବାତ୍ୟା ନେଇ କୌଣସି ସୂଚନା ନଥିବାବେଳେ ଯେକୌଣସି ବିପର୍ଯ୍ୟୟର ସମ୍ମୁଖୀନ କରିବା ପାଇଁ ପ୍ରତି ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ କହିଥିଲେ। ଏତଦବ୍ୟତୀତ ବାତ୍ୟା ସୂଚନା ତଳ ସ୍ତରରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଖୁବ୍‌ଶୀଘ୍ର ପହଞ୍ଚାଇବା ପାଇଁ ଥିବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓ ରଞ୍ଜନ କୁମାର ସିଂହ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସଂପର୍କରେ ସୂଚନା ଦେଇଥିଲେ। ଓସ୍‌ଡମା ପକ୍ଷରୁ ବାତ୍ୟା ପ୍ରସ୍ତୁତି ସଂପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଥିଲା। ପାଣିପାଗର ପୂର୍ବାନୁମାନ ସ୍ଥିତି ସଂପର୍କରେ ଅବଗତ କରି ବାତ୍ୟା କିମ୍ବା ପାଣିପାଗ ସତର୍କ ସୂଚନା ପ୍ରସାରଣ ପାଇଁ ବର୍ତ୍ତମାନର ବ୍ୟବସ୍ଥା, ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ ସତର୍କ ସୂଚନା ଜାରି ଏବଂ ଗୋପାଳପୁର ଓ ପାରାଦ୍ୱୀପଠାରେ ଡପଲର ୱେଦର ରାଡାର ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଇଥିବା ସଂପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏଥି ସହ ବାଲେଶ୍ୱର ଓ ସମ୍ବଲପୁରଠାରେ ଡପଲର ୱେଦର ରାଡାର ଷ୍ଟେସନ୍ ପ୍ରତିଷ୍ଠା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଓସ୍‌ଡମା ପକ୍ଷରୁ କୁହାଯାଇଥିଲା। ସେହିଭଳି ଅଗ୍ନିଶମ ସେବାର ମହାନିର୍ଦ୍ଦେଶକ ଶ୍ରୀ ସୁଧାଂଶୁ ଷଡ଼ଙ୍ଗୀ ବିଭାଗର ପ୍ରସ୍ତୁତି ସଂପର୍କରେ ପ୍ରକାଶ କରିବା ସହ ବାତ୍ୟା ସମୟରେ ଟେଲି ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଭାସି ମାଧ୍ୟମରେ ଯୋଗ ଦେଇଥିବା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର ଓଡ୍ରାଫ୍ ବାହିନୀର ବିଭିନ୍ନ ସ୍ଥାନକୁ ମୁତୟନ ପ୍ରସ୍ତୁତି ସଂପର୍କରେ ଅବଗତ କରାଇଥିଲେ। ସେହିଭଳି ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର.କେ. ଶର୍ମା ବିଭିନ୍ନ ପ୍ରସ୍ତୁତି ସଂପର୍କରେ ମଧ୍ୟ ବୈଠକରେ ମତ ଦେଇଥିଲେ। ଅନ୍ୟ ପକ୍ଷରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ କହିଲେ ଯେ ୟୁନିଫାଇଡ୍ କମାଣ୍ଡ ସିଷ୍ଟମ୍ ସୁଦୃଢ଼ୀକରଣ କରାଯାଇ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ଦ୍ରୁତ ସେବା ପ୍ରଦାନ କରାଯାଇପାରିବ। ଏଥି ନିମନ୍ତେ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିବା ସହ ନିତାନ୍ତ ଆବଶ୍ୟକ କରୁଥିବା ସେବା ଉପରେ ପ୍ରାଥମିକ ଭିତ୍ତିରେ ଗୁରୁତ୍ୱାରୋପ କରିବାକୁ ସେ ମତ ଦେଇଥିଲେ। ଏଥି ସହ ସହରାଞ୍ଚଳରେ ବନ୍ୟା ଜଳ ନିଷ୍କାସନ ପ୍ରସ୍ତୁତି ସଂପର୍କରେ ମହାନଗର ନିଗମ ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରବିନ୍ଦ ଡାକୁଆ ମତାମତ ଦେଇଥିଲେ। ସମ୍ଭାବ୍ୟ ବାତ୍ୟା ସମୟରେ ମୋବାଇଲ୍ ଟାୱାର ସୁଦୃଢ଼ୀକରଣ ଓ ଦ୍ରୁତ ବିଦ୍ୟୁତ ସଂଯୋଗ ଆଦି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏତଦ୍‌ବ୍ୟତୀତ ବାତ୍ୟା ଆଶ୍ରୟ ସ୍ଥଳୀ, ସ୍ଥାନୀୟ ବ୍ଲକ୍ ପ୍ରଶାସନ, ସରପଞ୍ଚ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗତାରେ କାର୍ଯ୍ୟ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏତଦ୍‌ବ୍ୟତୀତ ଜଳସମ୍ପଦ, ଖାଦ୍ୟଯୋଗାଣ, ଡ୍ରେନେଜ୍ ବ୍ୟବସ୍ଥା, ଡାକ୍ତରୀ ସେବା, ମହିଳା ଓ ଶିଶୁ ବିକାଶ ଆଦି ପ୍ରସ୍ତୁତି ସଂପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓସ୍‌ଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ କମଳ ଲୋଚନ ମିଶ୍ର, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ, ଓଡ଼ିଶା ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ପ୍ରେମ କୁମାର ଝା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ ନୀଳକଣ୍ଠ ମିଶ୍ର, ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ସଂଜୀବ ଦ୍ୱିବେଦୀ, ଓସ୍‌ଡମାର ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା, ସ୍ନିଗ୍ଧା ଚମ୍ପତିରାୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।





ଭୁବନେଶ୍ୱର, ୫ - ୧୧ ମଇ, ୨୦୨୫

# ଆମ ପରମ୍ପରା, ଆମ ସଂସ୍କୃତି

ଧର୍ମ ଓ ସଂସ୍କାରକୁ ନେଇ ପ୍ରତ୍ୟେକ ଓଡ଼ିଆ ଗର୍ବ କରନ୍ତି । ଆମର ଚଳଣି, ସଭ୍ୟତା ଓ ସଂସ୍କୃତି ଅତି ପ୍ରାଚୀନ । ପ୍ରଭୁ ଶ୍ରୀଜଗନ୍ନାଥ ଆମ କୁଳ ଦେବତା ଏବଂ ଆମର ସଂସ୍କୃତି ଶ୍ରୀଜଗନ୍ନାଥ ସଂସ୍କୃତି । ପ୍ରତ୍ୟେକ ଓଡ଼ିଆ ପରିବାରରେ ଶୁଭ କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ହିଁ ସ୍ମରଣ କରାଯାଏ ଏବଂ ନିମନ୍ତ୍ରଣ ମଧ୍ୟ କରାଯିବା ପରମ୍ପରା ରହିଛି । ହେଲେ ଆଜିକାଲି ଉଚ୍ଚ ଶିକ୍ଷିତ କିଛି ଓଡ଼ିଆ ପରିବାର ଯେଉଁମାନେ ଭାରତ ଛାଡ଼ି ବିଦେଶରେ ଅବସ୍ଥାପିତ ହୋଇଛନ୍ତି ସେମାନେ କେତେ ମାନୁଛନ୍ତି ଆମ ଓଡ଼ିଆ ସଂସ୍କୃତି ! ଏହାରି ଉପରେ ଏକ ଆଲୋଚନା କରିବାକୁ ଉଚିତ ମଣିଲି । କାରଣ ଜଣେ ବନ୍ଧୁ ଗତ ସପ୍ତାହରେ ମୋ ସହ ଦେଖାହୋଇଥିଲେ । ବୟସରେ ମୋ ଠାରୁ ଅନେକ ସାନ ହୋଇଥିବା ସତ୍ତ୍ୱେ ତାଙ୍କର ମୋର ବ୍ୟବହାର ବନ୍ଧୁଠାରୁ ଅଧିକ । କଥା ପ୍ରସଙ୍ଗରେ ସେ କହିଲେ, ମଣିଷ ଅଧିକ ପାଠ ପଢ଼ିଲେ କଣ ଆମ ଓଡ଼ିଆ ଘର ପରମ୍ପରା ଭୁଲିଯିବା ଉଚିତ କି ? ମୁଁ କହିଲି ନା, ପରମ୍ପରା ତ ପରମ୍ପରା ଏଥିରେ ଶିକ୍ଷାଗତ ପ୍ରଶ୍ନ ଆସୁଛି କୁଆଡ଼ୁ ! ଆମେ ଜନ୍ମରୁ ଯେଉଁଭଳି ସଂସ୍କାର ପାଇଛେ ତାହା ତ ଆମ ଭବିଷ୍ୟତ ପିଢ଼ିକୁ ଦିଗଦର୍ଶନ ଦେବା ଉଚିତ । ହେଲେ କଥା କଣ ବୋଲି ପଚାରିବାରୁ ସେ କହିଲେ ଗତକାଲି ତାଙ୍କ ପୁତୁରା (ବଡଭାଇଙ୍କ ପୁଅ)ର ଜନ୍ମଦିନ ଥିଲା । ବାପାଙ୍କ ଅସୁସ୍ଥତା କାରଣ ହେତୁ ଭାଉଜ ପୁତୁରାଙ୍କୁ ଧରି ସୁଦୂର କାନାଡ଼ାରୁ ଘରକୁ ଆସିଛନ୍ତି । ଭାଉଜ ରବିବାର ଦିନ ଆସି ପହଞ୍ଚି ବାପାଙ୍କ ଭଲ ମନ୍ଦ ତଥା ପରିବାର ଖବର ବୁଝିବା ପରେ ସୋମବାର ତାଙ୍କ ବାପଘରକୁ ଗଲେ ଏବଂ ମଙ୍ଗଳବାର ସକାଳେ ଘରକୁ ଫେରିଆସିଲେ । ଯେହେତୁ ପୁଅର ଜନ୍ମଦିନ ଆମ ଘରେ ପାଳନ ହେବ ସେହେତୁ ସେ ବାପଘରେ ଆଉ ଅଧିକ ସମୟ ରହିଲେ ନାହିଁ କହିଲି ଏହାତ ଅତି ଭଲ କଥା । ପରିବାର ଭିତରେ ପିଲାଙ୍କ ଜନ୍ମଦିନ ପାଳନ ହେଲେ ସମସ୍ତେ ଏହାର ଭାଗିଦାରୀ ହୁଅନ୍ତି ଓ ବଡ଼ ସାନ ସଭିଏଁ ମିଶି ପିଲାଟିକୁ ଆଶୀର୍ବାଦ ଦିଅନ୍ତି । ସେ କହିଲେ ଆମେ ତ ସେଭଳି ଅନୁସାରେ ପ୍ରସ୍ତୁତି ଆରମ୍ଭ କଲୁ । ସକାଳେ ପ୍ରଭୁ ଶ୍ରୀସତ୍ୟନାରାୟଣଙ୍କ ପୂଜା ଓ ଶିରିଣି ବ୍ୟବସ୍ଥା ମଧ୍ୟ କରାଗଲା । ହେଲେ ଭାଉଜ କହିଲେ ନାଇଁ ନାଇଁ ସେଗୁଡ଼ା ନୁହଁ, ଗୋଟେ କେକ କଟାଯିବ ଏବଂ ରାତିରେ ଚିକେନ ଭୋଜି ହେବ । ଏକଥା ଶୁଣି ଘରେ ସମସ୍ତେ ସ୍ତବ୍ଧ । ଏଇ କି କଥା ! ଜନ୍ମଦିନରେ ସତ୍ୟନାରାୟଣ ପୂଜା ବଦଳରେ କେକ କଟା ଓ ଚିକେନ ଭୋଜି ! ସମସ୍ତେ ନିରବ ରହିଲେ ହେଲେ ବାପା କହିଲେ ନା ନା, ଶୁଭ ଦିନରେ ଏ ଅଲକ୍ଷଣ କଥା ମୋଟେ ନୁହେଁ । ଭାଉଜ କିଛିକ୍ଷଣ ଗମ୍ଭୀର ରହିଲେ ଏବଂ କହିଲେ ଠିକ ଅଛି ମୋର ମୁଁ ହୋଟେଲରୁ ଚିକେନ ମଗେଇ ଖାଇନେବି ଘରେ ରୋଷେଇ କରିବା କଥା କର । ଏକଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି, ଭାବିଲି ଓଡ଼ିଆ ଲୋକ ବିଦେଶରେ ରହିଲେ କଣ ଏମିତି ବଦଳିଯାଆନ୍ତି ! ବନ୍ଧୁ ଜଣକ କହିଲେ ନା, ଆମ ଘରେ ଆଗରୁ ଏପରି ନଥିଲା । ପୂଜା ପାର୍ବଣ ଯଥା ରୀତିରେ ସମ୍ପନ୍ନ ହେବାରେ କୌଣସି ଅସୁବିଧା ନଥିଲା । ବଡ଼ଭାଇ କାନାଡ଼ାରେ ରହୁଥିବାରୁ ଭାଉଜ ମଧ୍ୟ ତାଙ୍କ ସହ ବିଦେଶ ଗଲେ । ଉଚ୍ଚ ଶିକ୍ଷିତା ହୋଇଥିବାରୁ ସେଠାରେ ମଧ୍ୟ ଭାଉଜ ଏକ ପବ୍ଲିକ ସ୍କୁଲ ଶିକ୍ଷୟିତ୍ରୀ । ସେଠାରେ ରହିବାର ପ୍ରାୟ ପନ୍ଦର ବର୍ଷ ହେବଣି । ହେଲେ ସେ ଯେବେ ଭାଇଙ୍କ ସହ ଆସୁଥିଲେ ଏଭଳି କେବେ ଦେଖାଦେଇନଥିଲା । ହେଲେ ଚଳିତ ଥର ଏଭଳି ଦେଖିବାକୁ ମିଳିଲା । କେବଳ ମଙ୍ଗଳବାର ଦିନ ଏହି ଘଟଣା ଘଟିଲା ନୁହେଁ, ବୁଧବାର ଥିଲା ପବିତ୍ର ଅକ୍ଷୟ ତୃତୀୟା । ଯାହାକି ଓଡ଼ିଶାର ଏକ କୃଷି ଭିତ୍ତିକ ପର୍ବ । ଉକ୍ତଦିନ ମଧ୍ୟ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କର ରଥ ନିର୍ମାଣ ଆରମ୍ଭ ହୁଏ । ଯେହେତୁ ଦୁଇ ଦୁଇଟି ପବିତ୍ର କାର୍ଯ୍ୟ ଆରମ୍ଭ ସେଥିପାଇଁ ଓଡ଼ିଆ ପରିବାରରେ ଆମିଷ ଭକ୍ଷଣ ନିଷିଦ୍ଧ ଥାଏ । ହେଲେ ଭାଉଜ ଆଜି ଦିନରେ ମଟନ ଖାଇଲେ । ପଚାରିଲି ଆଜି ଘରେ ତ ଆମିଷ ରୋଷେଇ ହୋଇନଥିବ । ତେବେ ଭାଉଜ କଣ ହୋଟେଲରୁ ମଗେଇ ମଟନ ଖାଇଲେ । ସେ କହିଲେ ନା, ଭାଉଜ ଯେଉଁ ତାଙ୍କ ବାପଘରକୁ ଯାଇଥିଲେ ସେଠାରୁ ସେ ମଟନ କଷା ଆଣିଥିଲେ । ଯାହାକି ଫ୍ରିଜ ଭିତରେ ରଖାଯାଇଥିଲା, ସେହି ମଟନ ଗରମ କରି ଖାଇଲେ । କାରଣ କଣ ନା ଗୁରୁବାର ସେ କାନାଡ଼ା ଫେରିଯିବେ, ତେଣୁ ଆଉ ଭଲ ମଟନ ଖାଇବାର ସୁଯୋଗ ପାଇବେନି ଭାବି ଖାଇଲେ । ବିସ୍ମିତ ହେଲି ଏଭଳି କଥାରେ ଭାବିଲି, ଏଇ ଆମ ଓଡ଼ିଆ ଘର ଝିଅ ଅବିଭକ୍ତ ପୁରୀ ଜିଲ୍ଲାରେ ତାଙ୍କ ଘର । ଯିଏକି ଶ୍ରୀଜଗନ୍ନାଥ ସଂସ୍କୃତିକୁ ଭଲ ଭାବରେ ଜାଣିଛନ୍ତି । ଶାଶୁଘର ଯଦିଓ ଭୁବନେଶ୍ୱରରେ ଏବଂ ଗୋଟେ ରକ୍ଷଣଶୀଳ ହିନ୍ଦୁ ଘରେ ଯେଉଁଠି ସେ ବୋହୂ । ଶଶୁର ଜଣେ ବୈଜ୍ଞାନିକ । ଶାଶୁଙ୍କ ଦେହାନ୍ତ ହୋଇସାରିଛି । ପରିବାରରେ ତିନିଭାଇ ଦୁଇ ଭଉଣୀ ସମସ୍ତେ ଉଚ୍ଚ ଶିକ୍ଷିତ । ଗୋଟିଏ ଭାଇକୁ ଛାଡ଼ି ସମସ୍ତେ ବିଦେଶରେ ରହୁଛନ୍ତି । ଘରର ଝିଅମାନେ ଘରକୁ ଆସିଲେ ସେମାନେ ଓଡ଼ିଆ ଘରର ସବୁ ନୀତିନିୟମ ମାନି ଚଳନ୍ତି । ହେଲେ ଗୋଟେ ବୋହୂ ଭିତରେ ଏଭଳି ଅସମ୍ଭବ ପରିବର୍ତ୍ତନ ବାସ୍ତବିକ ଚିନ୍ତାର ବିଷୟ । ଉକ୍ତ ଘଟଣାକୁ କେହି ମାନସିକତା କହିପାରନ୍ତି ତ କିଏ ନିନ୍ଦା କରିପାରନ୍ତି । ମାତ୍ର ଆଜିକାଲି ଆମେ ଯେଉଁ ଅସ୍ମିତା ଓ ସଂସ୍କାର କଥା କହୁଛେ ତାହାର ଇଏ କେଉଁ ପ୍ରକାର ଉଭବ ସମାଜ ଏହାର ବିଚାର କରିବ । ହେଲେ କହିବାକୁ ଲାଜ ଯେ ବିଦେଶରେ ରହୁଥିବା ସ୍ୱାମୀ ସହ ବିଦେଶ ଯିବା ପରେ କିପରି ବଦଳେ ମଣିଷ ଚରିତ୍ର ତାହାର କିଛି ତଥ୍ୟ ଓ ଉଦାହରଣ ମୋତେ ମର୍ମାହତ କରିବା ପରେ ହିଁ ଏହାକୁ ଏକ ବିଷୟବସ୍ତୁ ଭାବେ ନେବାକୁ ଇଚ୍ଛା ପ୍ରକାଶ କଲି । ହୁଏତ ଏହା ଅନେକଙ୍କ ପରିବାରର କାହାଣୀ ହୋଇପାରେ, କିନ୍ତୁ ମୋ ସାମ୍ନାରେ ଥିବା ଦୃଶ୍ୟ ଏବଂ ତାଙ୍କ ପରିବାରର ଦୁଃଖ ହିଁ ଏଠାରେ ଅବତାରଣା କରୁଛି । ମୋତେ ଲାଗୁଛି ଏହା ଜଣଙ୍କର ବା ବହୁତ ଲୋକଙ୍କ ମାନସିକତାର ପ୍ରସଙ୍ଗ । କାରଣ ଅଧିକ ଶିକ୍ଷା ଲାଭ, ଅର୍ଥ ଲାଭ ବା ବଡ଼ ପଦବୀ କାହାକୁ ନିଜ ମୌଳିକ ଚିନ୍ତାଧାରାରୁ ଦୂରେଇ ଦେଇନଥାଏ । ବରଂ ମାନସିକତାର ପ୍ରତିଫଳନ ଭାବେ ଉକ୍ତ ଘଟଣାକୁ ବିବେଚନା କରାଯାଇପାରେ । ଗୋଟିଏ ପରିବାରରେ ସମସ୍ତେ ସମାନ ଖାଦ୍ୟ ଖାଇନଥାନ୍ତି କିମ୍ବା ସମାନ ପୋଷାକ ପିନ୍ଧିନଥାନ୍ତି । ନିଜ ନିଜର ଜୀବନ ଚର୍ଯ୍ୟା ଭିତରେ ସମସ୍ତେ ଏକ ହୋଇ ପରିବାର ମଧ୍ୟରେ ରହିବାକୁ ପସନ୍ଦ କରନ୍ତି । କେତେକ କ୍ଷେତ୍ରରେ ଏପରି ହୋଇଥାଏ ଯେ, ନିଜ ପସନ୍ଦର ଖାଦ୍ୟ, ବେଶ ଭୁଷା ପରିବେଷ ଅନୁସାରେ ପରିବର୍ତ୍ତନ ହୋଇପାରେ । ଏଥିରେ ପରମ୍ପରା ଓ ସଂସ୍କାର ସେପରି କ୍ଷତିଗ୍ରସ୍ତ ହୁଅନ୍ତିନାହିଁ । ଆଧୁନିକ ସମାଜରେ ମଣିଷର ରୁଚି ବଦଳିଯାଇଛି । ସମୟ ଅନୁସାରେ ସମସ୍ତେ ପାରିବର୍ତ୍ତିତ ହୋଇଚାଲିଛନ୍ତି । ପୂର୍ବଭଳି ଆଉ ଯୌଥ ପରିବାର ବା ଗୋଟିଏ ହାଣ୍ଡିରେ ରୋଷେଇ ପ୍ରାୟତଃ ଦେଖିବାକୁ ମିଳୁନି । ପୂର୍ବେ ପୁରୁଷ ମାନେ ପରିଶ୍ରମ କରି ଘର ଚଳାଉଥିଲା ବେଳେ ମହିଳାମାନେ କେବଳ ଘର କାର୍ଯ୍ୟରେ ନିୟୋଜିତ ହେଉଥିଲେ । ସେହି ସମୟରେ ଏକାନ୍ନବର୍ତ୍ତି ପରିବାର ନିଜର ଆଧିପତ୍ୟ ବିସ୍ତାର କରୁଥିଲେ । ସଭ୍ୟତାର ବିକାଶ ସହିତ ସମୟ ବଦଳିଗଲା । ମହିଳାମାନେ ଅଧିକ ଶିକ୍ଷା ଲାଭ କରି ପ୍ରତ୍ୟେକ କ୍ଷେତ୍ରରେ ପାରଦର୍ଶିତା ଦେଖାଉଛନ୍ତି । ବହୁ ବଡ଼ ବଡ଼ ପଦପଦବୀରେ ମହିଳାମାନେ ଅବସ୍ଥାପିତ । ଆମ ଦେଶର ରାଷ୍ଟ୍ରପତି ମଧ୍ୟ ଜଣେ ମହିଳା । ଏଭଳି ପରିସ୍ଥିତିରେ ଆମେ କାହାର ରୁଚି ପ୍ରତି ଅସମ୍ମାନ କରିପାରିବା କି ? ତେବେ ଏତିକି କହିପାରିବା ଆମ ସଂସ୍କାର ଓ ଆମ ସଂସ୍କୃତିକୁ ଭୁଲିଗଲେ ଭବିଷ୍ୟତ ପିଢ଼ି ଆମକୁ ହିଁ ଦୋଷ ଦେବେ ।



ସମ୍ପାଦକୀୟ
ତାରକ ମହାନ୍ତି

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସୁରକ୍ଷାରେ ବିଫଳତା ଆତଙ୍କବାଦୀ ଆକ୍ରମଣର କାରଣ



ଅସିତ ମହାନ୍ତି

ଭାରତରେ ଆତଙ୍କବାଦର ଜଟିଳ ଏବଂ ବିବିଧ କାରଣ ରହିଛି, ଯାହାର ମୂଳଦୁଆ ପ୍ରାୟତଃ ରାଜନୈତିକ, ଆଦର୍ଶଗତ, ଧାର୍ମିକ ଏବଂ ସାମାଜିକ-ଅର୍ଥନୈତିକ କାରଣ ଉପରେ ରହିଛି ।କେତେକ ପ୍ରମୁଖ କାରଣ ମଧ୍ୟରେ ରହିଛି ରାଜନୈତିକ ଏବଂ ଆଦର୍ଶଗତ ସଂଘର୍ଷ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ, ବିଦ୍ରୋହ ଏବଂ ଆଦର୍ଶଗତ ଉଗ୍ରବାଦ ଜାମ୍ମୁ-କାଶ୍ମୀର, ଉତ୍ତର-ପୂର୍ବ ଏବଂ ନକ୍ସଲବାଦ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ଆତଙ୍କବାଦ ସୃଷ୍ଟି କରିଥାଏ ।ଧାର୍ମିକ ଉଗ୍ରବାଦ କିଛି ଆତଙ୍କବାଦୀ ଗୋଷ୍ଠୀ ହିଂସାକୁ ଯଥାର୍ଥ ସାବ୍ୟସ୍ତ କରିବା ଏବଂ ଅନୁଗାମୀମାନଙ୍କୁ ନିଯୁକ୍ତି ଦେବା ପାଇଁ ଧାର୍ମିକ ବର୍ଣ୍ଣନା ବ୍ୟବହାର କରନ୍ତି । ଆର୍ଥିକ ଏବଂ ସାମାଜିକ ଅସମାନତା-ଦାରିଦ୍ର୍ୟ, ବେକାରୀ ଏବଂ ଶିକ୍ଷାର ଅଭାବ ବ୍ୟକ୍ତିବିଶେଷଙ୍କୁ ଉଗ୍ରବାଦର ଶିକାର କରାଇପାରେ । ବାହ୍ୟ ପ୍ରଭାବ ସୀମାପାର ଆତଙ୍କବାଦ, ବିଶେଷ କରି ପଡ଼ୋଶୀ ଦେଶଗୁଡ଼ିକରୁ, ଏକ ସ୍ଥାୟୀ ପ୍ରସଙ୍ଗ ହୋଇ ରହିଛି ।

ନିକଟରେ ଏପ୍ରିଲ ୨୨,୨୦୨୫ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଦୁଇ ଜଣ ବିଦେଶୀଙ୍କ ସମେତ ଅତି କମରେ ୨୬ ଜଣ ପ୍ରାଣ ହରାଇଥିଲେ ।ଗୁଇନ୍ଦା ଏବଂ ସୁରକ୍ଷା ପଦକ୍ଷେପର ବିଫଳତା ବୋଲି ଏହାକୁ ବ୍ୟାପକ ସମାଲୋଚନା କରାଯାଇଛି । ରିପୋର୍ଟଗୁଡିକ ସୂଚିତ କରେ ଯେ ଆକ୍ରମଣ ପୂର୍ବରୁ ଅଞ୍ଚଳରେ ସନ୍ଦେହଜନକ କାର୍ଯ୍ୟକଳାପ ପରି ଚେତାବନୀ ସଙ୍କେତ ଥିଲା । ଲସ୍କର-ଏ -ତୋଇବା ସହିତ ଜଡିତ ପ୍ରତିରୋଧ ଫ୍ରଣ୍ଟ (ଟିଆରଏଫ) ଏଥିପାଇଁ ନିଜକୁ ଦାୟୀ ବୋଲି ଦାବି କରିଥିଲା ।

ରାଜନୈତିକ ନେତାଙ୍କ ସମେତ ସମାଲୋଚକମାନେ ସ୍ଥାନୀୟ ଏବଂ କେନ୍ଦ୍ରୀୟ ଗୁଇନ୍ଦା କାର୍ଯ୍ୟରେ ତ୍ରୁଟି ଥିବା ଦର୍ଶାଇଛନ୍ତି । ଏହି ଆକ୍ରମଣ ଭାରତର ପ୍ରତିରୋଧ ନୀତିର ପ୍ରଭାବଶୀଳତା ଏବଂ ଦୃଢ଼ ପ୍ରତିଷେଧକ ପଦକ୍ଷେପର ଆବଶ୍ୟକତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି । ଏହି ଘଟଣା ଜାମ୍ମୁ-କାଶ୍ମୀର ଭଳି ସମ୍ବେଦନଶୀଳ ଅଞ୍ଚଳରେ ଆତଙ୍କବାଦର ମୁକାବିଲା କରିବାର ଆହ୍ୱାନକୁ ଦର୍ଶାଉଛି । କେବଳ ହିନ୍ଦୁ ବୋଲି ନିର୍ଦ୍ଦୋଷ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିରେ ହତ୍ୟା କରିବା ଅତ୍ୟନ୍ତ ଅମାନବୀୟ, ଲଜ୍ଜାଜନକ ଏବଂ ହୃଦୟ ବିଦାରକ ଅନୈତିକ କାର୍ଯ୍ୟ । ସେମାନଙ୍କୁ ଦେଶର ଆଇନ ଅନୁଯାୟୀ ଦଣ୍ଡିତ କରାଯିବା ଉଚିତ୍ ! କିନ୍ତୁ ଏହି ଯନ୍ତ୍ରଣାଦାୟକ ଘଟଣା ଏହା ମଧ୍ୟ ଦର୍ଶାଉଛି ଯେ ଦେଶର ବର୍ତ୍ତମାନ ସରକାରଙ୍କ ଅଧୀନରେ କାଶ୍ମୀର ହେଉ, ପଶ୍ଚିମ ବଙ୍ଗ ହେଉ, ମଣିପୁର ହେଉ କିମ୍ବା ୟୁପି ହେଉ । ସେଠାରେ ହିନ୍ଦୁ କିମ୍ବା ମୁସଲମାନ କେହି ସୁରକ୍ଷିତ ନୁହନ୍ତି । କାରଣ ବିଜେପିର ସାମ୍ପ୍ରଦାୟିକ ଘୃଣା ରାଜନୀତି ଯୋଗୁଁ ହିନ୍ଦୁମାନଙ୍କୁ ଧର୍ମାନ୍ଧ ସାମ୍ପ୍ରଦାୟିକ ମୁସଲମାନମାନେ ହିନ୍ଦୁ ବୋଲି ହତ୍ୟା କରୁଥିବାବେଳେ ମୁସଲମାନ ହୋଇଥିବାରୁ କେତେକ ଉଗ୍ର ହିନ୍ଦୁ ସାମ୍ପ୍ରଦାୟିକତାବାଦୀ ମୁସଲମାନମାନଙ୍କୁ ମାଡ଼ ମାରୁଛନ୍ତି । ତେଣୁ ଦେଶର ଜାତୀୟ ଏକତା, ଅଖଣ୍ଡତା, ଶାନ୍ତି ଓ ନିରାପତ୍ତା ତଥା ସାଧାରଣ ହିନ୍ଦୁ-ମୁସଲମାନ ନାଗରିକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ବିଜେପି ସରକାର ନିଜର ସାମ୍ପ୍ରଦାୟିକ ଘୃଣା ନୀତିର ପରିଣାମ ଉପରେ ଗମ୍ଭୀରତାର ସହ ପୁନର୍ବିଚାର କରିବା ଆବଶ୍ୟକ । ଅନ୍ୟଥା, ବହୁତ ବିଳମ୍ବ ହୋଇଯିବ ଏବଂ କେବଳ ବିନାଶ ଏବଂ ଅନୁଶୋଚନା ଦେଶ ଏବଂ ଆମ ସମସ୍ତଙ୍କ ହାତରେ ରହିବ । ଇତି ମଧ୍ୟରେ, ୩୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଆତଙ୍କବାଦୀ ଆକ୍ରମଣର ପ୍ରତିବାଦରେ କାଶ୍ମୀର ଉପତ୍ୟକାରେ ବନ୍ଦ ପାଳନ କରାଯାଇଛି । ଚିତ୍ତାକର୍ଷକ କଥା ହେଉଛି, ଆଜି ପାଳନ କରାଯାଉଥିବା ବନ୍ଦକୁ ସମାଜର ସମସ୍ତ ବର୍ଗର ସଂଗଠନଗୁଡ଼ିକର ସମର୍ଥନ ରହିଛି । ପହଲଗାମ ପର୍ଯ୍ୟଟନ ସ୍ଥଳରେ ଘଟିଥିବା ହତ୍ୟାକାଣ୍ଡକୁ ବିରୋଧ କରି ବନ୍ଦ ଡାକରା ଦିଆଯାଇଛି । ଏହି ଦୁଃଖଦ ଘଟଣା ପରେ ଅନେକ ପ୍ରଶ୍ନ ଉଠିବା ନିଶ୍ଚିତ, ଯାହାର ଉତ୍ତର ସରକାର ଭାରତର ଜନସାଧାରଣଙ୍କୁ ଦେବା ଉଚିତ । ୧ - ସର୍ବପ୍ରଥମେ, ଏହି ଘଟଣା ପାଇଁ ଦାୟୀ ହୋଇଥିବା ଆତଙ୍କବାଦୀ ସଂଗଠନ 'ଟିଆରଏସ୍' ଲସ୍କର-ଇ-ତୋଇବାର ଏକ ସଂସ୍କରଣ ବ୍ୟତୀତ ଆଉ କିଛି ନୁହେଁ । ବିଶେଷଜ୍ଞଙ୍କ ମତରେ, ଏହି ସଙ୍ଗଠନ ଲସ୍କର-ଏ-ତୋଇବାର ଏକ ଅଂଶର ଅନ୍ୟ ଏକ ନାମ । ବିଶେଷ କରି ଧାରା ୩୭୦ ଉଚ୍ଛେଦ ହେବା ପରେ ଏହି ସଂଗଠନ ସକ୍ରିୟ ହୋଇଛି । ଭାରତ ସରକାର ଏହା ପୂର୍ବରୁ ଜାଣିଛନ୍ତି ଯେ ଏହି ସଂଗଠନ ସକ୍ରିୟ ରହିଛି । ଧାରା ୩୭୦ ଉଚ୍ଛେଦ ହେବା ପରେ ଯାହା ବି ହୋଇଛି, ଏହି ସମସ୍ତ ଘଟଣା ପଛରେ ଏହି ସଙ୍ଗଠନର ହାତ ରହିଛି, ଅର୍ଥାତ୍ ଭାରତ ସରକାର, ଆମର ସୁରକ୍ଷା ବାହିନୀ ଏବଂ ସେନାର ୨୦୧୯ ପରଠାରୁ ଏହି ସଙ୍ଗଠନର ମୂଳୋତ୍ପାଟନ କରିବାରେ ବିଫଳ ହୋଇଛି । ପହଲଗାମ ଘଟଣାରେ ଏହା ସ୍ପଷ୍ଟ ହୋଇଛି ଯେ ସେତେବେଳେ ମଧ ଟିଆରଏଫ ଥିଲା, ୨୦୨୦ ରେ ଟିଆରଏସ ଥିଲା, ୨୧ ରେ ଥିଲା, ୨୨ ରେ ଥିଲା, ୨୩ ଓ ୨୪ ରେ ଥିଲା ଏବଂ ଏବେ ୨୫ ରେ ଏହି ଯନ୍ତ୍ରଣାଦାୟକ ଘଟଣାକୁ କାର୍ଯ୍ୟକାରୀ କରିଛି । ଅର୍ଥାତ୍, ଏହା ବିଶ୍ୱାସ କରିବାକୁ ହେବ ଯେ ସରକାର ଏହା ଜାଣିଥିବା ସତ୍ତ୍ୱେ ଏହି ସଂଗଠନକୁ ସମ୍ପୂର୍ଣ୍ଣ ରୂପେ ସମାପ୍ତ କରିବାରେ ବିଫଳ ହୋଇଛନ୍ତି । ୨-ପହଲଗାମ ଆକ୍ରମଣର ପାଞ୍ଚ ଦିନ ପୂର୍ବରୁ, ଏପ୍ରିଲ ୧୬, ୨୦୨୫ ରେ, ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଆସିମ ମୁନିର ଇସଲାମାବାଦରେ ଓଭରସିଜ୍ ପାକିସ୍ତାନୀ ସମ୍ମିଳନୀରେ ଏକ ଭାଷଣ ଦେଇଥିଲେ, ଯେଉଁଠାରେ ସେ କାଶ୍ମୀରକୁ ପାକିସ୍ତାନର 'ଜଗଲାର ଶିରା'( jugular veins) ବୃହତ୍ ରକ୍ତନଳୀ ଭାବରେ ବର୍ଣ୍ଣନା କରିଥିଲେ ଏବଂ ଏହି ଅଞ୍ଚଳ ଉପରେ ପାକିସ୍ତାନର ଆଭିମୁଖ୍ୟକୁ ଦୋହରାଇଥିଲେ । ସେ କହିଥିଲେ, 'ଏହା ଆମର jugular veins ( large blood vessels) ଜଗଲାର ଶିରା ଥିଲା, ଏହା ଆମର ଜଗଲାର ଶିରା ହେବ, ଆମେ ଏହାକୁ ଭୁଲିବୁ ନାହିଁ । ଆମେ ଆମର କାଶ୍ମୀରୀ ଭାଇମାନଙ୍କୁ ସେମାନଙ୍କ ବୀରତ୍ୱପୂର୍ଣ୍ଣ ସଂଘର୍ଷରେ ଛାଡ଼ିବୁ ନାହିଁ । ମୁନିର ମଧ ଦୁଇ-ରାଷ୍ଟ୍ର ସିଦ୍ଧାନ୍ତକୁ ଆହ୍ୱାନ କରି ଗୁରୁତ୍ୱାରୋପ କରିଥିଲେ ଯେ ଧର୍ମ, ରୀତିନୀତି, ପରମ୍ପରା, ଚିନ୍ତାଧାରା ଏବଂ ମହତ୍ୱାକାଂକ୍ଷା ଦୃଷ୍ଟିରୁ ପାକିସ୍ତାନୀ ଏବଂ ହିନ୍ଦୁ ମୌଳିକ ଭାବରେ ଭିନ୍ନ ଥିଲେ । ତାଙ୍କର ମନ୍ତବ୍ୟ ବ୍ୟାପକ ଭାବେ ପ୍ରସାରିତ ହୋଇଥିଲା ଏବଂ ବିଶେଷ କରି ଭାରତରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା, ଯେଉଁଠାରେ ଅଧିକାରୀମାନେ ତାଙ୍କ ବିବୃତ୍ତିକୁ ନିନ୍ଦା କରିଥିଲେ । ଭାଷଣ ଶୁଣିବା ପରେ, ଭାରତ କୌଣସି ସତର୍କତା ଅବଲମ୍ବନ କରିଥିଲା କି ? ଏହା ବିଫଳତା ନୁହେଁ କି ? ହଁ, ଗୋଟିଏ ସତର୍କତା ଅବଲମ୍ବନ କରାଯାଇଥିଲା ଏବଂ ତାହା ଥିଲା, ଜାମ୍ମୁ କାଶ୍ମୀର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ବାତିଲ କରାଯାଇଥିଲା । ୩-ସର୍ଜିକାଲ୍ ଷ୍ଟ୍ରାଇକ୍ ନିଶ୍ଚିତ ଭାବରେ ପୁଲୱାମା ପରେ କରାଯାଇଥିଲା, କିନ୍ତୁ ୩୦୦ କିଲୋଗ୍ରାମ ଆରଡିଏକ୍ସ ପୁଲୱାମାରେ କିପରି ପହଞ୍ଚିଲା ? ପୁଲୱାମାର ଆଭ୍ୟନ୍ତରୀଣ ସୂଚନା କେଉଁଠୁ ଆସିଲା ?ନୈତିକ ଦାୟିତ୍ୱ କିଏ ନେଇଥିଲା ?ଏସବୁ ପ୍ରଶ୍ନର ଉତ୍ତର ଆମ ପାଖରେ ନାହିଁ ।ଯେଉଁ କାରଣରୁ ଆମେ ଦେଖୁଛୁ ଆଜି ପହଲଗାମରେ କ'ଣ ଘଟିଥିଲା । ୪-ଯଦି ସରକାର ଜାଣିଥିଲେ ଯେ, ୧୦୦୦ ରୁ ୧୫୦୦ ପର୍ଯ୍ୟଟକ ସେଠାରେ ଅଛନ୍ତି, ତେବେ ସୁରକ୍ଷା କର୍ମୀ କାହିଁକି ସେଠାରେ ନଥିଲେ ? ଆପଣ ଏତେ ବଡ଼ ଗୁଇନ୍ଦା ବିଫଳତା କିପରି ପାଇଲେ ? ଆପଣ କହୁଛନ୍ତି ଯେପର୍ଯ୍ୟଟନ ଋତୁ ଆରମ୍ଭ ହେବାକୁ ଯାଉଛି, ଲକ୍ଷ ଲକ୍ଷ ଲୋକ ଏଠାକୁ ଆସୁଛନ୍ତି । ଏବଂ ଆପଣଙ୍କୁ କୌଣସି ସୂଚନା ମିଳିନଥିଲା ଯେ ଏତେ ବଡ଼ ଆକ୍ରମଣ ଯୋଜନା ଚାଲିଛି । ଏହା ପରେ, ଲଜିଷ୍ଟିକ ଉପକରଣ ଆପଣଙ୍କୁ ସେଠାରେ ପହଞ୍ଚିବାକୁ କେତେ ସମୟ ଲାଗିଲା । ଆତଙ୍କବାଦୀମାନେ କେତେ ସଠିକ୍ ଭାବରେ ଭାବିଥିଲେ ଯେ କେହି ଏଠାରେ ପହଞ୍ଚିପାରିବେ ନାହିଁ ।ତେବେ, ଆପଣଙ୍କ ଆଗମନ ମଧ୍ୟରେ, ହେଲିକପ୍ଟରର ନିୟୋଜନରେ ଆଉ କେତେ ଲୋକ ମୃତ୍ୟୁବରଣ କଲେ ? ୫-କିଏ ଦାୟିତ୍ୱ ନେବ ? ଧାର୍ମିକ ଦୃଷ୍ଟିକୋଣ ସତ୍ତ୍ୱେ ମଧ୍ୟ ପ୍ରଶ୍ନ ଉଠୁଛି ଯେ ଏହି ଆକ୍ରମଣ କିପରି ସମ୍ଭବ ହେଲା ? ନୈତିକ ଦାୟିତ୍ୱ କିଏ ନେବ ? ସରକାର ରେକର୍ଡରେ କହିଛନ୍ତି ଯେ ଆମେ ପରିସ୍ଥିତିକୁ ନିୟନ୍ତ୍ରଣ କରିଛୁ... ପର୍ଯ୍ୟଟକମାନେ ବିନା ଭୟରେ ସେଠାକୁ ଯାଇପାରିବେ । ୬ -ଯଦି ଆପଣ ମାନଚିତ୍ରକୁ ଦେଖନ୍ତି, ଯଦି ଆପଣ ମାର୍ଗକୁ ଚାର୍ଟ କରନ୍ତି, ତେବେ ଏହା ଆନ୍ତର୍ଜାତୀୟ ସୀମାଠାରୁ ୧୫୦- ୨୦୦ କିଲୋମିଟର ଦୂରରେ । ଏହାର ଅର୍ଥ ହେଉଛି ଯେ ସୀମାରୁ ଅନୁପ୍ରବେଶ ଏବେ ବି ଚାଲିଛି, ଯେଉଁଠି ଆମକୁ କୁହାଯାଇଥିଲା ଯେ ସୀମା ସିଲ୍ ହୋଇଛି... ଏବଂ ଆପଣ (ଆତଙ୍କବାଦୀ) ଆକ୍ରମଣ କରିବା ପାଇଁ ଏକ ଲମ୍ବା ରାସ୍ତା ଅତିକ୍ରମ କରିଛନ୍ତି ଏବଂ ୨୪ ଘଣ୍ଟା ପର୍ଯ୍ୟନ୍ତ କେହି ଆପଣଙ୍କୁ ଧରି ପାରିବେ ନାହିଁ । ୭-ଏହି ଘଟଣାରେ ସ୍ଥାନୀୟ ସମର୍ଥନ ଥିଲା କି ? ହଁ, ଥିଲା, କିନ୍ତୁ ଆମେ କାହିଁକି ସେମାନଙ୍କ ପାଖରେ ପହଞ୍ଚି ପାରିଲୁ ନାହିଁ ?ଏହାର ଅର୍ଥ ଆମେ ଏପର୍ଯ୍ୟନ୍ତ କାଶ୍ମୀର ଜିତି ପାରିନାହୁଁ ।ଏକ ବିତର୍କରେ ଜି. ଡି. ବକ୍ସି କିଛି ଠିକ୍ କହିଛନ୍ତି । କୋଭିଡ ପରେ ଆମର ନିଯୁକ୍ତି (ଅଗ୍ନିବୀର ନିଯୁକ୍ତି) କିପରି ହ୍ରାସ ପାଇଛି ?ଏବଂ ଏହାର ପରିଣାମ ମଧ୍ୟ ଆମକୁ ଭୋଗିବାକୁ ପଡ଼ିବ । ୮ -ଯେତେବେଳେ ବି ଜଣେ ଆମେରିକୀୟ ଭିଭିଆଇପି ଭାରତ ଆସନ୍ତି, ଆତଙ୍କବାଦୀ ମାନେ କିଛି ନା କିଛି ଅଘଟଣ ଭାରତରେ କରିଥାନ୍ତି , ଏବିଷୟରେ ସରକାର ଅବଗତ । ୨୦୦୦ ମସିହାରେ, ଯେତେବେଳେ ବିଲ୍ କ୍ଲିଣ୍ଟନ୍ ଭାରତ ଆସିଥିଲେ ସେତେବେଳେ ୩୬ ଜଣ ସିଖଙ୍କୁ ତାଙ୍କ ପରିବାର ଠାରୁ ଅଲଗା କରି ଗୁଳି ମାରି ହତ୍ୟା କରିଥିଲେ । ୨୦୨୦ ରେ ଯେତେବେଳେ ଟ୍ରମ୍ପ ଆସିଥିଲେ, ସେତେବେଳେ ଦିଲ୍ଲୀରେ ଦଙ୍ଗା ହୋଇଥିଲା । ଜି-୨୦ ଶିଖର ସମ୍ମିଳନୀ ସମୟରେ ମଧ୍ୟ ସମାନ ଘଟଣା ଘଟିଥିଲା । ଏଥର ଜେ. ଡି. ଭ୍ୟାନ୍ (ଆମେରିକା ଉପ ରାଷ୍ଟ୍ରପତି) ଆସିଥିଲେ, ସେତେବେଳେ ଏହି ଭୟଙ୍କର ଘଟଣା ଘଟିଥିଲା । ତେଣୁ ପ୍ରଶ୍ନ ଉଠୁଛି, ଯଦି ଏହା ଜଣା ଥିଲା, ତେବେ ପୂର୍ବରୁ ସତର୍କତା ଅବଲମ୍ବନ କରାଗଲା ନାହିଁ କାହିଁକି ?

ଘଟଣା ଘଟିଗଲା ପରେ ସରକାର ଯାହା ସବୁ ପଦକ୍ଷେପ ନେଇଛନ୍ତି ତାହା ସବୁ ନିରର୍ଥକ, କାରଣ ୨୮ ଜଣ ଲୋକଙ୍କ ପ୍ରାଣ ଚାଲିଯାଇଛି । ନିରର୍ଥକ ଏଇଥିପାଇଁ ୨୮ ନିରୀହ ସାଧାରଣ ଜନତାଙ୍କ ମୂଲ୍ୟବାନ ଜୀବନ ଗଲା ଏବଂ ଘଟଣା ପରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧର ସ୍ଥିତିକୁ ସୃଷ୍ଟି କରିଛି । ତାହେଲେ ଯୁଦ୍ଧର ସ୍ଥିତି କିଏ ସୃଷ୍ଟି କଲା ? ସାଧାରଣ ଜନତା ନା ସରକାର ? ଏହା ଏକ ଚକ୍ରାନ୍ତ ନୁହେଁ କି ?ଏହି ଘଟଣା ପରେ ସତ୍ତାଧାରୀ ସାଶକ ଗୋଷ୍ଠୀ ରାଜନୈତିକ ଲାଭ ଉଠାଇବାରେ ବ୍ୟସ୍ତ । ପୂର୍ବରୁ ଘଟିଥିବା ଘଟଣା ଗୁଡିକ ହେଉଛି ଏହାର ପ୍ରମାଣ । ତାହେଲେ ଯୁଦ୍ଧର ପରିବେଶ ସୃଷ୍ଟି କରୁଛନ୍ତି ସରକାର ତାଙ୍କର ଫାଇଦା ପାଇଁ । ଏହିସବୁ ପଦକ୍ଷେପ ପ୍ରଥମରୁ କାହିଁକି ନିଆଗଲା ନାହିଁ ? ତେଣୁ ଏହା ସ୍ପଷ୍ଟ ଯେ, ଏହି ହୃଦୟବିଦାରକ ଘଟଣା କେବଳ ସୁରକ୍ଷାରେ ବିଫଳତା ହେତୁ ଘଟିଛି । ତାହେଲେ ଏଥିପାଇଁ ଦାୟୀ କିଏହେବ ? ସରକାର ସ୍ୱୀକାର କରିଛନ୍ତି ଯେ ଏହି ଘଟଣା ଘଟିବାରେ ସରକାରଙ୍କର ଭୁଲ ହୋଇଛି । ସର୍ବଦଳୀୟ ବୈଠକ ସମୟରେ, ଦଳର ନେତାମାନଙ୍କୁ କୁହାଯାଇଥିଲା ଯେ ଯେଉଁ ଅଞ୍ଚଳରେ ଏହି ଘଟଣା ଘଟିଛି-ପହଲଗାମର ବୈସରାନ ଉପତ୍ୟକା -ସାଧାରଣତଃ ଜୁନ୍ ମାସ ବେଳକୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲାଯାଇଥାଏ ଏବଂ ପର୍ଯ୍ୟଟକମାନଙ୍କୁ ସେଠାକୁ ନେବା ପରେ ସ୍ଥାନୀୟୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ଆବଶ୍ୟକ -ଯାହା କରାଯାଇ ନଥିଲା ଏବଂ ସ୍ଥାନୀୟୟ କର୍ତ୍ତୃପକ୍ଷଙ୍କୁ ନ ଜଣାଇ ଏପ୍ରିଲ ୨୦ ରୁ ପର୍ଯ୍ୟଟକଙ୍କ ଛୋଟ ଛୋଟ ଦଳକୁ ପଠାଯାଇଥିଲା । ବୈଠକ ପରେ ଆମ୍ ଆଦମୀ ପାର୍ଟି (ଆପ୍) ସାଂସଦ ସଞ୍ଜୟ ସିଂହ ଦ ୱାୟାରକୁ କହିଛନ୍ତି, 'ଆପଣ କହୁଛନ୍ତି ଯେ ଏହା ଏକ ସମ୍ବେଦନଶୀଳ ସ୍ଥାନ ଏବଂ ଅମରନାଥ ଯାତ୍ରା ସମୟରେ ହିଁ ଖୋଲିଥାଏ ଯେତେବେଳେ ବହୁତ ସୁରକ୍ଷା ଥାଏ । ତେବେ କେହି ନ ଜାଣି ଏପ୍ରିଲ ୨୦ ରେ ଏହା କିପରି ଖୋଲିଲା ? 'ଏହା ହାସ୍ୟାସ୍ପଦ ନୁହେଁ କି ?କାହା ଅଜାଣତରେ ୫୦୦- ୧,୦୦୦ ଲୋକ ସେଠାରେ କିପରି ପହଞ୍ଚିଲେ ? ଯଦି ଆତଙ୍କବାଦୀମାନେ ଜାଣିଥିଲେ ଯେ ଏହା ୨୦ ତାରିଖରେ ଖୋଲାଯାଇଥିଲା, ତେବେ ଆମ ସରକାର କିପରି ଜାଣିନଥିଲେ ? ପୂର୍ବରୁ ଘଟିଥିବା ଘଟଣା ଭଳି ଏହି ଘଟଣା ମଧ୍ୟ ସୁନିୟୋଜିତ ଥିଲା ଯାହା ରାଜନୈତିକ ଫାଇଦା ପାଇଁ ଉପଯୋଗୀ ।

*ସୁଜନପୁର, ଯାଜପୁର*
*ଦୂରଭାଷ : ୯୪୩୭୨୮୮୦୨୮*

# ମାଧ୍ୟମିକ ପରୀକ୍ଷା ପରିଚାଳନାର କିଛି ଗୁରୁତ୍ୱପୂର୍ଣ୍ଣ ଦିଗ



ସଞ୍ଜୀବ କୁମାର ଦାସ

ଶିକ୍ଷା ସମ୍ବନ୍ଧୀୟ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଏହି ପ୍ରବନ୍ଧରେ ପ୍ରୟାସ କରିଛୁ । ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଛାତ୍ର ଛାତ୍ରୀଙ୍କ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ସେମାନଙ୍କ ପାଇଁ ଏକ ମାଇଲ ଖୁଣ୍ଟ ସଦୃଶ । ଏହା ମଧ୍ୟ ସେମାନଙ୍କ କ୍ୟାରିୟର ଗଢିବା ପାଇଁ ଜୀବନର ପ୍ରଥମ ପାହାଚ ଭଳି । ଦେଶର ଅନେକ ପ୍ରାନ୍ତରେ ପ୍ରାୟ ପ୍ରତ୍ୟେକ ବର୍ଷ ଏହି ପରୀକ୍ଷା ପରିଚାଳନା ସମୟରେ ଗମ୍ଭୀର ତ୍ରୁଟି ପରିଲକ୍ଷିତ ହୋଇଥାଏ । ଏତାଦୃଶ ଘଟଣାର କାରଣ ଓ ନିରାକରଣ ଖୋଜି ବାହାର କରିବା କର୍ତ୍ତୃପକ୍ଷଙ୍କ ପ୍ରଥମ ଦାୟିତ୍ୱ ହେବ ବିଧେୟ ।

ଦେଶରେ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା ପରିଚାଳନା ପାଇଁ ସାଧାରଣତଃ ଏକ ଷ୍ଟାଣ୍ଡାର୍ଡ ପ୍ରୋସିଜିଓର ବା ମାନକ ପ୍ରକ୍ରିୟା ଅନୁସରଣ କରାଯାଏ ଯେଉଁଥିରେ ଅନ୍ତର୍ଭୁକ୍ତ ଥାଏ ପାଠ୍ୟକ୍ରମ ସ୍ଥିର କରିବା, ପ୍ରଶ୍ନପତ୍ର ପ୍ରସ୍ତୁତ କରିବା, ପରୀକ୍ଷା କେନ୍ଦ୍ର ନିଯୁକ୍ତ କରିବା, ପର୍ଯ୍ୟବେକ୍ଷକ ନିଯୁକ୍ତି କରିବା, ନିର୍ଦ୍ଦିଷ୍ଟ ସମୟରେ ପରୀକ୍ଷା ପରିଚାଳନା କରିବା, ଉତ୍ତର ପତ୍ର ସଂଗ୍ରହ କରିବା, ମୂଲ୍ୟାୟନ କରିବା ଏବଂ ଫଳାଫଳ ପ୍ରକାଶ କରିବା ଇତ୍ୟାଦି । ଏସବୁ କାର୍ଯ୍ୟବିଧି ଭାରତର କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ପାଇଁ ସିବିଏସଇ ବା ଆଇସିଏସଇ ପରି ଜାତୀୟ ଶିକ୍ଷା ବୋର୍ଡ ଦ୍ୱାରା ପ୍ରାୟତଃ ତଦାରଖ କରାଯାଉଥିବା ବେଳେ ପ୍ରଦେଶ ମାନଙ୍କରେ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ହୁଏ । ବୋର୍ଡ ମାନଙ୍କର ଗୁରୁ ଦାୟିତ୍ୱ ଥାଏ ପରୀକ୍ଷା ପ୍ରକ୍ରିୟାରେ ନିରପେକ୍ଷତା ଏବଂ ସ୍ୱଚ୍ଛତା ପାଇଁ ସ୍ଥିରୀକୃତ କଠୋର ନିର୍ଦ୍ଦେଶାବଳୀ ପାଳନ କରିବା ।

ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା ପରିଚାଳନାର ପ୍ରମୁଖ ଦିଗଗୁଡ଼ିକ ହେଲା ପାଠ୍ୟକ୍ରମ ଅନୁଯାୟୀ ପରୀକ୍ଷା କରିବା । ଏହା ଦେଶର ଶିକ୍ଷାଗତ ମାନଦଣ୍ଡ ଉପରେ ଆଧାରିତ ହେବା ବିଧେୟ । ପ୍ରଶ୍ନପତ୍ର ପ୍ରସ୍ତୁତିକରଣ ସମୟରେ ବିଭିନ୍ନ ଶିକ୍ଷଣ ସ୍ତର ମୂଲ୍ୟାଙ୍କନ କରିବା ପାଇଁ ବିବିଧ ପ୍ରଶ୍ନ ପ୍ରକାର ଯଥା ବହୁବିକ ପସନ୍ଦ, ସଂକ୍ଷିପ୍ତ ଉତ୍ତର ଏବଂ ପ୍ରବନ୍ଧ ଉପରେ ସମାନ ଭାବେ ଗୁରୁତ୍ୱ ପ୍ରଦାନ କରିବା ଓ ଏହାବାଦ ଗ୍ରେଡ୍ ସ୍ତର ପାଇଁ ଉପଯୁକ୍ତ ମୂଲ୍ୟାଙ୍କନ କରିବା । ପ୍ରଶ୍ନପତ୍ର ଲିକ୍ ଏବଂ ଠକେଇ ଭଳି ଭୁଲକୁ ରୋକିବା ପାଇଁ ଉଚ୍ଚ ନୈତିକ ମାନଦଣ୍ଡ ବଜାୟ ରଖିବା । ଛାତ୍ର ଛାତ୍ରୀମାନଙ୍କ ପାଇଁ ଉପଯୁକ୍ତ ପରୀକ୍ଷା କେନ୍ଦ୍ର ସ୍ଥାନ ଚୟନ କରିବା ।

ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା । ପରୀକ୍ଷା ପ୍ରକ୍ରିୟା ତଦାରଖ କରିବା ପାଇଁ ଯୋଗ୍ୟ ଶିକ୍ଷକମାନଙ୍କୁ ପରିଦର୍ଶକ ଭାବରେ ନିଯୁକ୍ତି କରିବା । ପରୀକ୍ଷା ପରିଚାଳନା ସମ୍ପର୍କରେ ପରୀକ୍ଷକମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଏବଂ ମାର୍ଗଦର୍ଶିକା ପ୍ରଦାନ କରିବା । ପରୀକ୍ଷା ଦିନ ଛାତ୍ର ଛାତ୍ରୀଙ୍କ ପରିଚୟ ପତ୍ର ସଠିକ ଭାବେ ଯାଞ୍ଚ କରିବା ଓ ସଠିକତା ସୁନିଶ୍ଚିତ କରିବା ପାଇଁ ଉତ୍ତର ପତ୍ରର ଦୁଇଥର ଯାଞ୍ଚ ।ଗ୍ରେଡିଂରେ ସ୍ଥିରତା ବଜାୟ ରଖିବା ପାଇଁ ମଡରେସନ ପାଇଁ ଏକ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଓ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଫଳାଫଳ ସମୟସୀମା ଭିତରେ ପ୍ରକାଶନ କରି ଅବଗତ କରାଇବା । ବିଷୟ ଅନୁଯାୟୀ ସ୍କୋର ସହିତ ବିସ୍ତୃତ ମାର୍କସିଟ୍ ପ୍ରଦାନ କରିବା ।

ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନିମନ୍ତେ ଉଲ୍ଲିଖିତ ମାର୍ଗ ଦର୍ଶନ ସବୁ ବୋର୍ଡ କର୍ମକର୍ତ୍ତାଙ୍କ ପାଇଁ ନିହାତି ଅପରିହାର୍ଯ୍ୟ । କିନ୍ତୁ ଅନେକ ସମୟରେ ସେଗୁଡିକର ଅନୁପାଳନ ସଠିକ ଭାବେ ହୋଇ ପାରୁ ନ ଥିବାରୁ ବିଭ୍ରାଟର ସୂତ୍ରପାତ ହେଉଛି । ଏ ବିଷୟରେ ଓଡିଶା କଥା ଚିନ୍ତା କରାଯାଇ ପାରେ । ପୂର୍ବରୁ ପରୀକ୍ଷା କେନ୍ଦ୍ର ମାନଙ୍କରେ ବହୁଳ କପି, ପ୍ରଶ୍ନପତ୍ର ଲିକ ଠାରୁ ଆରମ୍ଭ କରି ମୂଲ୍ୟାୟନ ସମ୍ବନ୍ଧିତ ଅନେକ ସମସ୍ୟା ରେ ଶିକ୍ଷା ବିଭାଗକୁ ସମାଲୋଚନାର ଶରବ୍ୟ ହେବାକୁ ପଡିଛି । ପରିବର୍ତ୍ତିତ ସମୟରେ ପରୀକ୍ଷା ପଦ୍ଧତିରେ ସୁଧାର ଆଣିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି । କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ ଓ ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇପାରେ ଯେ ଚଳିତ ମାଟ୍ରିକ ପରୀକ୍ଷାରେ ବିଜ୍ଞାନ ପ୍ରଶ୍ନ ପତ୍ରର ଏକ ସେଟରେ ସ୍ୱଳ୍ପ ଉତ୍ତର ସମ୍ବନ୍ଧିତ ପ୍ରଶ୍ନଟିଏ (୪ ମାର୍କର) କେମିତି ଉଭାନ ହୋଇଯାଇଛି । ଏହା ସମସ୍ତଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି । ଏଭଳି ସ୍ପର୍ଶ କାତର ବିଷୟ ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି । ବୋର୍ଡ କର୍ତ୍ତୃପକ୍ଷ ପ୍ରଶ୍ନଟି ସ୍ଥାନିତ ହୋଇ ପରି ନ ଥିବାରୁ ଗ୍ରେସ ମାର୍କ ଦିଆଯିବ ବୋଲି ଘୋଷଣା କରିଛନ୍ତି ।

ଆଲୋଚିତ ପ୍ରସଙ୍ଗଟି ଅତ୍ୟନ୍ତ ସ୍ପର୍ଶକାତର, ଏକଥା ଆମେ ସମସ୍ତେ ସ୍ୱୀକାର କରିବା । ଶିକ୍ଷା ବିଭାଗ ଦ୍ୱାରା ପ୍ରଣୀତ ପରୀକ୍ଷା ପରିଚାଳନା ପ୍ରକ୍ରିୟାର ପ୍ରତ୍ୟେକଟି ଅଂଶ ଗୁରୁତ୍ୱପୂର୍ଣ୍ଣ । ଲିପିବଦ୍ଧ ନିୟମାବଳୀର ଅନୁପାଳନ ତତୋଧିକ ଓ ତା ନହେଲେ ମାଧ୍ୟମିକ ଶିକ୍ଷାବୋର୍ଡ ପ୍ରତିବର୍ଷ ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ବାର୍ଷିକ ପରୀକ୍ଷା ସୁଚାରୁରୂପେ ସମ୍ପାଦନ କରିପାରିବେ ନାହିଁ ଓ ଉପଲବ୍ଧ ତଥ୍ୟ ଅନୁଯାୟୀ ପ୍ରତ୍ୟେକ ବର୍ଷ ୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଉଛନ୍ତି । ଏହି ସଂଖ୍ୟା ଚଳିତ ବର୍ଷ ୫ ଲକ୍ଷ ୨୨ ହଜାରରୁ ଅଧିକ ଥିବା ବେଳେ ବିଗତ ୪ ବର୍ଷର ପରିସଂଖ୍ୟାନ ହେଉଛି ୨୦୨୧ ରେ ୫.୭୪ ଲକ୍ଷ ,୨୦୨୨ରେ ୫.୨୭ ଲକ୍ଷ, ୨୦୨୩ ରେ ୫.୨୨ ଲକ୍ଷ ଏବଂ ୨୦୨୪ରେ ୫.୪୧ ଲକ୍ଷ ଓ ନିଶ୍ଚିତଭାବେ ଏତେ ସଂଖ୍ୟକ ପରୀକ୍ଷାର୍ଥୀଙ୍କ ପରିଚାଳନା କଷ୍ଟକର କାର୍ଯ୍ୟ ରୂପେ ପରିଗଣିତ ହୋଇଥାଏ । ତେବେ ଏବର୍ଷ କେଉଁ କାରଣ ଯୋଗୁଁ ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆସିଲେ ନାହିଁ ତାହା ଜଣା ପଡି ନାହିଁ । ଏହାର ନିରପେକ୍ଷ ସମୀକ୍ଷା ହେବା ଆବଶ୍ୟକ ।

ଚଳିତ ବର୍ଷ ଫେବୃଆରୀ ୨୧ ତାରିଖରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପରୀକ୍ଷାର ସୁପରିଚାଳନା ପାଇଁ ସମଗ୍ର ୩୦ଟି ଜିଲ୍ଲାରେ ୩,୧୩୩ଟି ପରୀକ୍ଷା କେନ୍ଦ୍ର ଖୋଲା ଯାଇଥିବା ବେଳେ ୩୧୪ଟି ନୋଡାଲ କେନ୍ଦ୍ର କାର୍ଯ୍ୟରତ ଥିଲା । ପରୀକ୍ଷା କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସିସିଟିଭି ନିରୀକ୍ଷଣ, କ୍ୟୁଆର କୋଡେଡ୍ ପ୍ରଶ୍ନପତ୍ର ଏବଂ ଫ୍ଲାଇଂ ସ୍କ୍ୱାଡ୍ ଅନ୍ତର୍ଭୁକ୍ତ । ଫଳସ୍ୱରୂପ, ପରୀକ୍ଷାରେ ଅସାଧୁ ଆଚରଣ ଯୋଗୁଁ ୧୧ ଜଣ ଛାତ୍ର ଧରାପଡ଼ିଥିଲେ । ଦ୍ୱିତୀୟତଃ, ଭାଷା ପରୀକ୍ଷା ସମୟରେ ଅସାଧୁ ଉପାୟରେ ଉତ୍ତର ଲେଖିବାକୁ ଚେଷ୍ଟା କରୁଥିବା ସମୟରେ ଏହି ଛାତ୍ରମାନଙ୍କୁ ଏ ଆଇ କମାଣ୍ଡ କଣ୍ଟ୍ରୋଲ ସିଷ୍ଟମ ଦ୍ୱାରା ଚିହ୍ନଟ କରାଯାଇଥିଲା । ସେ ଦୃଷ୍ଟିରୁ ବୋର୍ଡ କର୍ତ୍ତୃପକ୍ଷଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ । କଥା ହେଉଛି ଅସାଧୁ ଉପାୟ ଅବଲମ୍ବନ କରୁଥିବା ଛାତ୍ରଛାତ୍ରୀ ଅଥବା ଏଥିରେ ଲିପ୍ତ ବ୍ୟକ୍ତିବିଶେଷଙ୍କ ପାଇଁ ଆଖିଦୃଶିଆ ଦଣ୍ଡ ବିଧାନ ବ୍ୟବସ୍ଥା ହେବା ଦରକାର । ପରୀକ୍ଷାକୁ ଅପେକ୍ଷାକୃତ ଅଧିକ ସ୍ୱଚ୍ଛ କରିବା ପାଇଁ 'ଶୂନ୍ୟ ସହନଶୀଳତା' ନୀତି ଅବଲମ୍ବନ କରିବାକୁ ପଡିବ ।

ଏପଟେ ପ୍ରଶ୍ନପତ୍ରରେ ତ୍ରୁଟି କର୍ତ୍ତୃପକ୍ଷଙ୍କୁ କିଛିଟା ଅଡୁଆରେ ପକାଇଛି । ପ୍ରଥମତଃ, ବିଜ୍ଞାନ ପ୍ରଶ୍ନର 'ସି' ସେଟରେ ୪ ମାର୍କର ପ୍ରଶ୍ନଟିଏ ବାଦ ପଡିଥିବାରୁ କର୍ତ୍ତୃପକ୍ଷ 'ଗ୍ରେସ ମାର୍କ' ଦେବାପାଇଁ ସିଦ୍ଧାନ୍ତ ନେଇଛନ୍ତି । ଦ୍ୱିତୀୟତଃ, ଧନ୍ଦାମୂଳକ ପାଠ୍ୟକ୍ରମରେ ପାଠ୍ୟଖସଡା ବହିର୍ଭୁତ ୯୦ ପ୍ରତିଶତ ପ୍ରଶ୍ନ ଆସିଥିବାରୁ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଇଲେକ୍ଟ୍ରୋନିକ ଓ ହାର୍ଡୱେୟାର ବିଷୟରେ ମୋଟ ୫୦ ମାର୍କ ପ୍ରସନରୁ ୪୩ ମାର୍କ ପୂର୍ବବର୍ଷ ସିଲାବସରୁ ଆସିଥିବା ଜଣାପଡିଥିଲା । ଉପରୋକ୍ତ ଘଟଣାରେ ଅକ୍ଷମଣୀୟ ତ୍ରୁଟି ବିଚ୍ୟୁତି ପରୀକ୍ଷା ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ । ସେହି ପରିପ୍ରେକ୍ଷୀରେ କିଛି ସଂଶୋଧନାତ୍ମକ ପଦକ୍ଷେପ ଉପରେ ଆଲୋକପାତ କରାଯାଇପାରେ ।

ସମୟ ଥିଲା ଯେତେବେଳେ ପରୀକ୍ଷା କେନ୍ଦ୍ରରେ ଅକଳ୍ପନୀୟ ବିଶୃଙ୍ଖଳା ପରିଲକ୍ଷିତ ହେଉଥିଲା । କେତେକ ବଛା ବଛା ପରୀକ୍ଷା କେନ୍ଦ୍ରକୁ ଛାଡିଦେଲେ (ପ୍ରତିଷ୍ଠିତ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ହେଉଥିବା ପରୀକ୍ଷା କେନ୍ଦ୍ର) ଗାଁ ଗହଳିର ପରୀକ୍ଷା କେନ୍ଦ୍ରର (ଯେଉଁଠି ସୁରକ୍ଷା ବ୍ୟବସ୍ଥା ଅତି ନୈରାଶ୍ୟଜନକ – ଅନୁଷ୍ଠାନରେ ପାଚେରୀ ନ ଥିବା ପରିବେଶ) ଦୃଶ୍ୟ କୌଣସି ମେଳା ମଉଛବଠାରୁ କମ ନ ଥିଲ ।ଓ ଯିଏ ପାରୁଥିଲା ପରୀକ୍ଷା କେନ୍ଦ୍ରେ ଅବାଧରେ ପ୍ରବେଶ କରି ପିଲାଙ୍କୁ କପି ଯୋଗାଉଥିଲେ, ଏମିତିକି ଉତ୍ତର ଖାତାରେ ଲେଖି ଦେଉଥିଲେ । ନିଯୁକ୍ତ ପର୍ଯ୍ୟବେକ୍ଷକ ଏବଂ କେନ୍ଦ୍ର ଅଧୀକ୍ଷକ କେବଳ ନିରବଦ୍ରଷ୍ଟା ସାଜୁ ଥିଲେ । ସ୍ଥଳ ବିଶେଷରେ କିଛି କିଛି ପରୀକ୍ଷା କେନ୍ଦ୍ରକୁ ରଦ୍ଦ କରାଯାଉଥିଲା । ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ଅନୁମୋଦିତ ଅବଶ୍ୟ ସେହିପରି କିଛି ସମୟୋଚିତ ପ୍ରଗତିଶୀଳ ପଦକ୍ଷେପ ପରୀକ୍ଷାରେ ପାରଦର୍ଶିତା ଆଣିବାରେ ସହାୟକ ହୋଇପାରିଛି ।

ପରୀକ୍ଷା ପ୍ରଶ୍ନରେ ତ୍ରୁଟି ସୁଧାରିବା ପାଇଁ କିଛି ପ୍ରସ୍ତାବ କର୍ତ୍ତୃପକ୍ଷଙ୍କ ବିଚାର ପାଇଁ ଉପସ୍ଥାପନ କରୁଛୁ । ଚୂଡାନ୍ତ ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିବା କମିଟି ପ୍ରଶ୍ନ ପତ୍ର ଛପାଯିବା ପରେ ଗୋଟିଏ ନମୁନା ପ୍ରଶ୍ନ ସେଟ୍‌କୁ ତନ୍ନ ତନ୍ନ କରି ଯାଞ୍ଚ କରିବେ । ସେଥିରେ କିଛି ତ୍ରୁଟି ବିଚ୍ୟୁତି ରହିଥିଲେ ତାହାର ସଂଶୋଧନ କରାଯାଇ ଆବଶ୍ୟକ ପ୍ରଶ୍ନପତ୍ର ଛପାଯିବାକୁ ଅନୁମୋଦନ ଦିଆଯିବ । ଏହିପରି ସବୁ ବିଷୟର ପ୍ରଶ୍ନପତ୍ରର ସେଟ ଗୁଡିକର ଯାଞ୍ଚ କରାଯିବ ଏବଂ ସମୁଦାୟ ପ୍ରଶ୍ନପତ୍ର ଛପାଯିବ । ଫଳତଃ, ପରୀକ୍ଷା ସମୟରେ ନିର୍ଭୁଲ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କୁ ବଣ୍ଟା ଯାଇ ପାରିବ । ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ସତ୍ତ୍ୱେ ସମୟ ସମୟରେ ପ୍ରଶ୍ନପତ୍ରରେ ମୁଦ୍ରଣ ଜନିତ ତ୍ରୁଟି ପରୀକ୍ଷା ପରିଚାଳନାରେ ସମସ୍ୟା ସୃଷ୍ଟି କରୁଛି । ଏହାର ଅନ୍ୟ ଏକ ବିକଳ୍ପ ଉପରେ ଦୃଷ୍ଟି ଦିଆଯାଇପାରେ ।

ଏହି ପ୍ରକ୍ରିୟାରେ ସବୁ ବିଷୟର ପ୍ରଶ୍ନପତ୍ର ଛାପିବାର ଆବଶ୍ୟକତାକୁ ଏଡାଇ ଦିଆଯାଇପାରିବ । ନିର୍ଭୁଲ ଅନୁମୋଦିତ ପ୍ରତ୍ୟେକ ପ୍ରଶ୍ନପତ୍ରକୁ (ସବୁ ସେଟ ସହିତ) ପରୀକ୍ଷା ଦିନ ବୋର୍ଡର କେନ୍ଦ୍ରୀୟ କାର୍ଯ୍ୟାଳୟରୁ ସବୁ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ଆରମ୍ଭର ଦୁଇ ବା ଅଢେଇ ଘଣ୍ଟା ପୂର୍ବରୁ ଇଣ୍ଟେରନେଟ ଜରିଆରେ ପଠାଯିବାର ବ୍ୟବସ୍ଥା କରାଯିବ । ସେଠାରେ ସମ୍ବନ୍ଧିତ ସମସ୍ତ ଅଧିକାରୀ ଉପସ୍ଥିତ ରହିବେ । ଅନ୍ୟପଟେ ପରୀକ୍ଷା କେନ୍ଦ୍ରରେ ଅଧୀକ୍ଷକଙ୍କ ସମେତ ସବୁ ପରୀକ୍ଷା ନିରୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇଣ୍ଟେରନେଟରୁ ପ୍ରଶ୍ନ ଡାଉନଲୋଡ଼ କରାଯାଇ ପ୍ରଶ୍ନପତ୍ର ପ୍ରିଣ୍ଟ କରାଯିବ । ଯଦି କୌଣସି କାରଣ ବଶତଃ ପୁନଶ୍ଚ ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହୁଏ, କେନ୍ଦ୍ରୀୟ କାର୍ଯ୍ୟାଳୟରେ ଉପସ୍ଥିତ ପ୍ରଶ୍ନ ପ୍ରସ୍ତୁତକାରୀ କମିଟିର ସଦସ୍ୟମାନେ ତତ୍କ୍ଷଣାତ ସେହି ପ୍ରଶ୍ନଟିକୁ ଠିକ କରାଇପାରିବେ ଏବଂ ପରୀକ୍ଷା କେନ୍ଦ୍ରକୁ ନିର୍ଦ୍ଦେଶ ଦେବେ ।

ଏକ ଆକଳନ ଅନୁଯାୟୀ ପ୍ରତି ପରୀକ୍ଷା କେନ୍ଦ୍ର ପାଇଁ ହାରାହାରି ପ୍ରଶ୍ନପତ୍ରର ଆବଶ୍ୟକତା ୨୦୦ ପାଖାପାଖି । ତେଣୁ ସେତିକି ପ୍ରଶ୍ନପତ୍ର ଛପିବାରେ ସେଭଳି କୌଣସି ସମସ୍ୟା ହେବ ନାହିଁ । ଏହି ବିକଳ୍ପ ଅନୁସରଣ କରିବା ଫଳରେ ପ୍ରଶ୍ନ ପତ୍ର ମହଜୁଦ ରଖିବା ପାଇଁ ନୋଡାଲ କେନ୍ଦ୍ରର ଆବଶ୍ୟକତା ଏବଂ ତତଜନିତ ଖର୍ଚ୍ଚ ଯଥା ପରିବହନ, ସୁରକ୍ଷା ଗାର୍ଡ ଏବଂ ନୋଡାଲ କେନ୍ଦ୍ରରେ କଡା ପହରା ବାବଦ ବ୍ୟୟ ଭାରକୁ ହ୍ରାସ କରାଯାଇପାରିବ । କେବଳ ସବୁ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦିବସ ମାନଙ୍କରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ ।

ଆଉ ଏକ ସମସ୍ୟା ହେଉଛି ଭୁଲ ପ୍ରଶ୍ନ ଅଥବା କୌଣସି ଏକ ପ୍ରଶ୍ନ ବାଦ ପଡିବା ପ୍ରସଙ୍ଗରେ ଗ୍ରେସ ମାର୍କ ପ୍ରଦାନ ବ୍ୟବସ୍ଥାର ପୁନର୍ବିଚାର କରିବାର ଆବଶ୍ୟକତା ରହିଛି । ଗ୍ରେସ ମାର୍କ ପ୍ରଦାନ ଆଦୌ ଗ୍ରହଣୀୟ ନୁହେଁ କାରଣ ଏହା ମେଧାବୀ ଛାତ୍ର ଛାତ୍ରୀଙ୍କ ମନରେ ଏହା ନକାରାତ୍ମକ ପ୍ରଭାବ ପକାଇବ । ଏହା ମଧ୍ୟ ଦୁର୍ବଳ ପରୀକ୍ଷାର୍ଥୀଙ୍କୁ ଉଦ୍ଦିଷ୍ଟ ବିଷୟରେ ସଫଳତା ପାଇବାକୁ ସାହାଯ୍ୟ କରିବ । ଉଲ୍ଲିଖିତ ପ୍ରସ୍ତାବ ବୋର୍ଡକୁ ପରୀକ୍ଷା ପରିଚାଳନାରେ ଏକ ନୂତନ ଦିଗ୍ଦର୍ଶନ ପ୍ରଦାନ କରିପାରିବ ।

*ମର୍କତ ନଗର, କଟକ*
*ଦୂରଭାଷ : ୬୩୭୧୬୧୯୦୦୫*

## ଧାରାବାହିକ ଉପନ୍ୟାସ

# ମହାନାୟକ

### କ୍ଷୀରୋଦ ଦାସ



ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୭

*(ପୂର୍ବପ୍ରକାଶ ଉତ୍ତାରୁ*

ବରଂ ଆନନ୍ଦରେ ମୋ' ଛାତି କୁଣ୍ଢେମୋଟ ହୋଇଯାଉଛି। ଆପଣ ସେତିକି କଳାପ୍ରେମୀ ବୋଲି ସିନା କଳାକାରକୁ ଆଦର କରି ତାଙ୍କୁ ମନେ ରଖି ପାରିଛନ୍ତି। ଏଇଟା ଆପଣଙ୍କ ବଡପଣ ଆଜ୍ଞା...

ଘନଦାଦାଙ୍କ କଥାକୁ ଶେଷ ହେବାକୁ ନଦେଇ ଗଦାଧର ବାବୁ କହିଲେ - "ଖାଲି କଳାପ୍ରେମୀ ନୁହେଁ ମ ବାବୁ! କଳାର ବିକାଶ ପାଇଁ ଅନୁଷ୍ଠାନଟିଏ ଗଢ଼ିଛି। 'ରଙ୍ଗ ମହଲ' ନାମରେ ମୋର ଛୋଟିଆ ଯାତ୍ରା ପାର୍ଟିଟାଏ ଅଛି।

: 'ରଙ୍ଗ ମହଲ' ଯାତ୍ରାପାର୍ଟିର ମାଲିକ ଆପଣ! - ଘନଦାଦା ଆଶ୍ଚର୍ଯ୍ୟ ଓ ଆନନ୍ଦମିଶା ଗଦ୍‌ଗଦ୍ ସ୍ୱରରେ କହିଲେ - "ସାରା ଓଡ଼ିଶାରେ ଏକ ନମ୍ବର ଯାତ୍ରାପାର୍ଟି 'ରଙ୍ଗ ମହଲ'। ତା'ର ଅନେକ ବହି ମୁଁ ଦେଖିଛି। ସେଇ ଯାତ୍ରାପାର୍ଟି ଯେଉଁଠି ପଡିଥିବ, ଯେତେ ଦୂର ହେଉପଛେ, ଯେତେ ଅସୁବିଧା ଥାଉ ପଛେ, ପୃଥିବୀ ପ୍ରଳୟ ହୋଇଯାଉ ପଛେ, ମୁଁ ଯିବି ମାନେ ଯିବି। ଯାତ୍ରା ଦେଖିବି ମାନେ ଦେଖିବି। ଆଜି କି ଯୋଗରେ ରାତି ପହିଥିଲା କେଜାଣି ଆପଣଙ୍କ ପରି ମହାନୁଭବଙ୍କ ସହ ମୋର ସାକ୍ଷାତ ହେଲା...

ଗଦାବାବୁଙ୍କ ମୁହଁ ଉଜ୍ଜ୍ୱଳ ଦେଖାଗଲା। ତାଙ୍କ ଇସାରାରେ ଦୋକାନୀ ପିଲାଟି ଗୋଟାଏ ଚେୟାର ଆଣି ରଖିଲା ପାଖରେ।

'ବସନ୍ତୁ ମ! ଘଡିଏ କଥାହେବ!' - କହିଲେ ଗଦାବାବୁ।

ବସିଲେ ଘନଦାଦା। ପ୍ରଶାନ୍ତ ଦେଖାଯାଉଥିଲା ତାଙ୍କ ମୁହଁ।

ନିଜର ରୁଚି ଓ ମନ ପସନ୍ଦର ମଣିଷମାନଙ୍କ ପାଖରେ ସମୟ କାଟିବାକୁ ଭଲପାଆନ୍ତି ସବୁ ମଣିଷ। ଘନଦାଦା ବା ସେଥିରୁ ବାଦ୍ ଯିବେ କିପରି?

: ଆପଣଙ୍କୁ ଦେଖି ହଠାତ୍ ମନ ଭିତରକୁ ଗୋଟେ ଚିନ୍ତା ଆସୁଛି। ଯଦି କିଛି ଅନ୍ୟଥା ନ ଭାବିବେ, କହିବି! - କହିଲେ ଗଦାବାବୁ।

: ଇୟେ କି କଥା ଆଜ୍ଞା। ଆପଣ ଜଣେ ବୟୋଜ୍ୟେଷ୍ଠ ଗୁରୁଜନ। ଏତେ ବଡ ଯାତ୍ରାପାର୍ଟିର ମାଲିକ। ଜଣେ କଳାପ୍ରେମୀ ମଣିଷ। ସମାଜରେ ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ଅଛି, ପତିଆରା ଅଛି! ଆପଣ ପୁଣି ମୋ ଅନୁମତି ନେଇ କଥା ହେବେ! ଏକଥା ମୋତେ କଷ୍ଟଦେଲା ଆଜ୍ଞା! ଯାହା କହିବା କଥା ଆଜ୍ଞା, ନିର୍ଦ୍ୱନ୍ଦରେ କୁହନ୍ତୁ ...

ଘନଦାଦା ଗଦାବାବୁଙ୍କ ହାତକୁ ଧରି କହିଲେ।

ଗଦାବାବୁ ତାଙ୍କ ପିଲାକୁ ଇସାରା କଲେ ଦି'କପ୍ ଚା' ଆଣିବାକୁ। ପିଲାଟି ଚା' ଆଣି ଦେବା ପରେ ଘନଦାଦାଙ୍କ ଆଡକୁ ଚା' କପେ ବଢ଼ାଇ ଦେଇ ସେ ପଚାରିଲେ- "ଆପଣ ଏବେ କେଉଁ ପାର୍ଟିରେ କାମ କରୁଛନ୍ତି?

: ବୁଝି ପାରିଲିନି ଆଜ୍ଞା! - ଘନଦାଦା ଆଶ୍ଚର୍ଯ୍ୟ ହୋଇ ପଚାରିଲେ।

: ମୋ କହିବାର କଥା ହେଲା, ଆପଣ ଏବେ କେଉଁ ଯାତ୍ରା ପାର୍ଟିରେ ରୋଲ୍ କରୁଛନ୍ତି?

ଘନଦାଦା ଭାବିଲେ, ଏ ମହାଶୟ ତାଙ୍କୁ



ବୋଧହୁଏ ଜଣେ ବିରାଟ କଳାକାର ବୋଲି ଭାବି ନେଇଛନ୍ତି। ସେଇଥିପାଇଁ ସେ ନିଶ୍ଚୟ କେଉଁ ଯାତ୍ରା ପାର୍ଟିରେ ଅଛନ୍ତି ବୋଲି ଜାଣିବାକୁ ଚାହୁଁଛନ୍ତି। ସେ ତାଙ୍କର ଭ୍ରମ ଦୂର କରିବାକୁ ଯାଇ କହିଲେ -

"ଆପଣ ମୋତେ ଭୁଲ ବୁଝିଛନ୍ତି ଆଜ୍ଞା! ମୁଁ ଏତେ ବଡ ଆର୍ଟିଷ୍ଟ ନୁହେଁ ଯେ କେଉଁ ଅପେରା ଦଳ ମୋତେ ତା ଦଳକୁ ଆମନ୍ତ୍ରଣ କରିବ! ମୁଁ ଏଇ ଗାଁ ଗାଉଁଲି ଡ୍ରାମା ଫାମାରେ ଛୋଟ ମୋଟ ରୋଲ କରିଥାଏ ଆଜ୍ଞା! ଚାଷବାସ କିନ୍ତୁ ମୋର ମୁଖ୍ୟ ବେଉସା।

'ମୃଗ କଣ ଜାଣିଥାଏ, ତା' ନାଭିରେ କସ୍ତୁରୀ ଅଛି ବୋଲି।' - ଗଦାବାବୁ ଅମାୟିକ ହସଟେ ହସି କହିଲେ - 'ତା'ର ବାସ୍‌ନା ଚଉଦିଗକୁ ମହକେଇବା ପରେ ସିନା ଅନ୍ୟମାନେ ଜାଣନ୍ତି! ଆପଣ ନିଜେ ନିଜ କଳା କରିସ୍ମା ବିଷୟରେ କ'ଣ ଜାଣିବେ? ଛାଡନ୍ତୁ ସେ କଥା। ସିଧା ସଳଖ କଥା ହେବା। ମୁଁ ଆଜ୍ଞା ବୁଲେଇ ବଙ୍କେଇ କଥା କହିବା ଲୋକ ନୁହଁ। ଆପଣ 'ରଙ୍ଗ ମହଲ'ରେ ପ୍ରବେଶ କରିବେ କି?

ଘନଦାଦା ହାଁ କରି ଅନେଇଥିଲେ ଗଦାବାବୁଙ୍କ ମୁହଁକୁ।

: ମେନ୍ ହୀରୋ ରୋଲ୍ ନୁହେଁ, ଆମ ଡାଇରେକ୍ଟରଙ୍କୁ କହି ମୁଁ ଆପଣଙ୍କୁ ସାଇଡ୍ ହୀରୋ ରୋଲ୍ ଦେଇପାରେ। ଆପଣ ହଁ ଭରିଲେ ସାଲାରୀ ବିଷୟରେ ଆଲୋଚନା କରିବା।

ପଲକ ପଡୁନଥିଲା ଘନଦାଦାଙ୍କ ଆଖିରେ। ସେ ସେଦିନର ବାର କ'ଣ ମନେ ପକାଇବାକୁ ଚେଷ୍ଟା କଲେ। ହଁ, ବୁଧବାର। ତାରିଖ ମନେ ପକାଇଲେ। ଅଠର ତାରିଖ। ବୁଧବାର ଅଠର ତାରିଖଟା କ'ଣ ତାଙ୍କ ଜୀବନର ସବୁଠୁ ଭଲ ଦିନ! ଯାହା ସେ ଶୁଣୁଛନ୍ତି, ତାହା ସତ୍ୟ ନା ଏମିତି ଗାଲୁଗପ! ତାଙ୍କ ପାଖରେ ଯୋଗ୍ୟତା ଅଛି କି ରାଜ୍ୟର ନାମକରା ଯାତ୍ରା ପାର୍ଟି 'ରଙ୍ଗ-ମହଲ'ରେ ମିଶି ସାଇଡ୍ ହୀରୋ ଭୂମିକାରେ ଅଭିନୟ କରିବା!!

ନିଜକୁ ଭାରି ଅସହାୟ ମନେକଲେ ଘନଦାଦା, ସେଇ ମୁହୂର୍ତ୍ତରେ। 'ହଁ' ବୋଲି ଉତ୍ତରଟେ ଦେବାକୁ ପଡିଲାନି ତାଙ୍କୁ। ଉଚ୍ଛୁଳି ଉଠୁଥିବା ତାଙ୍କ ମୁହଁ ହିଁ ସୂଚାଇ ଦେଉଥିଲା ଯେ ଭିକାରୀକୁ ବୋଧେ ମିଳିଯାଇଛି ରାଜେନ୍ଦ୍ର ଆସନ!

ଅନୁଭୂତି ଆଉ ଅଭିଜ୍ଞତାସମ୍ପନ୍ନ ଗଦାବାବୁଙ୍କୁ ତାଙ୍କ ମନକଥା ଜାଣିବାକୁ ବେଶି ସମୟ ଲାଗିଲା ନାହିଁ। ସେ ସଙ୍ଗେସେଙ୍ଗ ଫୋନ୍ କରି ଡକାଇଲେ ଯାତ୍ରା ପାର୍ଟିର ମ୍ୟାନେଜର ହୋତାବାବୁଙ୍କୁ। ଅଧଘଣ୍ଟା ଭିତରେ ମଟର ସାଇକେଲ ଧରି ହୋତାବାବୁ ଆସି ପହଞ୍ଚି ଗଲେ ସେଠାରେ। ତାଙ୍କ ସହିତ କିଛି ସମୟ ଆଲୋଚନା କରିସାରିଲା ପରେ ଗଦାବାବୁଙ୍କୁ ଘନଦାଦାଙ୍କୁ କହିଲେ-

"ଫାଇନାଲ୍। ବର୍ଷକୁ ତିନିଲକ୍ଷ ବର୍ତ୍ତମାନ ପାଇଁ। ଛ'ଟି ବହି କରି ସାରିବାପରେ, ଯଦି ଦର୍ଶକମାନେ ସନ୍ତୁଷ୍ଟ ହେଲେ, ବଢ଼ିବ ସାଲାରୀ। ଯଦି ଆପଣଙ୍କର କୌଣସି ସମସ୍ୟା କିମ୍ବା ଆପତ୍ତି ନଥାଏ, ତେବେ ଆସନ୍ତା ସପ୍ତାହରେ ଜଏନ୍ କରନ୍ତୁ। ଆଜି ହେଲା ମେ ମାସ ଅଠର ତାରିଖ। ଜୁନ୍ ପହିଲାରୁ ଆରମ୍ଭ ହୋଇଯିବ ରିହସସାଲ୍। ଆଗକୁ ଯାତ୍ରା ସିଜିନ୍ ଆସୁଛି ...

*(କ୍ରମଶଃ)*



## ଘର ଢିଙ୍କି

### ଦୀନବନ୍ଧୁ ବେଜ




ଅସହ୍ୟ ସେ ପାକିସ୍ତାନୀ ପ୍ରେମ
ଅଣ୍ଟିରେ ଛୁରି ରଖି
କରୁଅଛି ନିଜ ଦେଶ ଦୁର୍ନାମ,
ରାସ୍ତାରେ ଲାଗିଥିବା ଶତ୍ରୁର ପତାକା
ଯାତ୍ରୀଙ୍କ ପାଦଦଳା ଦେଖି
ଉଠାଉଛି ଦେଖାଇକି ଦମ୍ଭ।
ଏଠି ଘର ଢ଼ିଙ୍କି ଅନେକ କୁମ୍ଭୀର
ଉଇ ହୋଇ ଗଲେ ଖାଇ
ସତେକି ଦେଶ ଚ଼ିରାଫଟା ଜାମା,
କେତେ ତାଳି କେତେ ରପୁ ହେବ
ଘର ଭିତରେ ବିଭିଷଣ ସବୁ
ଦେଶକୁ ଆମର କଲେଣି ନିକମା।
ଦେଶ ଏବେ ଦୁଆଳିଆ ଗାଇ
ଚାଲିଛି ଚ଼ରମ ଶୋଷଣ
ଦେଶ ଦ୍ରୋହ କରନ୍ତି ଚ଼ରମ,
ଶତ୍ରୁ ନାକ ମଧ୍ୟେ କାଠିକୁ ପୁରାଇ
ଛାତିରେ ହାତ ଦେଇ କହୁଛି
ଅଧା ଲୋକ କରୁଛନ୍ତି ଆମ କାମ।

ଛଦ୍ମବେଶୀ କିଛି ହୋଇ ବହୁରୁପି
ତାଳ ଦେଖି ଗୋଳମାଳ କରି
ଝାଡୁଛନ୍ତି ଅସନ୍ତୋଷ ଅନ୍ତର ଭିତରୁ,
କହୁଛନ୍ତି ଧର୍ମଶୁନ୍ୟ ସେଗୁଡ଼ାକ
ସେ କଥା ଜମାରୁ ନ କୁହ
ସାଥେ ଅଛୁ ଶାସନ ଦଫାରଫା କରୁ।
ଏମିତି ବି ସହିବାକୁ ପଡ଼ିଥାଏ
ଦେଶର ଖାଇକି ଗୃହ ଶତ୍ରୁ
ଆତଙ୍କୀ ଦେଶର ଜୟଗାନ କରେ,
ଛାତି ଫାଟିଗଲା ପରି ଲାଗେ
ନିଶ୍ୱାସ ବଢିଯାଏ ଖର ହୋଇ
ଶରୀରରୁ ଆତ୍ମା ବାରମ୍ବାର ମରେ।
ଏମାନଙ୍କ ପାଇଁ ଗୋଟିଏ ବିଚ଼ାର
ଏମାନଙ୍କ ନାଟକ ଦେଖି
ତୁମେ କାହାର ବୋଲି ପଚ଼ାର,
ନହେଲେ ଆମ ଦେଶରେ
ଶତ୍ରୁ ନାରାବାଜୀଙ୍କ ପାଇଁ କର
ଭଲ ଚିକିତ୍ସା ବନ୍ଦୋବସ୍ତର।

*ମାଲକାନଗିରି, ଓଡ଼ିଶା*

## ଅଙ୍କାବଙ୍କା ନଈ

### ଶାନ୍ତନୁ କୁମାର ସର



ଅଙ୍କାବଙ୍କା ନଈର ଧାରରେ
ନିର୍ଜନ ନୀରବତାର
ଆଦିମ ସମ୍ମୋହନରେ
ମୁଁ ଦୌଡୁଥାଏ ଦୌଡୁଥାଏ
ଦେଖି ଦେଖି ନଈ ପାଣିରେ
ଝଲସୁଥିବା ତୁମ ପ୍ରତିବିମ୍ବର
ଆକର୍ଷଣରେ
ସେତେବେଳେ ମୁଁ କଣ ଜାଣିଥିଲି
ଯେ ରୂପେଲି ରୁମାଲ ପରି ତୁମ ଛାଇ
ପ୍ରତାରକ ମାୟା ମରୀଚିକା
ଦେଖିଲା ବେଳକୁ ତମ ପ୍ରତିବିମ୍ବ
ସହସ୍ର ପାଖୁଡ଼ାରେ ସଜ୍ଜିତ ହୋଇ
ଉଭେଇଯାଏ ଅନନ୍ତ ଶୂନ୍ୟରେ
ମନେ ଅଛି ତମ ଅଶରିରୀ ସତ୍ତାକୁ
ମୁଁ କେମିତି ବିଷ୍ଣୁଶର୍ମା ପରି
କହୁଥାଏ ଦେହ ଓ ବିଦେହର କଥା
ଆତ୍ମାର ଅନ୍ୱେଷା ଓ ଆଉ ଅପ୍ରାପ୍ତିର ଶିଳାଲିପି
ଧରା ଦେଉନଥିବା କବିତାର ପଙ୍କ୍ତି
ଅବୁଝା ରାଜପୁତ୍ରକୁ କହିବାପରି
ପାପ ଆଉ ପ୍ରାୟଶ୍ଚିତର ପଞ୍ଚତନ୍ତ୍ର
ଆଉ ଧବଳ ଜିଜ୍ଞାସା


ଆମେ କଣ କେତେବେଳେ ଜାଣିଥିଲେ
ସବୁ କାହାଣୀର ଅହେତୁକ ଅନ୍ତଥାଏ ଆଉ
ତମେ ପୁଣି ହଜିଯିବ ଶୂନ୍ୟତାର ଆବର୍ତ୍ତ ଭିତରେ
ଆମେ କଣ ଜାଣିଥିଲେ
ନାଟକର ଶେଷ ଦୃଶ୍ୟ ଆସିଯିବ
ନାଟ୍ୟଶାସ୍ତ୍ର ନିୟମ ବାହାରେ

କବାଟରେ ଠକ୍ ଠକ୍ ଶବ୍ଦ ଶୁଣି
ମୁଁ ଦୌଡୁଥିବି ବିକଳ ଆଶାରେ
କିନ୍ତୁ କବାଟ ଖୋଲିଲା ପରେ
ତମେତ ନଥିବ, ଥିବଖାଲି ଉତ୍ପୀଡକ ଶୂନ୍ୟତାର
ମାୟାମୃଗ ଆଉ କରୁଣ ଚିତ୍କାର ।

*ପ୍ରାକ୍ତନ ଅଧକ୍ଷ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ*

## ତୁମ ମାଲିକାନା କ'ଣ ପାଇଁ?

### ରାଜଶ୍ରୀ ରଞ୍ଜିତା ହରିଚନ୍ଦନ



ଯଦି ଯାବତୀୟ ବିଧି ବିଧାନ
ନିୟମ କାନୁନ୍
ସବୁ କେବଳ ମୋ ପାଇଁ
ତେବେ ତୁମର ମାଲିକାନା
କ'ଣ ପାଇଁ?
ଚାଲିଲେ ଦୋଷ, ଝୁଣ୍ଟିଲେ ଦୋଷ
ହସିଲେ ଦୋଷ କାଶିଲେ ଦୋଷ
ଯେମିତି ମୋ ପାଖରେ ତମର ବରଦିଆ ମନ,
ବରଦିଆ କୁଳ ମର୍ଯ୍ୟାଦା,
ଅଥଚ ବିପନ୍ନ ବିବେକ ବଡ ବଡ ଆଖିରେ
ଦେଖୁଥାଅ ଅଜାଣତରେ କେବେ
ଛାତିରୁ ଖସିଲେ ପୋଷାକ।

ହାତରେ ମୁଠା ମୁଠା ଚୁଡ଼ି
ମଥାରେ ସିନ୍ଦୁର ପିନ୍ଧା ଭୁଲିବିନି,
ବଢିଯାଏ ସ୍ୱାମୀର ଆୟୁଷ,
ଝୁଣ୍ଟିଆ ପିନ୍ଧି ପକା
ଆମ ଏରୁଣ୍ଡି ଭିତରେ
ଅଟକି ଥାଉ ସାରା ଜୀବନ,
ତୋ ଥାନ ଶୋଇବା ଘର
ଅଥବା କବାଟ କଣ

ମନେ ରଖିଥିବୁ,
ବଂଶକୁ ଦାୟାଦଟେ ଦେବୁ
ଯିଏ ପିତୃ ଶ୍ରାଦ୍ଧରେ ପିଣ୍ଡ ବାଢୁଥିବ
ନ ହେଲେ ତୋ ମୁହଁ
ଚାହିଁଲେ ପାପ ପୁତ୍ ନର୍କରେ ସାତ ପୁରୁଷ
ହେବେ ଛଟପଟ, ଘରୁ ଦିଅଁ ଦେବତା
ହଠାତ୍ ସ୍ୱର୍ଗକୁ ମାରିବେ ଚମ୍ପଟ।

ବାର ଓଷା ତେର ବ୍ରତ କରିବୁ
ପତିବ୍ରତା ହେବୁ ବୃନ୍ଦାବତୀଙ୍କୁ ସଳିତା ବାଡି
ଅୟି ସୁଲକ୍ଷଣୀର ମୁକୁଟ ମାଗିବୁ
ମାଟିରେ ମାଟି ହୋଇ ଘରକୁ ସୁନା କରିବୁ।


ପଣିକିଆ ଘୋଷିଲା ପରି
ନିତି ସକାଳେ ପରକୁ ନିଜର କରିବୁ
ସବୁ ଯନ୍ତ୍ରଣା ପରେ ବି ହସି ହସି କହିବୁ
ମୁଁ ଦୁହିତା ଦୁଇ କୁଳର ହିତା,
ମନେରଖ, ତୋତେ ଝିଅ କରି ଗଢିଛି ବିଧାତା।

ସତ କୁହ ଯଦି ଯାବତୀୟ ବିଧି ବିଧାନ,
ନିୟମ କାନୁନ୍
କେବଳ ମୋ ପାଇଁ
ତେବେ ତୁମ ମାଲିକାନା
କ'ଣ ପାଇଁ?

*ଅଡାଲ, ବଡାଲ, ନିରାକାରପୁର, ପୁରୀ*

# ତରୁଲତା

### ମନୋଜ ମହାନ୍ତି



*(ପୂର୍ବପ୍ରକାଶ ଉତ୍ତାରୁ)*

ତରୁଲତାର ଘରେ ରାତିରେ ପ୍ରବଚନ ପାଇଁ ସେହିଁ ଲାଗିପଡ଼ିଚି। ତୁ ଋହୁଁତ ଆସିପାରୁ ମୋ ପାଖକୁ। ମୋ କଥା ତୋର ମନେ ନାହିଁକି? ଦୁଇଟା ଛୁଆର ମା ହେଲାପରେ ତୁ ମାନସୀଠୁଁ କ'ଣ ନିଟୋଳ ଦେହଟିଏ ପାଇପାରୁଛୁ? ଦେଖି ଆସିବୁ... ପୁରୁଣା ଭୁଲ୍ ବୁଝାମଣା ପାଇଁ ଅଭିମାନ କରିବୁ ନାହିଁ। ଏ ଅଧୋଡ଼ ବୟସରେ ରାଗ କ'ଣରେ! ମୁଁ ମା ହେବାକୁ ଋହୁଁଚି ଶ୍ରୀଚରଣ। ମୁଁ ଜାଣେ କେଉଁ ପ୍ରବଚନ, ଦୈବୀକୃପା କି ଦେବୀ ପୂଜନର ପ୍ରସାଦ ମୋତେ ଗର୍ଭବତୀ କରାଇପାରିବ ନାହିଁ। ରାଣ ଖାଉଚି ତୋତେ ଠିକ୍ ସେଇ ଯୌବନର ମାଦକତା ଦେବାପାଇଁ ମୁଁ ଭରପୁର ଚେଷ୍ଟା କରିବି। କିନ୍ତୁ ମନେରଖ ସେଠି ତୁ ତରୁଲତାକୁ ମୋ ଦେହରେ ଖୋଜିବୁ ନାହିଁ କି ଖୋଜିବୁ ନାହିଁ ତୋ ପ୍ରେୟସୀ ମାନସୀକୁ।

ସଞ୍ଜ ଅନ୍ଧାର ସବୁକୁ ନିଜ ପଣତରେ ଗୋଟାଉଥିଲା। ଆକାଶରେ ତରାଫୁଲ ନଥିଲା ଆଜି। ମେଘ ଢ଼ଙ୍କ ଆକାଶ। ମୁଁ ନିରୋଳା ମୁହୂର୍ତ୍ତଟେ ଋହିଁଲି। ମୁଁ ଭୁଲିଯିବାକୁ ଋହିଁଲି ମାନସୀ, ସୁନନ୍ଦା, ତରୁଲତା, ଧର୍ମ, ପାପ-ପୂଣ୍ୟ ପ୍ରବଚନ, ଏପରିକି ମୋ ପାଦତଳର ମାଟିକୁ ବି! ମୁଁ ଏ ଚିନ୍ତା ଚେତନାରୁ ମୁକ୍ତି ଋହୁଁ ଥିଲି।


ବାର୍ ଆଡ଼କୁ ପାଦ ମଢ଼ାଇଲି। ବାର୍ ବନ୍ଦ ରହିଚି। ସ୍ୱାଧୀଙ୍କ ପ୍ରବଚନ କାର୍ଯ୍ୟକ୍ରମକୁ ସୁସୁଙ୍ଖଳିତ କରିବା ପାଇଁ ଆଇନ କଡ଼ାକଡ଼ି କରାଯାଇଚି। ଉପରୁ ନିର୍ଦ୍ଦେଶ ଆସିଚି। ସହରକୁ ଏଇ କେଇଦିନ ନିଶାମୁକ୍ତ ରଖ। ମୁଁ ମାତ୍ର ଅବସାଦଠୁଁ ମୁକତି ପାଇଁ ନିଶାସକ୍ତ ହେବାକୁ ଋହୁଁଥିଲି।

କେହିଜଣେ ମୋ କାନ୍ଧରେ ହାତ ରଖିଲା ବତୀଖୁଣ୍ଟର ଆଲୁଅକୁ ପଛକରି। ଖାକି ବର୍ଦ୍ଦିରେ ଗୃହରକ୍ଷୀ ଜଣେ। ଦରମା କିଛି ମାତ୍ରାରେ ବଢ଼ିଲାଠୁଁ ଏମାନେ ବି ବର୍ଦ୍ଦିର ଠାଣୀ ଦେଖାଇବା ଆରମ୍ଭ କଲେଣି। ମୁଁ ଗୁଣ୍‌ଗୁଣ୍ ହେଲି। ସେ ମାତ୍ର ମୋ କାନପାଖରେ କହିଲା - ହେଇ ସେଇ କେବିନ୍ ପଛପଟେ ମିଳୁଚି ଆଜ୍ଞା... ବ୍ଲାକ୍‌ରେ! ଶହେଟଙ୍କା ଅଧିକ ପଡ଼ିବ।

ମାନସୀକୁ ଫୋନ୍ କଲି - ମୁଁ ପ୍ରବଚନ ଶୁଣିବାକୁ ଯାଉଚି। ରାନ୍ଧିବ ନାହିଁ ମୋ ପାଇଁ, ପ୍ରସାଦ ଖାଇନେବି। ମାନସୀ ଚିଲ୍ଲାଇଲା - ତୁମେ, ପୁଣି ପ୍ରବଚନ ଆଉ ପ୍ରସାଦ! ଡାହାମିଛ... ସେଇ ତରୁଲତା ତୁମ ମଗଜକୁ ଖାଇଯାଇଚି, ଶୀଘ୍ର ଫେରିବ। ତା'ପାଖରେ ରାତିରେ ରହିଯିବ ନାହିଁ। ଝିଅ ପଋରିପାରେ ବାପା ରାତିରେ କୁଆଡ଼େ?

ରାତି ଅଧିକ ହେଲେ ନିଶା ଭିଡ଼ି ମୋଡ଼ି ହୁଏ ଦେହରେ। ନିଶାରେ କାମନାଟା ନିଆଁ ହୁଏ। ପରକିଆ ରଙ୍ଗ ମାଖେ! ସୁନନ୍ଦାକୁ ବିନା ନିଶାରେ ଅନାଭରଣ କରିପାରିବାର ଦମ୍ଭ ମୋର କେଉଁଥିଲାକି? ସିଗାରେଟ୍ ଟାଣି ଧୂଆଁ ଛାଡ଼ିଲି। ଗଛଙ୍କ ଉହାଡ଼ରେ କଟ୍‌କଟ୍ କଳାରାତି। ଆକାଶରେ ମେଘର ବିଭୋରପଣ। ମୁଁ ଫୋନ୍ କଲି ସୁନ୍ଦାକୁ - ମୁଁ ଆସୁଚି। ସେ କହିଲା - ଅନନ୍ତ ଗଲାଣି! ସେ ନାଲାଏକ ବର୍ଷଟା ସାରା ବିଭିନ୍ନ କାରଣ ଦେଖାଇ ଧର୍ମର ଦ୍ୱାହି ଦେଇ ଦୂରେଇ ରହୁଚି... ଗୁଡ୍‌ବକ୍!

ଜୀରୋ ଲାଇଟ୍‌ରେ ଦେହର ଆମନ୍ତ୍ରଣ ଖୁବ୍ ଗଭୀର ଶ୍ରୀଚରଣ। ମୁଁ ଗାଧୋଇ ସାରିଚି। ତୁ ଖିର



ପିଇନେ, ପାରୁଚୁ ତ ଖଜୁରୀ କେଇ ଖଣ୍ଡ ଖାଇପାରୁ ଆଉ କାଜୁବି ଭାଜି ରଖିଚି। ଦେଖି ରଜନୀଗନ୍ଧାର ଅତର ଫିଙ୍ଗିଚି ବିଛଣାରେ। ତୋର ପସନ୍ଦ ମୋତେ ଜଣା। ମାତ୍ର ମୋତେ ଜଣା ତୁ ଖିର ପିଇଲେ ବାନ୍ତି କରି ଦେଉ। ମୋ ପାଇଁ ତୋତେ ଗ୍ଲାସ୍‌ଟେ ଖିର ନେବାକୁ ପଡ଼ିବ, କେଶର ପକାଇ ଦେଇଚି ଗନ୍ଧହେବ ନାହିଁ।

ମୁଁ ଖୋଲି ପକାଇଲି ମୋ ସାର୍ଟର ବୋତାମ। ସେ ମୁହଁ ଗୁଂଜିଲା ମୋ ଛାତିରେ। ଝାଳ ଗନ୍ଧକୁ ଶୁଂଘିଲା ସିଏ। କଥା ରଖିଲା - ତମେ ଶଳା ପୁରୁଷ ଗୁଡ଼ା ନାରୀଟେକୁ ଅତର ଗନ୍ଧରେ ସହଜ ମନେ କରିବ, ଆମେ ମାତ୍ର ତୁମ ଝାଳ ଗନ୍ଧକୁ ନିଜର କରିପାରୁ! ପ୍ରେମରେ ଆମଠୁଁ ତୁମେ କସ୍ମିନ୍ କାଳେ ଶ୍ରେଷ୍ଠ ନୁହଁ ଶ୍ରୀଚରଣ! ଜମା ନୁହେଁ!

ମୁଁ ଖିର ଉଠାଇ ନେଲି। କାଜୁ କେଇଟୁକୁଡ଼ା ସେ ଗେହ୍ଲାରେ ପୁରାଇ ଦେଲା ମୋ ପାଟିରେ। ମୋ ଓଠକୁ ତା ଓଠ ପାଖକୁ ନେଲା ବେଳକୁ ସେ ଧକ୍କାଟେ ପକାଇଲା, କହିଲା - ଶଳା ମଦପିଇ ଆସିଚୁ... ଭାଗ ଶଳା। ତୋ ବିର୍ଯ୍ୟରେ ମଦର ପ୍ରଭାବ ନେଇ ମୁଁ ଗର୍ଭବତୀ ହେବାକୁ ଘୃଣା କରେ ଶ୍ରୀଚରଣ! ଆଜିଠୁଁ ମୁଁ ତୋତେ ବି ଘୃଣା କରେ... ଭାଗ୍...।

ରାତି ବଢ଼ିଚି ଆଉ ଦେହର ତାତିବି। ମୁଁ ରାସ୍ତାରେ, ପାଦ ଦେଲି। ଟୋପେ ଟୋପେ ବର୍ଷା ପଡ଼ିବା ଆରମ୍ଭ କଲାଣି। ଅନନ୍ତ ଫେରୁଥାଇପାରେ। ସୁନନ୍ଦା ସହଜ ଭାବରେ କହିପାରେ - ତୁମେ ପ୍ରବଚନ ଆଉ ପ୍ରସାଦ ସେବନ କରି ଆସିବାକୁ ମୁଁ ଅପେକ୍ଷା ରଖିଥିଲି ଅନନ୍ତ! ତୁମ ପାଇଁ ନୂଆ ହୋଇ ଶେଜ ସଜାଇଚି, ଖିରରେ କେଶର ପକାଇଚି ଯା'ତୁମ ପୌରୁଷତ୍ୱକୁ ଅଧିକ ଦମ୍ଭିଳା କରିବ, ଖଜରୀ ଖାଇପାର, କାଜୁର ଟୁକୁଡ଼ା ପାଟିରେ ପକାଅ, ଲବଙ୍ଗ ଜାକିପାର କଳରେ। ଭାବିନିଅ ଆଜି ଆମର ପ୍ରଥମ ମିଳନ। ମୋତେ ତୁମେ ଦୈବୀ କୃପାରୁ ଗର୍ଭବତୀ କରିପାର... ମୁଁ ମା ହେବାକୁ ଋହେଁ ଅ...ନ...ନ୍ତ! ପୌରୁଷର ସାମର୍ଥ୍ୟ ପାଇଁ ଯାହାବି ଦର୍କାର ସେ ସବୁ ସଜେଇ ରଖିଚି। ନିଜ ଦେହକୁ ବି ପାଣିରେ ପଖାଳି ତୁମ ଭୋଗ୍ୟ ପାଇଁ ସଜାଡ଼ିଚି!

ବରଗଛର ଋନ୍ଦିନୀରେ ବସିଲି। ଅନ୍ଧାରକୁ ଜାବୁଡ଼ି ଧରିଲି। ମାନସୀ ଶୋଇ ଯାଇଥିବ.... ଝିଅବି। ସ୍ୱାଧୀଙ୍କର ପ୍ରବଚନ ପରେ ଲୋକେ ପ୍ରସାଦ ଖାଇ ଫେରିବା ଆରମ୍ଭ କରିଥିଲେ। ଅଧଘଣ୍ଟା ସମୟ ପରେ ନିରୋଳା ହୋଇଗଲା ଅସ୍ଥାୟୀ ଆଶ୍ରମ। ମୁଁ ଗେଟ୍ ଦେଇଯିବାକୁ ଋହିଁଲି। ସିକ୍ୟୁରିଟିକୁ ଟୁକୁଡ଼ାଏ କାଗଜ ଦେଲି - ଦେବୀଙ୍କ ଆଦେଶ ଅପେକ୍ଷାରେ ଟହଲ ମାରିଲି।

ପାଞ୍ଚ ମିନିଟ୍ ପରେ ଖବର ଆସିଲା - ଦେବୀ ଆପଣଙ୍କ ଅପେକ୍ଷାରେ।

ଏଠିବି ଗୋଟେ ଶୟନ କକ୍ଷ! ଜିରୋ ଲାଇଟ୍‌ର ଆଲୁଅ ଜଳୁଚି, ରଜନିଗନ୍ଧାର ଜୀଅନ୍ତା ମାଳ ଟଙ୍ଗା ହେଇଚି, ପଲଙ୍କରେ, ଧଳା ଋଦର ପଡ଼ିଚି। ଖିର ଗ୍ଲାସରେ କେଶରର ବାସ୍ନା! ସେ ଉଠି ଆସିଲା ମୋ ପାଖକୁ। ମୋ ମୁଣ୍ଡର ଅଳରା କେଶରେ ଆଙ୍ଗୁଠି ପୁରାଇ ଆଉଁସି ଆଣିଲା। ତା ଓଠ ଥରିଲା... ଆଖିରେ ଲୁହ ଯେ ଲୁହ ଯେମ୍ତି ଉଦନ୍ତୀ ନଦୀରେ ବନ୍ୟା କୂଳଖାଉଚି।

ସେଇଟା ନାଥଶର୍ମା ନଥିଲାରେ ଶ୍ରୀଚରଣ ସେଇଟା ଅନାଥ ଥିଲା ଅନାଥ ହୋଇବି କଥା ବାଚକ ହୋଇ ସମାଜରେ ନାଥ ବୋଲାଇଲା। କିଶୋର ବୟସରେ ମୋ ଅପରିପକ୍ୱ ହୃଦୟ ସହ ଏମ୍ତି ରଙ୍ଗ ମାଖିଲା ମୁଁ ବିଭୋର ହେଲି। ମୁଁ ମାଟିରେ ନଥିଲି ଶ୍ରୀଚରଣ ମୁଁ ଆକାଶରେ ଉଡ଼ିଲି!

*(କ୍ରମଶଃ)*



# କୋରାପୁଟରେ ନୋଡାଲ ସେକ୍ରେଟେରୀଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲାରେ ଦୁଇ ଦିନିଆ ସମୀକ୍ଷା କରିଛନ୍ତି ନୋଡାଲ ସେକ୍ରେଟାରୀ, କମିଶନର ତଥା ଶାସନ ସଚିବ ସମାଜ ବିଭାଗ ଓଡ଼ିଶା ରାଜେଶ ପ୍ରଭାକର ପାଟିଲ। କୋରାପୁଟ ୬୫୦ ଶଯ୍ୟା ବିଶିଷ୍ଟ ନିର୍ମାଣାଧୀନ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେବା ସହ ନିର୍ମାଣାଧୀନ ନୂତନ କୋଠା ବୁଲି ଦେଖିଥିଲେ। କୋରାପୁଟ ଜିଲ୍ଲାରେ ମେଗା ପାନୀୟ ଜଳ ପ୍ରକଳ୍ପ ଲାଖିଗୁଡ଼ା ସ୍ଥିତ କୋଲାବ ଜଳଭଣ୍ଡାରରେ ନିର୍ମାଣାଧୀନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଗ୍ରାମ୍ୟ ଜଳ ପରିମଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି କିଭଳି ରାଜ୍ୟ ସରକାରଙ୍କ ଯୋଜନା ଅନୁସାରେ ପ୍ରତ୍ୟେକ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଯୋଜନା ସଫଳ ହେବ ସେନେଇ ଆଲୋଚନା କରିଛନ୍ତି। ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ଅନୁସୂଚିତ ଜନ ଜାତି ଓ ଅନୁସୂଚିତ ଜାତି ବିଭାଗୀୟ ଉଚ୍ଚ ବିଦ୍ୟାଳୟ ଉଚ୍ଚ ବିଦ୍ୟାଳୟ ବୁଲି ଦେଖିବା ସହ ପିଲାଙ୍କୁ ମିଳୁଥିବା ସରକାରଙ୍କ ବିଭିନ୍ନ ଯୋଜନା ତଦାରଖ କରି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସ୍ମାର୍ଟ କ୍ଲାସରୁମ ସହ ଲାଇବ୍ରେରୀ ବୁଲି ଖୁସି ବ୍ୟକ୍ତ କରିଥିଲେ। ଦେଶର ମହାପୁରୁଷଙ୍କ ଜୀବନୀ ଉପରେ ପିଲାଙ୍କୁ ସାଧାରଣ ଜ୍ଞାନ କିଭଳି ଦିଆଯିବ



ସେଥିଉପରେ ଗୁରୁତ୍ୱାରୋପ କରିଥିଲେ। ସେମିଳିଗୁଡ଼ା ବ୍ଲକ ସ୍ଥିତ ରାଜପୁଟ ପଞ୍ଚାୟତ ମିଲେଟ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରିବା ସହ ମିଲେଟ ପ୍ରସ୍ତୁତି ଖାଦ୍ୟ ଦେଖିବା ସହ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ ପିଲାଙ୍କୁ ମିଲେଟ ଖାଦ୍ୟ ଦିଆଯିବ କିଭଳି ମିଲେଟ ଖାଦ୍ୟକୁ କିଭଳି ପ୍ରଚାର ପ୍ରସାର କରାଯିବ ସେନେଇ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ମିଲେଟ ପ୍ରକ୍ରିୟାକରଣ ୟୁନିଟ ଠାରେ ମାଣ୍ଡିଆ ଲଡୁ, ବିସ୍କୁଟ ଖାଇ ମାଣ୍ଡିଆରେ ଏଭଳି ସ୍ୱାଦିଷ୍ଟ ଖାଦ୍ୟ ଖାଇ ଖୁସି ବ୍ୟକ୍ତ କରିଥିଲେ। ତାହାପରେ ପଟାଙ୍ଗି ବ୍ଲକ ଅନ୍ତର୍ଗତ ପେଟୁରୁ ଠାରେ ଓରମାସ ଦ୍ୱାରା ପରିଚାଳିତ ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ କରିଥିଲେ। ସ୍ଥାନୀୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଅଭିନବ ପଦକ୍ଷେପକୁ ଅଭିନନ୍ଦନ ଜଣାଇବା ସହ ଗୋଟିଏ ସ୍ଥାନରେ ସିଲେଇ, ମଣ୍ଡା ଚୁନା, ମାଣ୍ଡିଆ ଚୁନା, ପେପର ପ୍ଲେଟ,ଚପଲ ନିର୍ମାଣ ସହ ଧୂପକାଠି ୟୁନିଟ ବୁଲି ଦେଖିଥିଲେ। ଆସନ୍ତା ଦିନରେ ପେଟରୁ ଶିଳ୍ପ ୟୁନିଟରେ ପ୍ରସ୍ତୁତି ସାମଗ୍ରୀ କିଭଳି ବଜାରିକରଣ କରାଯିବ ସେନେଇ ଓରମାସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଜନେସ କରିଡ଼ର ରାୟପୁର ଠାରୁ ବିଶାଖାପାଟଣା ଭାରତ ମାଳା ପରିଯୋଜନାର ସମୀକ୍ଷା କରିଥିଲେ ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିବା ସହ ଟନେଲ ବୁଲି ଦେଖିଥିଲେ। ନିର୍ଦ୍ଧାରିତ ସମୟରେ କିଭଳି ଭାରତ ମାଳା ଏକ୍ସପ୍ରେସ ହାଇଓ୍ୱେ ଲୋକଙ୍କ ନିମନ୍ତେ ଉନ୍ମୁକ୍ତ ହେବ ସେନେଇ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। କୋରାପୁଟ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ମାନଙ୍କ ସହ ଜିଲ୍ଲାର ଅଗ୍ରଗତି ଓ ଉନ୍ନୟନମୂଳକ ପ୍ରକଳ୍ପକୁ ନେଇ ଆଲୋଚନା କରିଥିଲେ। ଜିଲ୍ଲାରେ ପାନୀୟ ଜଳ ଯୋଗାଣ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନିଯୁକ୍ତି, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ସହ ଉଦ୍ୟୋଗୀ ବିକାଶ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, ଜୟପୁର ଉପ ଜିଲ୍ଲାପାଳ ଆକାଉରମ ଶସ୍ୟା ରେଡ୍ଡୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମ ଲାଲ ହିଆଲ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବରଦା କାନ୍ତ ମିଶ୍ର, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷ ଓ ଡିନ ପ୍ରଫେସର ସୁଶାନ୍ତ କୁମାର ସାହୁ, ଜିଲ୍ଲା ଜଳ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜଗବନ୍ଧୁ ଚୌଧୁରୀ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ଡୁଡା ପିଡି ତପନ କୁମାର ନାୟକ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସ୍ନେହ ପ୍ରଭା ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ସହ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଲକ୍ଷ୍ମୀପୁର ବ୍ଲକରେ ମାଟ୍ରିକ୍ ପାସ୍ ହାର ୯୪%

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ୧୩ଟି ଉଚ୍ଚ ବିଦ୍ୟାଳୟରେ ୮୨୮ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ବ୍ଲକରେ ପାସ ହାର ରହିଛି ଶତକଡା ୯୪.୩୦ ପ୍ରତିଶତ। ସମ୍ପୂର୍ଣ୍ଣ ବ୍ଲକରେ ଜଣେ ହେଲେ ପିଲା ଏ ୧ ଗ୍ରେଡ଼ରେ ପାସ ହୋଇ ନଥିବା ବେଳେ ମାତ୍ର ଦୁଇ ଜଣ ଛାତ୍ରୀ ଏ ୨ ଗ୍ରେଡ଼ରେ ପାସ ହୋଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ ବ୍ଲକ ସଦର ମହକୁମାର ବିଦ୍ୟାଳୟରେ ଜଣ ହେଲେ ଏ ୨ରେ ମଧ୍ୟ ପାସ କରି ପାରିନାହାନ୍ତି। ଯାହାକି ବ୍ଲକରେ କିପରି ଶିକ୍ଷା ପ୍ରଦାନ କରାଯାଉଛି ତାକୁ ନେଇ ସବୁ ମହଲରେ ଚିନ୍ତାର ବିଷୟ ପାଲଟିଛି। ଛାତ୍ରଙ୍କ ତୁଳନାରେ ଛାତ୍ରୀ ମାନେ ଭଲ ପ୍ରଦର୍ଶନ କରିଥିବା ବେଳେ ଦୁଇ ଜଣ ଛାତ୍ରୀ ହିଁ ଏ ୨ ଗ୍ରେଡ଼ରେ ପାସ ହୋଇଛନ୍ତି। କାକିରିଗୁମା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ମହାରଥୀ ୫୦୧ ନମ୍ବର ରଖି ପ୍ରଥମ ସ୍ଥାନ ପାଇଥିବା ବେଳେ ଗୌଡ଼ଗୁଡା ବିଦ୍ୟାଳୟର ଗାୟତ୍ରୀ ନାୟକ ୪୮୫ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବ୍ଲକରେ ୪ଟି ସେଣ୍ଟରରେ ଛାତ୍ର ଛାତ୍ରୀ ମାନେ ପରୀକ୍ଷା ଦେଇଥିବା ବେଳେ ୧୩ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ମିନାପାଇ ଆଶ୍ରମ ସ୍କୁଲରେ ୫୮ ଜଣ ଛାତ୍ରୀଙ୍କ ମଧ୍ୟରୁ ଶତ ପ୍ରତିଶତ ହାରରେ ସମସ୍ତେ ପାସ ହୋଇଛନ୍ତି। ସେହିପରି ସାଙ୍ଗନା ଉଚ୍ଚ ବିଦ୍ୟାଳୟରେ ୧୪୭ ରୁ ୧୪୩ ଜଣ, ବୁର୍ଜା ଆଶ୍ରମ ବିଦ୍ୟାଳୟରୁ ୫୭ ରୁ ୫୪, ଚମ୍ପି ଆଶ୍ରମ ବିଦ୍ୟାଳୟରୁ ୭୬ ରୁ ୭୩, ପଞ୍ଚଡା ସେବାଶ୍ରମ ବିଦ୍ୟାଳୟରୁ ୯୮ ରୁ ୮୮, ଗିର୍ଲିପୁଟ ସ୍କୁଲରୁ ୧୯ ରୁ ୧୬, ୟୁଏନ ରାଜୁ ବାଳିକା ବିଦ୍ୟାଳୟରୁ ୪୯ ରୁ ୪୮, କାକିରିଗୁମା ଉଚ୍ଚ ବିଦ୍ୟାଳୟରୁ ୯୩ ରୁ ୮୪, ତୁନପାର ଆଶ୍ରମ ସ୍କୁଲରୁ ୭୭ ରୁ ୬୯, ଧରଡ଼ା ଆଶ୍ରମ ବିଦ୍ୟାଳୟରୁ ୫୧ ରୁ ୪୯, ଗୌଡ଼ଗୁଡା ସ୍କୁଲରୁ ୨୯ ରୁ ୨୭, ଲୁଲୁପଦର ସ୍କୁଲରୁ ୨୪ ରୁ ୨୩ ଓ ତୋୟାପୁଟ ନେତାଜୀ ସ୍କୁଲରୁ ୫୦ ରୁ ୪୯ ଜଣ ଛାତ୍ରଛାତ୍ରୀ ପାସ ହୋଇଛନ୍ତି। ପାସ ହାର ୯୪ ପ୍ରତିଶତ ରହିଥିଲେ ସୁଧା ଏ ୧ ଗ୍ରେଡ଼ରେ ଜଣେ ହେଲେ ଛାତ୍ର କିମ୍ବା ଛାତ୍ରୀ ଉତୀର୍ଣ୍ଣ ହୋଇ ନପାରିବା ଶିକ୍ଷାର ମାନକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖା ଦେଇଛି। ଅପରପଟେ ଲକ୍ଷ୍ମୀପୁର ବ୍ଲକରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ପାସ ହୋଇଥିବା ବେଳେ କଣ ପାଇଁ କେହିବି ଏ ୧ ଗ୍ରେଡ୍ ପାଇଲେ ନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦାରୁ କାଠରେ ...

ଅଢ଼େଇ ଫୁଟ ଉଚ୍ଚର ଚତୁର୍ଦ୍ଧା ମୂରତି ବସିଛନ୍ତି ତେଣୁ ସନ୍ଦେହକୁ ଆହୁରି ବଳିଷ୍ଠ କରିଛି। ଏମିତିକି ଖୋଦ୍ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର ମଧ୍ୟ ରାମକୃଷ୍ଣଙ୍କୁ ଏ ପ୍ରସଙ୍ଗରେ ଘେରିବା ସହ ତାଙ୍କୁ ସେଠିକୁ କିଏ ପଠାଇଥିଲା ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ଦାରୁ କାଠରେ ଦୀଘା ଜଗନ୍ନାଥଙ୍କୁ ନିର୍ମାଣ କରି ପୁରୀରୁ ନେଇଥିବା ନେଇ ଦେଇଥିବା ମନ୍ତବ୍ୟ ପରେ ଦାରୁ ଗୃହର ସୁରକ୍ଷା ନେଇ ବି ପ୍ରଶ୍ନ ଉଠାଇଛନ୍ତି। ଏପଟେ ୨୦୧୫ ନବକଳେବରବେଳେ ଦାରୁ ଦିଅଁମାନଙ୍କୁ ଗଢ଼ିଥିବା ବିଶ୍ୱକର୍ମା ମହାରଣା ବି ସ୍ପଷ୍ଟ ଭାବେ କହିଛନ୍ତି, ବିଗ୍ରହ ନିର୍ମାଣ ପରେ ବଳକା ଦାରୁକୁ ଦଇତାପତି ନିଯୋଗ ହିଁ ପାଖରେ ରଖେ। ଏହା କେବଳ ଠାକୁରମାନଙ୍କ ଲାଗି ପରବର୍ତ୍ତୀ ସମୟରେ ବ୍ୟବହାର ପାଇଁ ସଂରକ୍ଷିତ ରଖାଯାଏ। ତାକୁ କେହି ସେଠୁ ନେବାର ବିଧି ନାହିଁ। ତେଣେ ଖୁଣ୍ଟିଆ ସେବକଙ୍କ ସନ୍ଦେହ ଦୀଘା ଜଗନ୍ନାଥ ମନ୍ଦିରରେ ବ୍ରହ୍ମ ସ୍ଥାପନ ନେଇ ରାମକୃଷ୍ଣଙ୍କ ମନ୍ତବ୍ୟ, ୨୦୧୫ ନବକଳେବରବେଳର ବ୍ରହ୍ମ ବିଭ୍ରାଟ ଆଡକୁ ସନ୍ଦେହକୁ ଟାଣି ନେଉଛି। ଏବେ ପ୍ରସଙ୍ଗ କୁଆଡ଼େ ଯାଉଛି, ତାହା ଦେଖିବାର କଥା। ଅନ୍ୟପଟେ ଏହି ପ୍ରସଙ୍ଗରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଦିନ ଶ୍ରୀମନ୍ଦିର ପ୍ରଶାସନକୁ ଅନ୍ତରୀଣ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାର ତଦନ୍ତ କରାଯାଇ ସତ୍ୟାସତ୍ୟ ଜନମାନସକୁ ଆଣିବାକୁ ବ୍ୟବସ୍ଥା କରାଯାଉ। କେହି ଦୋଷୀ ସାବ୍ୟସ୍ତ ହେଲେ ଦଣ୍ଡବିଧାନ ମଧ୍ୟ କରାଯାଉ ବୋଲି ସେ ଏକ ଚିଠି ଲେଖିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଚିଠିରେ ଉଲ୍ଲେଖ କରି କହିଛନ୍ତି, ଗତ କିଛିଦିନଧରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ଗତ କିଛି ଦିନ ଧରି ଦ୍ୱନ୍ଦାତ୍ମକ ତଥ୍ୟ ସବୁ ଗଣମାଧ୍ୟମରେ ପ୍ରଚାରିତ ହେଉଛି। ପଶ୍ଚିମବଙ୍ଗର ଦୀଘା ଠାରେ ଶ୍ରୀ ଜଗନ୍ନାଥଙ୍କର ମନ୍ଦିର ନିର୍ମାଣ, ମନ୍ଦିରର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ତଥା ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ଇତ୍ୟାଦି ବାବଦରେ ଚର୍ଚ୍ଚା ବିଷୟ ସଂପୂର୍ଣ୍ଣ ଅଗ୍ରହଣୀୟ ଅଟେ ଏବଂ ଏଭଳି କଥା ଗୁଡ଼ିକ ଜଗନ୍ନାଥପେପ୍ରେମୀ, ଭକ୍ତ ସମାଜ ଓ ଓଡ଼ିଶାର ସାଢ଼େ ଚାରିକୋଟି ଜନତାଙ୍କ ମନରେ କଷ୍ଟ ଦେଇଛି ବୋଲି ଅନୁଭବ ହେଉଛି। ଏହା ପୂର୍ବରୁ ଦୀଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ବିବାଦ ନେଇ ଶ୍ରୀମନ୍ଦିର ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ମନ୍ଦିର ପ୍ରତିଷ୍ଠା ପାଇଁ ଡାକିଥିବାରୁ ସେ ଦୀଘା ଯାଇଥିଲେ ବୋଲି କହିଛନ୍ତି। ଭୁଲ ଜିନିଷ ହେଲେ, ମୁଁ ସେଠାରେ ରହିବି ନାହିଁ। ନିମ୍ବ କାଠରେ ତିଆରି ମୂର୍ତ୍ତି ଦୀଘା ମନ୍ଦିରରେ ପ୍ରତିଷ୍ଠା କରାଯାଇଛି। ତିଥି ଅନୁସାରେ ପୂଜାର୍ଚ୍ଚନା କରାଯିବ। ପୁରୀ ବାଦ୍ କୌଣସିଠାରେ ବ୍ରହ୍ମ ନାହିଁ। ଏତିସହ ଜଗନ୍ନାଥଙ୍କ ଗରିମା କ୍ଷୁର୍ଣ୍ଣ ହେବାକୁ ଦେବି ନାହିଁ।

### ଯୁଦ୍ଧ ଭୟ ...

ଖୋଜୁଛି ଆତଙ୍କୀସ୍ତାନ। ପୁଲଓ୍ୱାମା, ଉରି, ପଠାନକୋଟ ଆଟାକ ପରେ ଟିଜର ଓ ଟ୍ରେଲର ଦେଖି ଛାନିଆ ପାକିସ୍ତାନ ଏବେ ଦେଖିବ ପହଲଗାମ ଫିଲ୍ମ। ଏବେ ପାକିସ୍ତାନର ହମାସ ସ୍ଥିତି। ପହଲଗାମରେ ଧର୍ମ ପଚାରି ନୀରିହ ଲୋକଙ୍କୁ ହତ୍ୟା କରିବାର ଭୋଗିବ ପରିଣତି। ଭାରତ ହାତରେ ଅଛି ପ୍ରମାଣ। ସମୟ, ସ୍ଥାନ ନିରୂପଣ କରୁଛୁ ସେନା। ଜଳ, ସ୍ଥଳ ଓ ଆକାଶ ମାର୍ଗରୁ ଆତଙ୍କୀସ୍ତାନକୁ ଜବାବ ଦେବାକୁ ପ୍ରସ୍ତୁତ ଯବାନ। ମିଳିସାରିଛି ମୋଦିଙ୍କ ଗ୍ରୀନ ସିଗନାଲ।

ଅନ୍ୟପଟେ ପହଲଗାମ ନରସଂହାରକୁ ସପ୍ତାହେରୁ ଉର୍ଦ୍ଧ୍ୱ ସମୟ ବିତି ସାରିଲାଣି। ସାଧାରଣ ପର୍ଯ୍ୟଟକମାନେ ପ୍ରକୃତିର ସୌନ୍ଦର୍ଯ୍ୟକୁ ପହଲଗାମର ବୈସାନର ଭ୍ୟାଲିରେ ଉପଭୋଗ କରୁଥିବା ବେଳେ ସେମାନଙ୍କୁ ୪ ଜଣ ଆତଙ୍କବାଦୀ ଗୁଳି କରିଥିଲେ। ଏଥିରେ ୨୫ ଜଣ ପର୍ଯ୍ୟଟକ ଓ ସେମାନଙ୍କୁ ରକ୍ଷା କରିବାକୁ ଯାଇ ଜଣେ ସ୍ଥାନୀୟ ଘୋଡ଼ା ବାଲା ଆତଙ୍କବାଦୀଙ୍କ ଗୁଳିରେ ଆଖି ବୁଜିଥିଲେ। ଆତଙ୍କବାଦୀ ଆକ୍ରମଣ ପାକିସ୍ତାନ ପ୍ରାୟୋଜିତ ବୋଲି ଭାରତ କହି ଆସୁଥିବା ବେଳେ ଏହାକୁ ଇସଲାମାବାଦ ଖଣ୍ଡନ କରିଛି। ଆତଙ୍କବାଦର ମୂଳପୋଛ ପାଇଁ ଭାରତ ପ୍ରସ୍ତୁତି କରୁଥିବା ବେଳେ ପାକିସ୍ତାନ ମଧ୍ୟ ନାଲି ଆଖି ଦେଖାଇବାକୁ ପଛାଉ ନାହିଁ। ଏଥିସହ ପୂରା ବିଶ୍ୱରେ ନିର୍ଦ୍ଦୋଷର କାର୍ଡ ଖେଳିବାକୁ ମଧ୍ୟ ପାକିସ୍ତାନ ପଛାଉ ନାହିଁ। କିନ୍ତୁ ପହଲଗାମ ନରସଂହାରର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା ପାକିସ୍ତାନର ଅସଲମୁଖାକୁ ଖୋଲି ଦେଇଛି। ପହଲଗାମ ଆତଙ୍କବାଦୀ ହମଲାରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବୋଲି ଏନଆଇଏ ହାତରେ ପ୍ରମାଣ ଲାଗିଛି। ଆଇଏସଆଇ ଓ ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତାଏବା ମିଳିତ ଭାବେ ଏପରି ଭୟଙ୍କର ଆତଙ୍କବାଦୀ ଆକ୍ରମଣକୁ କାର୍ଯ୍ୟକାରୀ କରିଥିଲେ ବୋଲି ଏନଆଇଏ ତା'ର ପ୍ରାଥମିକ ରିପୋର୍ଟରେ ଉଲ୍ଲେଖ କରିଛି। ଏନଆଇଏ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ପହଲଗାମରେ ନରସଂହାର ପାଇଁ ଯୋଜନା ଲସ୍କର ତରଫରୁ କରାଯାଇଥିଲା। ଏଥିପାଇଁ ଆଇଏସଆଇର ଜଣେ ବରିଷ୍ଠ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ପାକିସ୍ତାନରେ ଥିବା ଲସ୍କରର ମୁଖ୍ୟାଳୟରେ ଆତଙ୍କବାଦୀ ହମଲାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ଏଥିରେ ମଧ୍ୟ ଆଇଏସଆଇ ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ଆକ୍ରମଣ କେମିତି ହେବ ? କେଉଁମାନଙ୍କୁ ଟାର୍ଗେଟ କରାଯିବ ? ଆକ୍ରମଣ ପରେ କ'ଣ ପଦକ୍ଷେପ ନିଆଯିବ, ସେସବୁ ପୂର୍ବରୁ ପ୍ଲାନ କରାଯାଇଥିଲା। ସେହି ଅନୁସାରେ ପହଲଗାମର ବୈସାରନ ଭ୍ୟାଲିରେ ଆତଙ୍କବାଦୀମାନେ ନିରୀହ ଲୋକଙ୍କ ଉପରେ ଗୁଳି ବର୍ଷା କରିଥିଲେ।

### ୧୦ରେ ଓଡ଼ିଶା ...

ଏହି ଗସ୍ତକାଳରେ ସେ ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବେ। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଲା ପରେ ଶ୍ରୀ ଶାହ ପ୍ରଥମେ ଜଟଣୀ ଅଭିମୁଖେ ବାହାରିବେ। ସେଠାରେ ଫରେନ୍ସିକ୍ ବିଶ୍ୱବିଦ୍ୟାଳୟ ପାଇଁ ଶିଳାନ୍ୟାସ କରିବେ। ଏହା ପରେ ଗୃହମନ୍ତ୍ରୀ ପୁରୀ ଯିବେ। ସେଠାରେ ମହାପ୍ରଭୁଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିବେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଗସ୍ତର ଦ୍ୱିତୀୟ ଦିନରେ ସମ୍ବଲପୁର ଗସ୍ତ କରିବେ। ଏହି ଅବସରରେ ସେ ୧୧ଟି ପ୍ରକଳ୍ପର ଶିଳାନ୍ୟାସ କରିବେ। ଦ୍ୱିତୀୟ ଦିନର ଗସ୍ତ ଶେଷ କରି ଦିଲ୍ଲୀ ଫେରିଯିବା ପୂର୍ବରୁ ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଏଠାରେ ସେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ ସହ ଜନସଭାକୁ ସମ୍ବୋଧିତ କରିବେ।

### ବିକଶିତ ଭାରତ ...

ଆଗକୁ କଣ ହେବ ତାହା ବି ଆକଳନ କରିପାରୁନାହାନ୍ତି ବିଶେଷଜ୍ଞ। ଡବଲ ଇଞ୍ଜିନ ସରକାର ବିକାଶ ଉପରେ ଓ ଆର୍ଥିକ ପରିଚାଳନା ଉପରେ ଫୋକସ କରିବାର ସମୟ ଆସିଛି ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି। ସେପଟେ ବିଜେପି କହିଛି ସବୁ ଦିଗକୁ ବିଚାରକୁ ନେଇ ଡବଲ ଇଞ୍ଜିନ ସରକାର କାମ କରୁଛି। ୨୦୦୦ ମସିହାରୁ ଓଡ଼ିଶାର ନେତୃତ୍ୱ ନେଇ ନବୀନ ପଟ୍ଟନାୟକ ଉଜୁଡ଼ା ଓଡ଼ିଶାକୁ ଅଭିବୃଦ୍ଧିଶାଳୀ ଓଡ଼ିଶାରେ ପରିଣତ କରିଥିଲେ। ଆର୍ଥିକ ପରିଚାଳନାରେ ଓଡ଼ିଶା ସାରା ଦେଶକୁ ବାଟ ଦେଖାଇଥିଲା। ଓଡିଶାର ବିକାଶ ବି ଦ୍ରୁତ ଗତିରେ ଆଗେଇ ଚାଲିଥିଲା। ହେଲେ ଡବଲ ଇଞ୍ଜିନ ସରକାର କେବଳ ସ୍ୱପ୍ନ ଦେଖାଇ ଏଥିରେ ବ୍ରେକ୍ ଲଗାଇଛି। ଏପରି ସ୍ଥିତିରେ ବିକଶିତ ଭାରତ ଓ ବିକଶିତ ଓଡିଶାର ଆଜି ଗତି ଦିଶାହୀନ ହୋଇପଡିଛି ବୋଲି କୁହାଯାଉଛି।

### ବ୍ରାଣ୍ଡେଡ୍ ...

ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନୀତି ପ୍ରଣୟନ କରିବାକୁ କହିଛନ୍ତି। ଏଥିସହ ନିୟମକୁ କଡାକଡି ପାଳନ କରିବାକୁ ମେଡିକାଲ କାଉନସିଲ ଅଫ ଇଣ୍ଡିଆକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ବହୁ ସମୟରେ ଦେଖିବାକୁ ମିଳେ ଘରୋଇ ଡାକ୍ତରଖାନା ଗୁଡିକରେ ଡାକ୍ତର ଲେଖୁଥିବା ଔଷଧ ଅତ୍ୟଧିକ ଦାମି ହୋଇଥାଏ। ଯାହାକୁ ଜଣେ ସାଧାରଣ ଲୋକ କିଣିବା ସହଜ ହୋଇନଥାଏ। ସମାନ ରୋଗ ପାଇଁ ସରକାରୀ ମେଡିକାଲରେ ଲେଖାଯାଉଥିବା ଔଷଧ କମ୍ ମୂଲ୍ୟର ହୋଇଥାଏ। ଏମିତିକି ଘରୋଇ ଡାକ୍ତରଖାନାର ଡାକ୍ତରମାନେ ଔଷଧରେ ବ୍ରାଣ୍ଡର ନାଁ ମଧ୍ୟ ପ୍ରେସକ୍ରିପ୍ସନରେ ଲେଖିଥାନ୍ତି। ଏନେଇ ରୋଗୀଙ୍କ ସମ୍ପର୍କୀୟ ବାରମ୍ବାର ଅଭିଯୋଗ କରିଥିବା ନଜିର ରହିଛି। ୨୦୨୨ ରେ ବ୍ରାଣ୍ଡେଡ୍ ଔଷଧ ନ ଲେଖି କେବଳ ଜେନରିକ ଔଷଧ ଲେଖିବାକୁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଉତ୍ତରପ୍ରଦେଶ ସରକାର। ଡାକ୍ତରମାନେ ଔଷଧର ବ୍ରାଣ୍ଡ ନାଁ ନ ଲେଖିବାକୁ ନିର୍ଦ୍ଦେଶ ହୋଇଥିଲା। ଏବେ ସୁପ୍ରିମକୋର୍ଟ ସାରା ଦେଶ ପାଇଁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

### ଓଡ଼ିଶା ରାସ୍ତାରେ ...

ଅଧିକାରୀଙ୍କ ଅନୁଯାୟୀ, ଏଠାରେ ଯୁଦ୍ଧ ବିମାନଗୁଡ଼ିକ ମଧ୍ୟ ଅଭ୍ୟାସ କରିପାରିବେ। ସୁରକ୍ଷା ଦୃଷ୍ଟିକୋଣରୁ, ରନଓ୍ୱେର ଉଭୟ ପାର୍ଶ୍ୱରେ ପ୍ରାୟ ୨୫୦ଟି ସିସି କ୍ୟାମେରା ଲଗାଯାଇଛି। ଏହା ସହିତ, ଉତ୍ତରପ୍ରଦେଶ ଭାରତର ପ୍ରଥମ ରାଜ୍ୟ ପାଲଟିଛି ଯେଉଁଠାରେ ଚାରୋଟି ଏକ୍ସପ୍ରେସୱେ ଏୟାରଷ୍ଟ୍ରିପ୍ ଅଛି। ୩.୫ କିଲୋମିଟର ଲମ୍ବା ଏହି ଏୟାରଷ୍ଟ୍ରିପ୍ ଆଇଏଏଫ୍ ଜେଟ୍‌ର ଦିବା ଏବଂ ରାତି ଉଭୟ ଅବତରଣ ପାଇଁ ସଜ୍ଜିତ, ନିରନ୍ତର ସାମରିକ ଅଭିଯାନ ଚଳାଇବାରେ ସାହାଯ୍ୟ କରେ ଏବଂ ଜରୁରୀକାଳୀନ ପରିସ୍ଥିତିରେ ବିକଳ୍ପ ରନଓ୍ୱେ ଭାବରେ ବ୍ୟବହାର ହୋଇପାରିବ। ଜରୁରୀକାଳୀନ ପରିସ୍ଥିତି କିମ୍ବା ଯୁଦ୍ଧ ସମୟରେ ଭାରତୀୟ ବାୟୁସେନା ପାଇଁ ଏକ ବିକଳ୍ପ ରନଓ୍ୱେ ଭାବେ ଏହା ବ୍ୟବହାର ହୋଇପାରିବ। ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଜାତୀୟ ରାଜପଥ-୧୬ରେ ଏକ ଜରୁରୀକାଳୀନ ଅବତରଣ ବିମାନ ଷ୍ଟ୍ରିପ୍ ବିକଶିତ କରାଯାଇଛି। ଯଦିଓ ଏହା ବହୁଳ ଭାବରେ ପ୍ରଚାରିତ ହୋଇନାହିଁ, ଏହି ଏୟାରଷ୍ଟ୍ରିପ୍ ଏକ ରଣନୈତିକ କ୍ଷେତ୍ରରେ ନିର୍ମିତ ଯାହାକୁ ଆଇଏଏଫ ଜରୁରୀକାଳୀନ ଅଭ୍ୟାସ ଏବଂ ପ୍ରତିରକ୍ଷା ଅଭ୍ୟାସ ପାଇଁ ବ୍ୟବହାର କରିଥାଏ। ଚାନ୍ଦିପୁର ଏବଂ ହ୍ୱିଲର୍ ଦ୍ୱୀପ ଭଳି ପ୍ରତିରକ୍ଷା ପ୍ରତିଷ୍ଠାନ ନିକଟରେ ଥିବାରୁ ଏହି ଅଞ୍ଚଳ ଗୁରୁତ୍ୱପୂର୍ଣ୍ଣ।

### ରଥଯାତ୍ରା ...

ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ୧୪୦ଟି ଅଧିକ ଶଯ୍ୟା, ୩୩ଟି ଆଶୁ ଚିକିତ୍ସା କେନ୍ଦ୍ର ଓ ୫ ଜଣ ଫୁଡ୍ ଇନ୍ସପେକ୍ଟର ଆସିବେ ବୋଲି ବୈଠକରେ ସୂଚନା ଦିଆଯାଇଛି। ସେହିପରି ରଥଯାତ୍ରାରେ ଶୃଙ୍ଖଳିତ ନୀତି କାନ୍ତି, ଜନଗହଳି ନିୟନ୍ତ୍ରଣ, ବିଭିନ୍ନ ବିଭାଗର ସେବା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସହ ନିଷ୍ପତ୍ତି ନିଆଯାଇଛି। ବିଶେଷ କରି ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ଯୋଗାଣ ନେଇ ବୈଠକରେ ବେଶ୍ ସରଗରମ ଆଲୋଚନା ହୋଇଥିଲା। ରଥଯାତ୍ରା ସମୟରେ ୩୬୫ ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଭିନ୍ନକ୍ଷମଙ୍କ ଦର୍ଶନ ପାଇଁ ବଡଦାଣ୍ଡର ୫ ରୁ ୭ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ପାଇଁ ଡାଟାବେସ୍ ପ୍ରସ୍ତୁତ ହେଉଛି ବୋଲି କହିଛନ୍ତି ଆରଡିସି। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱର ନାଳ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ରେଡ଼କ୍ରସ ରୋଡ ସମେତ କ୍ରସ ଡ୍ରେନ୍ ଓ ବଡ଼ଦାଣ୍ଡର ସଫେଇ କାର୍ଯ୍ୟ ମେ' ୧୫ ସୁଦ୍ଧା ଶେଷ ହେବ। ବଡ଼ଦାଣ୍ଡକୁ ୧୫ଟି ଜୋନରେ ବିଭକ୍ତ କରାଯାଇଛି। ୧୪ଟି ଜଳମଗ୍ନ ଅଞ୍ଚଳ ଚିହ୍ନଟ କରାଯାଇଛି। ଜୁନ୍ ସୁଦ୍ଧା ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ସାହି, ଗଳିକନ୍ଦି ନାଳ ସଫେଇ ଶେଷ କରାଯିବ। ରଥଯାତ୍ରା ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ଓ ଜନଗହଳିପୂର୍ଣ୍ଣ ସ୍ଥାନ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସହ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ବିଦ୍ୟୁତ ସମସ୍ୟା ନେଇ ବୈଠକରେ ସରଗରମ ଆଲୋଚନା ହୋଇଥିଲା। ସହରକୁ ତିନୋଟି ଗ୍ରୀଡ୍ ଓ ସାତୋଟି ସବଗ୍ରୀଡ ମାଧ୍ୟମରେ ବିଦ୍ୟୁତ ଯୋଗାଣ ହେଉଛି। ବିଦ୍ୟୁତ ସମସ୍ୟା ସମାଧାନ ନେଇ ଟାଟା ପାଓ୍ୱାର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରଥଯାତ୍ରା ସମୟରେ ସ୍ୱତନ୍ତ୍ର ବସ୍ ଚଳାଚଳ ନିର୍ଦ୍ଧାରିତ ରେଟ ଚାର୍ଟ, ଦୁର୍ଘଟଣା ରୋକିବା ପାଇଁ ଇଣ୍ଟରସେପ୍ଟର କ୍ରେନ୍ ନିୟୋଜିତ ହେବ। ଟ୍ରେନ୍ ର ସମୟ ଏବଂ ସୂଚନା ପ୍ରଦାନ ପାଇଁ ଭିଡିଓ ଓ୍ୱାଲ୍ ସହ ଟିକେଟ ବୁକିଂ କାଉଣ୍ଟର, ଅଟୋମେଟିକ୍ ଟିକେଟ ଭେଣ୍ଡିଙ୍ଗ ମେସିନ୍ ଲଗାଯିବ। ଶାନ୍ତି ଶୃଙ୍ଖଳା ରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ପାଇଁ ପ୍ରତିବର୍ଷ ପରି ପର୍ଯ୍ୟାପ୍ତ ପୋଲିସ ମୁତୟନ ହେବେ। ମାଳତୀପାଟପୁର ଓ ତାଳବଣିଆରେ ବସ ଗୁଡ଼ିକର ପାର୍କିଂ ବ୍ୟବସ୍ଥା ହେବ। ୧୩୦ ନିୟମିତ ବସ ସହ ଅଧିକ ବସ ଚଳାଚଳ କରିବ। ଭୋଳାନାଥ ବିଦ୍ୟାପୀଠରୁ ଜାତୀୟ ପଲ୍ଲୀଶ୍ରୀ ମେଳା ସ୍ଥାନାନ୍ତରଣ ନ ହେବା ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଛି। ପ୍ରଥମ ସମନ୍ୱୟ ବୈଠକରେ ବିଭାଗ ଗୁଡିକ ଦେଇଥିବା ପ୍ରତିଶ୍ରୁତି ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଆରଡିସି ଓ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

### ଭୋଟର ତାଲିକା ...

ମହଲରେ ସ୍ୱାଗତ କରାଯାଇଛି। ଜଣେ ନିର୍ବାଚନ ବିଶେଷଜ୍ଞଙ୍କ ମତରେ, ଏହା ନିର୍ବାଚନ ପ୍ରକ୍ରିୟାରେ ଦୁର୍ନୀତି ଏବଂ ଅନିୟମିତତାକୁ ହ୍ରାସ କରିବ। ଏକ ସଠିକ ଭୋଟର ତାଲିକା ଗଣତନ୍ତ୍ରର ମୂଳଭିତ୍ତିକୁ ମଜବୁତ କରିବ। ତେବେ, ଏହି ପ୍ରକ୍ରିୟାରେ କେତେକ ଚ୍ୟାଲେଞ୍ଜ ମଧ୍ୟ ରହିଛି। ଗ୍ରାମାଞ୍ଚଳରେ ଜନ୍ମ ଓ ମୃତ୍ୟୁ ରେକର୍ଡର ଅପୂର୍ଣ୍ଣ ଡିଜିଟାଇଜେସନ ଏବଂ ତଥ୍ୟ ଅସଙ୍ଗତି ଏକ ବାଧା ସୃଷ୍ଟି କରିପାରେ। ନିର୍ବାଚନ ଆୟୋଗ ଏହି ସମସ୍ୟାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନ ସହିତ ମିଶି କାମ କରୁଛି। ଏହି ପଦକ୍ଷେପ ସଫଳ ହେଲେ, ଓଡ଼ିଶା ସମେତ ସାରା ଦେଶରେ ଭୋଟର ତାଲିକାର ଗୁଣବତ୍ତା ଉନ୍ନତ ହେବ ଏବଂ ନିର୍ବାଚନ ପ୍ରକ୍ରିୟା ଅଧିକ ନିର୍ଭୁଲ ହେବ ବୋଲି ଆଶା କରାଯାଉଛି।

### ସବା ତଳ ...

ବିଭିନ୍ନ ସେବା ଯୋଗାଇଦେବା ଆମ ସରକାରଙ୍କର ପ୍ରାଥମିକତା। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ବିଭିନ୍ନ ସେବାକୁ ଶ୍ରମିକମାନଙ୍କ ହାତ ପାହାନ୍ତାରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ 'ଓଡ଼ିଶା ଶ୍ରମିକ ସାଥୀ ମୋବାଇଲ୍ ଆପ୍'ର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ଶ୍ରମିକମାନେ ସହଜରେ ଏବଂ ସୁବିଧାରେ ଘରେ ବସି ବିଭିନ୍ନ ସେବା ପାଇ ପାରିବେ। ଏହି ମୋବାଇଲ୍ ଆପ୍, ଅନ୍‌ଲାଇନ୍ ଶ୍ରମିକ ପଞ୍ଜୀକରଣ, ନବୀକରଣ ତଥା ସହାୟତା ନିମନ୍ତେ ଆବେଦନ ଆଦି ସେବା ପାଇବା ଦିଗରେ ନିର୍ମାଣ ଶ୍ରମିକମାନଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ସେ କହିଥିଲେ। ସେହିପରି ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ଼ ଅଧିନରେ ୬୦ଗୋଟି ବର୍ଗର ଅଣସଂଗଠିତ ଶ୍ରମିକମାନଙ୍କୁ ପଞ୍ଜୀକୃତ କରି ସେମାନଙ୍କୁ ବିଭିନ୍ନ କଲ୍ୟାଣମୂଳକ ସହାୟତା ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି। ଅଦ୍ୟାବଧି, ଏହି ବୋର୍ଡ଼ ଅଧୀନରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ଅଣସଂଗଠିତ ଶ୍ରମିକ ପଞ୍ଜୀକୃତ ହୋଇଥିବାବେଳେ ୨୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ସବୁ ପଦକ୍ଷେପ ଦ୍ୱାରା ରାଜ୍ୟର ସମସ୍ତ ଯୋଗ୍ୟ ଅଣସଂଗଠିତ ଶ୍ରମିକ ଏହି ବୋର୍ଡ଼ରେ ପଞ୍ଜୀକୃତ ହୋଇ ସାମାଜିକ ସୁରକ୍ଷା ବଳୟର ପରିସରଭୁକ୍ତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଉଚ୍ଚକୁଶଳୀ ଶ୍ରମିକ ଭାଇ ଓ ଭଉଣୀମାନଙ୍କ ନିମନ୍ତେ ସର୍ବନିମ୍ନ ମଜୁରି ସଂଶୋଧନ କରି ବର୍ଷକ ଭିତରେ ଦୈନିକ ସର୍ବନିମ୍ନ ମଜୁରିରେ ହାରାହାରି ୧୦୦ ଟଙ୍କାର ବୃଦ୍ଧି କରାଯାଇଛି। ଧାର୍ଯ୍ୟ ସର୍ବନିମ୍ନ ମଜୁରି ଉପରେ ପରିବର୍ତ୍ତନୀୟ ମହଙ୍ଗା ଭତ୍ତା ଦୈନିକ ୧୦ ଟଙ୍କା ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଛନ୍ତି। ଏହା ପିଛିଲା ଭାବେ ଏପ୍ରିଲ୍ ୧ ତାରିଖରୁ ଲାଗୁ ହେବ। ସେ ପୁଣି କହିଥିଲେ ଯେ, ପ୍ରବାସୀ ଶ୍ରମିକମାନଙ୍କୁ ଚିହ୍ନଟ କରି ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି। ଏଥି ସହିତ ଓଡିଆ ପ୍ରବାସୀ ଶ୍ରମିକଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଷ୍ଟେଟ୍ ଆକ୍ସନ୍ ପ୍ଲାନ୍ ମଧ୍ୟ ତିଆରି କରାଯାଇଛି।

## ଡାହାବାଲି ଗାଁକୁ ନାହିଁ ରାସ୍ତା

# ଖଟିଆରେ ବୁହା ହେଉଛନ୍ତି ଗର୍ଭବତୀ, ରୋଗୀ

**କନ୍ଧମାଳ :** କନ୍ଧମାଳ ତୁମୁଡ଼ିବନ୍ଧ ବ୍ଲକ ବେଲଘର ପଞ୍ଚାୟତ ଡାହାବାଲି ଗାଁର ବସବାସ କରନ୍ତି କୁଟିଆ କନ୍ଧମାନେ। ଗାଁକୁ ଯିବାକୁ ହେଲେ କୌଣସି ରାସ୍ତା ହିଁ ନାହିଁ। ଘଞ୍ଚ ଜଙ୍ଗଲ ଭିତରେ ଚାଲି ଚାଲି ଯିବାକୁ ହୁଏ। ଗାଁର କୋଡିଏଟି ପରିବାର ବସବାସ କରନ୍ତି। ପୁରୁଷ ପୁରୁଷ ଧରି ଏହି ଘଞ୍ଚ ଜଙ୍ଗଲ ଭିତରେ ବସବାସ କରୁଛନ୍ତି। ହେଲେ ଗାଁକୁ ରାସ୍ତାଟିଏ ନଥିବାରୁ, ସରକାର ଦେଉଥିବା ସମସ୍ତ ଯୋଜନାରୁ ବଞ୍ଚିତ ଗ୍ରାମବାସୀ। ପଞ୍ଚାୟତ ଅଫିସରୁ ରାସନ ଚାଉଳ ଆଣିବାକୁ ହେଲେ, ମୁଣ୍ଡିଆ ଚଢ଼ି ୮ କିଲୋମିଟର ଗଲେ ଆଣନ୍ତି ମୁଣ୍ଡରେ ବୋହି ବୋହି। ରାସ୍ତା ନଥିବାରୁ ଗାଁକୁ ଆସି ପାରୁନି ଆମ୍ବୁଲାନ୍ସ। ଗର୍ଭବତୀ କିମ୍ବା ରୋଗୀଙ୍କୁ ମେଡିକାଲ ନେବାକୁ ହେଲେ ଖଟିଆରେ ବୋହି ନେବାକୁ ପଡ଼େ। ୨୦୨୨-୨୩ ଆର୍ଥିକ ବର୍ଷରେ ଜଙ୍ଗଲ ଭିତରେ ଗାଁକୁ ରାସ୍ତାଟିଏ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ଫଳକଟି ଛଡ଼ା, ରାସ୍ତାର ଚିହ୍ନ ହିଁ ନାହିଁ। ଖାଲି ଏତିକିରେ ସରିନି ଏମାନଙ୍କ ଦୁଃଖ। ଗାଁରେ ନଳକୂପଟିଏ ନାହିଁ। ଝରଣାର ପାଣିକୁ ଗାଁ ଲୋକ ନିଜ ହାତରୁ ଖର୍ଚ୍ଚ କରି, ଗାଁ ମୁଣ୍ଡ ଯାଏଁ ପାଇପ ଯୋଗେ ଆଣିଛନ୍ତି। ଗାଧୁଆ, ଖିଆ ପିଆ ପାଇଁ ସେଇ ଝରଣା ପାଣି ବ୍ୟବହାର କରିଥାନ୍ତି। ତେବେ ପ୍ରାଥମିକ ଶିକ୍ଷାରୁ ପ୍ରାୟ ପିଲା ବଞ୍ଚିତ। ଗାଁରେ ଅଙ୍ଗନଓ୍ୱାଡ଼ି କେନ୍ଦ୍ରଟିଏ ମଧ୍ୟ ନାହିଁ। ପାଠ ପଢ଼ିବାକୁ ହେଲେ ବେଲଘର ଆଶ୍ରମ ବିଦ୍ୟାଳୟରେ ପିଲାମାନେ ରହି ପାଠ ପଢନ୍ତି। ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ଏଠାକାର ହିତାଧିକାରୀ। ସାଂସଦ, ବିଧାୟକଙ୍କ କଥା ଛାଡନ୍ତୁ ସରପଞ୍ଚଙ୍କ ମଧ୍ୟ କେବେ ଏହି ଗାଁରେ ପାଦ ପଡ଼ିନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପଞ୍ଚାୟତଠାରୁ ବ୍ଲକ ଅଫିସ ଦୌଡି ଦୌଡି ନୟାନ୍ତ ହେଲେଣି ଏମାନେ, କିନ୍ତୁ କେହି କର୍ଣ୍ଣପାତ କରୁନଥିବା ମଧ୍ୟ ଅଭିଯୋଗ କରିଛନ୍ତି।

# ଅନ୍ଧାରରେ କୋଟିଆ ସୀମାନ୍ତ ଅଞ୍ଚଳର ୪ ଖଣ୍ଡ ଗାଁ

**କୋରାପୁଟ :** କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପଂଚାୟତର ସୁଲିଆମାରି, କାତ୍ରାଗୁଡା, ଗୁମେଲପଦର, ତଳକାଣ୍ଟି ପ୍ରଭୃତି ଚାରି ଖଣ୍ଡ ଗାଁର ଦୃଶ୍ୟ। ବିଦ୍ୟୁତ୍ ନଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି ଅଞ୍ଚଳବାସୀ। ଡିବିରି ଆଲୁଅ ଓ ମହମବତୀ ଭରସାରେ ଚଳୁଛନ୍ତି। ଖାଲି ଦୈନନ୍ଦିନ ଜୀବନ ନୁହେଁ, ପିଲାଙ୍କ ପାଠପଢ଼ାରେ ବି ସୃଷ୍ଟି ହେଉଛି ବାଧା। ଏହି ଗ୍ରାମଗୁଡିକ ପାହାଡ଼ ପର୍ବତ ଚତୁର ପାର୍ଶ୍ୱରେ ଥିବା ହେତୁ ଶରୀସୃପ ଆଉ ସମେତ ବାଘ ଭାଲୁର ଭୟ ମଧ୍ୟ ରହୁଛି। ତେଣୁ ସନ୍ଧ୍ୟା ହେଲେ ଘର ଦୁଆରେ ପଡି ଯାଉଛି ତାଟି, କବାଟ। ବାରମ୍ବାର ଅଭିଯୋଗ ପରେ ନିରାଶ ହୋଇ ଗାଁରେ ବିଦ୍ୟୁତ୍ ସଂଯୋଗ ଆଉ ହେବ ନାହିଁ ଭାବି ସୋଲାର ଦ୍ୱାରା ବିଦ୍ୟୁତ ସଂଯୋଗ କରି ୪ ରୁ ୫ ବର୍ଷ ପର୍ଯ୍ୟନ୍ତ ଚଳିଲେ। ହେଲେ ପରବର୍ତ୍ତୀ ସମୟରେ ସେ ସବୁ ବି ଖରାପ ହୋଇଗଲା, ଆଉ କୌଣସି ଉପାୟ ନପାଇ ଜଙ୍ଗଲୀ ଭଳି ଜୀବନ କାଟୁଥିବା କ୍ଷୋଭର ସହ କହିଛନ୍ତି ସ୍ଥାନୀୟ ଲୋକେ। ଗାଁରେ ବିଦ୍ୟୁତ୍ ସଂଯୋଗ ପାଇଁ ଦୀର୍ଘ ୩୦ ବର୍ଷ ହେବ କରୁଛନ୍ତି ସଂଘର୍ଷ। ଗାଁରେ ବିଦ୍ୟୁତ୍ ସଂଯୋଗ ପାଇଁ ସରପଞ୍ଚଙ୍କ ଠୁ ଆରମ୍ଭ କରି ଜନପ୍ରତିନିଧି ଏବଂ ବିଦ୍ୟୁତ ବିଭାଗ ସମେତ ସରକାରୀ ବାବୁଙ୍କ ଦପ୍ତରକୁ ଦୌଡ଼ି ଦୌଡ଼ି ପାଦର ଚପଲ ସରିଗଲା କିନ୍ତୁ କୌଣସି ସୁଫଳ ମିଳିନଥିଲା। କିନ୍ତୁ ଏହି ପାହାଡିଆ ଏବଂ ଜଙ୍ଗଲୀ ଗରିବ ଲୋକଙ୍କ ଦୁଃଖ କାହା କାନରେ ବାଜିଲା ନାହିଁ। ୨୪ ବର୍ଷର ବିଜେଡି ସରକାର ଗାଁକୁ ବିଦ୍ୟୁତ ସଂଯୋଗ କରିପାରିଲେ ନାହିଁ, କିନ୍ତୁ ବର୍ତ୍ତମାନର ବିଜେପି ସରକାରଙ୍କ ଉପରେ ଭରସା ରଖିଛନ୍ତି ଅଞ୍ଚଳବାସୀ।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ଅସ୍ତରଙ୍ଗ :** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ତାଳଦା ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୃନ୍ଦାବନ ଜେନାଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ୍ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ ଓ ପ୍ରେସ କ୍ଲବ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା, ମୁଖ୍ୟବକ୍ତା ଅବସର ପ୍ରାପ୍ତ ନିମାପଡା ମଣ୍ଡଳ ଶିକ୍ଷାଧିକାରୀ ଅନିଲ କୁମାର ବିଶ୍ୱାଳ, ସଂମ୍ମାନିତ ଅତିଥି ସିଫାର ବୈଜ୍ଞାନିକ ପ୍ରିୟବ୍ରତ ସ୍ୱାଇଁ, ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ମଙ୍ଗୁଳି ଚରଣ ଦାସ୍, ମିଳିତ ଶିକ୍ଷକ ସଙ୍ଘ ସଭାପତି ଅସ୍ତରଙ୍ଗର ବିପିନ କୁମାର ମହାନ୍ତି, କ୍ଲଷ୍ଟର ତ୍ରିଲୋଚନ ବେହେରା, ତାଳଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ରାଉତ ଯୋଗ ଦେଇ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ଜେନାଙ୍କ ଶିକ୍ଷକତା ଜୀବନରେ ଛାତ୍ର ଛାତ୍ରୀ ମାନଙ୍କୁ ଭଲପାଇବା, ପାଠ ପଢ଼େଇବା ସମୟକୁ ସଦୁପଯୋଗ କରିବା ଉପରେ ଗୁରୁତ୍ୱ ଦେଉଥିବା ଉପରେ ଆଲୋକପାତ କରିଥିଲେ। ତାଙ୍କର



ନିରାମୟ ଜୀବନ କାମନା କରିଥିଲେ। ସେହିପରି କର୍ମଜୀବୀ ସାମ୍ବାଦିକ ସଂଘ ଓ ଅସ୍ତରଙ୍ଗ ପ୍ରେସ୍ କ୍ଲବର ମୁଖ୍ୟଉପଦେଷ୍ଟାପ୍ରତାପ ଚନ୍ଦ୍ର ପରିଡା, ପ୍ରେସ୍ କ୍ଲବ ସଭାପତି ଶରତ ପରିଡା, ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, ଅଲେଖ ବିଶ୍ୱାଳ ଓ ତ୍ରିଲୋଚନ ବେହେରା ଯୋଗଦେଇ ପୁଷ୍ପ ବୁଛ, ମାନପତ୍ର ଓ ଉପଢୌକନ ଦେଇ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଦୀପକ ପରିଡା, ସମିତି ସଭ୍ୟ ଅମିୟ ରଞ୍ଜନ ସେଠି ଓ ସମସ୍ତ ସହକାରୀ ଶିକ୍ଷକ ଏବଂ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇ ଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିବାକର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ।



# ତରଭୁଜର ପସରା

**ତରଭୁଜ ଗ୍ରୀଷ୍ମ ରତୁର ଏକ ପ୍ରମୁଖ ଫଳ। ମୋଟା ଚର୍ମଯୁକ୍ତ ଏହି ଗୋଲାକୃତି ଫଳର ବାହ୍ୟ ରଙ୍ଗ ଗାଢ ସବୁଜ ଓ ସବୁଜ ଛିଟା ହୋଇଥିବା ବେଳେ ଭିତର ପାଚିଲା ଅଂଶ ଗାଢ ସିନ୍ଦୁର ବର୍ଣ୍ଣ। ଏହା ପାଣିରେ ଭରପୂର ଏକ ଫଳ। ଯେଉଁଥିରେ ୯୨ ପ୍ରତିଶତ ପାଣି ଏବଂ ୬ ପ୍ରତିଶତ ଶର୍କରା ରହିଥାଏ । କେବଳ ସ୍ୱାଦିଷ୍ଟ, ମାଂସାଳ ଓ ପାଣି ଜାତୀୟ ଫଳ ଭାବରେ ନୁହେଁ, ଏଥିରେ ଭରି ରହିଛି ବହୁ ରୋଗ ପ୍ରତିରୋଧକ ଗୁଣ। ଏହା ଏପରି ଏକ ଫଳ ଯାହାକୁ ବହୁ ପୁରାତନ କାଳରୁ ମଣିଷ ଉଭୟ ଖାଦ୍ୟ ଓ ଔଷଧ ଆକାରରେ ବ୍ୟବହାର କରିଆସୁଛି।**



ପ୍ରେମାନନ୍ଦ ପାଣିଗ୍ରାହୀ

ଧରାପୃଷ୍ଠରେ ଏବେ ଗ୍ରୀଷ୍ମର ରାଜତ୍ୱ ଚାଲିଛି । ଚାରିଆଡେ ଅଗ୍ନିବର୍ଷା। ତାପମାତ୍ରା ହୁହୁ ହୋଇ ବଢୁଛି। ଯେଉଁଆଡେ ଚାହିଁଲେ ଧୁଧୁ ଖରା । ମୁଣ୍ଡ ଉପରେ ଖସି ପଡୁଛି ମେଞ୍ଚାମେଞ୍ଚା ନିଆଁ ହୁଳା। ତଳେ ଭୂଇଁ ଥମ୍‌ଥମ୍ । ଦ୍ୱିପ୍ରହରରେ ପୁଣି ଉତ୍ତପ୍ତ ପବନର ଝାସ । ଦେହରୁ ବହି ଯାଉଛି ଝାଳ। ଖରାକୁ ନେଇ ସବୁଠି ଆତଙ୍କ। ଏହି ତାପରୁ ଟିକିଏ ରକ୍ଷା ପାଇବା ପାଇଁ ମନ ଖୋଜେ ଟିକେ ଶୀତଳ ପରଶ। ପ୍ରକୃତି ବି ଆମ ପାଇଁ ଭରି ଦେଇଛି ଋତୁ ଅନୁଯାୟୀ ଭିନ୍ନ ଭିନ୍ନ ସ୍ୱାଦିଷ୍ଟ ଫଳ। ଏହି ସ୍ୱତନ୍ତ୍ର ଫଳଗୁଡିକରେ ଭରି ରହିଥାଏ ଭିନ୍ନ ସ୍ୱାଦ ଓ ଭିନ୍ନ କରିଥାନ୍ତି । କ୍ଷୁଧା ତୃଷା ଉଭୟ ନିବାରଣ କରିଥାଏ ତରଭୁଜ। କେତେକ ବି ତରଭୁଜକୁ ଖରାବେଳିଆ ସାଥି କହନ୍ତି । ତାପ ବଢିଲେ ଏହି ଖରାଦିନିଆ ସାଥୀଟିକୁ ଖୋଜା ପଡେ। ଗାଁଠାରୁ ଆରମ୍ଭ କରି ସହରର ରାସ୍ତା ପାର୍ଶ୍ୱରେ ଫଳ ବ୍ୟବସାୟୀ ମେଲାଇ ଦିଅନ୍ତି ତରଭୁଜର ପସରା। ବିଭିନ୍ନ ଆକୃତିର ଗଦାଗଦା ତରଭୁଜ ପାଖରେ ଲୋକଙ୍କ ଭିଡ ଜମେ। ଦରକୁ ନେଇ ମୂଲଚାଲ ବି ହୁଏ। ତେବେ ତରଭୁଜର ରକ୍ତିମ ତଥା ମାଂସାଳ ଶସକୁ ଗରମ ଆଉ ତାତି ସମୟରେ ଖାଇବାକୁ ଭାରି ମଜା ଲାଗେ। ନିଆରା ତାର ଅନୁଭବ। ତରଭୁଜ ଯେ ମହକ । ଖରା ଆସିଲେ ଯେଉଁ ଫଳ ପିଲା ଠାରୁ ବୁଢା,ଗରୀବ ଠାରୁ ଧନୀ ସମସ୍ତଙ୍କର ପ୍ରିୟ ହୋଇଥାଏ,ସେ ହେଉଛି ତରଭୁଜ। ତରଭୁଜ ଦେଖିବାକୁ ଯେମିତି ଆକର୍ଷଣୀୟ ଖାଇବାକୁ ସେମିତି ନରମ। ତେଣୁ ସବୁ ବର୍ଗର ଲୋକେ ଏହାକୁ ପସନ୍ଦ କେବଳ ଶରୀରକୁ ସତେଜ ରଖେ ତାହା ନୁହେଁ ବରଂ ଶରୀରରୁ ଜଳୀୟ ଅଂଶ କମ ହେବାକୁ ଦିଏ ନାହିଁ ।

ତରଭୁଜ ଗ୍ରୀଷ୍ମ ରତୁର ଏକ ପ୍ରମୁଖ ଫଳ। ମୋଟା ଚର୍ମଯୁକ୍ତ ଏହି ଗୋଲାକୃତି ଫଳର ବାହ୍ୟ ରଙ୍ଗ ଗାଢ ସବୁଜ ଓ ସବୁଜ ଛିଟା ହୋଇଥିବା ବେଳେ ଭିତର ପାଚିଲା ଅଂଶ ଗାଢ ସିନ୍ଦୁର ବର୍ଣ୍ଣ। ଏହା ପାଣିରେ ଭରପୂର ଏକ ଫଳ। ଯେଉଁଥିରେ ୯୨ ପ୍ରତିଶତ ପାଣି ଏବଂ ୬ ପ୍ରତିଶତ ଶର୍କରା ରହିଥାଏ । କେବଳ ସ୍ୱାଦିଷ୍ଟ, ମାଂସାଳ ଓ ପାଣି ଜାତୀୟ ଫଳ ଭାବରେ ନୁହେଁ, ଏଥିରେ ଭରି ରହିଛି ବହୁ ରୋଗ ପ୍ରତିରୋଧକ ଗୁଣ। ଏହା ଏପରି ଏକ ଫଳ ଯାହାକୁ ବହୁ ପୁରାତନ କାଳରୁ ମଣିଷ ଉଭୟ ଖାଦ୍ୟ ଓ ଔଷଧ ଆକାରରେ ବ୍ୟବହାର କରିଆସୁଛି।

ତରଭୁଜକୁ ଇଂରାଜୀ ଭାଷାରେ ଓାଟରମେଲନ କୁହାଯାଉଥିବା ବେଳେ ହିନ୍ଦୀରେ ତରଭୁଜ୍ କୁହାଯାଏ । ଏହି ଫଳର ଚର୍ମ ମୋଟା । ଭିତର ଶସ ଓ ମଞ୍ଜିରେ ଭରପୂର। କଞ୍ଚାବେଳେ ଏହାକୁ ତରକାରୀ ଭାବରେ ଖିଆଯାଏ। ଭିତର ଅଂଶ କଞ୍ଚା ଅବସ୍ଥାରେ ଧଳା ରଙ୍ଗର ହୋଇଥିବା ବେଳେ ମଞ୍ଜିଗୁଡିକ ସାମାନ୍ୟ ଖଇରିଆ ରଙ୍ଗ ଧାରଣ କରିଥାଏ। ଅନ୍ୟ ଫଳଗୁଡିକ ପାଚିଲେ ତାର ବାହ୍ୟ ରଙ୍ଗଗୁଡିକ ହଳଦିଆ ଧାରଣ କରିଥାଏ କିନ୍ତୁ ତରଭୁଜ ପାଚିଲେ ସେମିତି ହୁଏ ନାହିଁ। ତରଭୁଜ ପାଚିଲେ ତାର ବାହ୍ୟ ଅଂଶ ସାମାନ୍ୟ ହଳଦିଆ ହୁଏ । ଓଜନ ସାମାନ୍ୟ ହାଲୁକା ହୁଏ ଓ ଭିତରଟି ନିଦା ଲାଗେ । ଏପରି ମନେ ହେଲେ ଜାଣିବା ଯେ ତରଭୁଜଟି ପାଚିଛି ଓ ଖାଇବା ଉପଯୋଗୀ ହୋଇଛି। ପାଚିଲା ତରଭୁଜକୁ କାଟିଦେଲେ ଶସ ପୂରା ଲାଲ ଦେଖାଯିବ ଆଉ ମଞ୍ଜିଗୁଡିକ କଳା ବର୍ଣ୍ଣ ଦେଖାଯିବ। ଡିସେମ୍ବରରୁ ଫେବୃଆରୀ ମଧ୍ୟରେ ତରଭୁଜ ଚାଷ ହୋଇଥାଏ । ମୁଖ୍ୟତଃ ଶୁଷ୍କ ଜଳବାୟୁ ଅଞ୍ଚଳରେ ଏହି ଫସଲ ଭଲ ହୁଏ । ତେବେ ନଦୀ କୂଳ ଏହି ତରଭୁଜ ଚାଷ ପାଇଁ



ସବୁଠାରୁ ଉପଯୁକ୍ତ। ଏହି କିସମର ଜମିରୁ ତରଭୁଜ ଅଧିକ ଉତ୍ପାଦନ ହେବା ସହିତ ଫଳରେ ମିଠା ଅଂଶ ରହିଥାଏ। ଆମ ଦେଶର ଉତ୍ତର ପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ଓଡିଶାର ଜଳବାୟୁ ତରଭୁଜ ଚାଷ ପାଇଁ ସର୍ବାଧିକ ଉପଯୁକ୍ତ ବୋଲି ଜଣାଯାଏ । ଏହିସବୁ ରାଜ୍ୟର ଅତ୍ୟଧିକ ବାଲିଆ ମାଟିରୁ ଆରମ୍ଭ କରି ଚିକ୍କଣ ମାଟି ପର୍ଯ୍ୟନ୍ତ ତରଭୁଜ ଫସଲ ସଫଳତାର ସହ ଚାଷ କରାଯାଇଥାଏ ।

ଗ୍ରୀଷ୍ମ ରତୁରେ ଛକ ଯାଗା ହେଉ କି ରାସ୍ତାପାର୍ଶ୍ୱ ଗଛର ଛାଇ ହେଉ ବ୍ୟବସାୟୀମାନେ ଗଦାଗଦା ତରଭୁଜର ପସରା ମେଲିଥାନ୍ତି । କେଉଁଠି କିଲୋ ଦରରେ ତରଭୁଜ ଗୋଟା ବିକ୍ରୀ ହୁଏ ତ କେଉଁଠି ଗୋଟା ତରଭୁଜକୁ କାଟି କରି ବ୍ୟବସାୟୀମାନେ ସେଥିରେ ସୈନ୍ଧବଲୁଣ,ଲଙ୍କାଗୁଣ୍ଡ,ଖଣ୍ଡ ବରଫ ଭରି ଗରାଖଙ୍କୁ ବିକ୍ରି କରିଥାନ୍ତି । ଖରା ଦାଉରୁ ରକ୍ଷା ପାଇବା ସହ ସାଙ୍ଗସାଥୀଙ୍କୁ ଆତିଥ୍ୟେୟତା ପ୍ରଦର୍ଶନ ପାଇଁ ତରଭୁଜ ଖୁବ୍ ଭଲ ହୋଇଥାଏ । ଏହି ମାଂସାଳ ଓ ପାଣି ଜାତୀୟ ଫଳ ତରଭୁଜକୁ ଖାଇବାକୁ ପିଲା ଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତଙ୍କର ଲାଳସା ଥାଏ। ବଜାରରେ ମିଳୁଥିବା ଯେକୌଣସି କୃତ୍ରିମ ପାନୀୟ ବା ଫଳରସ ଠାରୁ ତରଭୁଜ ସର୍ବତର ସ୍ୱାଦ ସମ୍ପୂର୍ଣ୍ଣ ନିଆରା । ବିଶେଷ କରି ଗ୍ରୀଷ୍ମ ରତୁରେ ତରଭୁଜ ମିଳୁଥିବାରୁ ଏହାର ଜୁସ୍ ପିଇବାକୁ ଭାରି ଭଲ ଲାଗେ। ଖରାଦିନେ ଶରୀରରୁ ଯେଭଳି ଝାଳ ବାହାରେ ତଦ୍ୱାରା ଦେହରୁ ଜଳୀୟ ଅଂଶ କମି ହାଲିଆ ଲାଗେ। ତେବେ ଏହି ସମୟରେ ତରଭୁଜ ଖାଇବା ଦ୍ୱାରା ଶରୀରରୁ ନିର୍ଗତ ହୋଇ ଯାଇଥିବା ଜଳୀୟ ଅଂଶ ବଜାୟ ରହେ । ଏହା ଏକ ମରୁଭୂମିର ଫଳ । ଯେଉଁଥିରେ ପ୍ରୋଟିନ୍, ମିନେରାଲ ଏବଂ କାର୍ବୋହାଇଡ୍ରେଟ୍ ସହ ୯୨ପ୍ରତିଶତ ଜଳ ଥାଏ ।

ଗ୍ରୀଷ୍ମ ରତୁରେ ଅତ୍ୟଧିକ ଖରା ଯୋଗୁଁ ଶରୀରର ତାପମାତ୍ରା ୪୦.୬ ଡିଗ୍ରୀରୁ ଅଧିକ ବୃଦ୍ଧି ପାଏ । ଫଳରେ ତ୍ୱଚା ଶୁଖିଯାଏ । ଆଖି, ମୁହଁ ଉପରେ ମଧ୍ୟ ଖରାର ପ୍ରଭାବ ପଡେ । ଖରାଦିନ ପାଇଁ ତରଭୁଜ ଏକ ଚମତ୍କାର ସୌନ୍ଦର୍ଯ୍ୟ ପ୍ରସାଧନ ଭାବରେ କାମ ଦିଏ । ପାଚିଲା ତରଭୁଜର ଲାଲ ଅଂଶକୁ ହାତଗୋଡ, ମୁହଁ ଓ ବେକ ଇତ୍ୟାଦି ଶରୀରର ଯେଉଁ ଅଂଶ ବାହାରକୁ ଦେଖାଯାଏ





ସେଥିରେ ଘଷିଲେ ଚର୍ମ ସୁସ୍ଥ ରହେ ଓ ଉଜ୍ଜ୍ୱଳ ଦିଶେ । ଯଦି ମୁହଁରେ ଦଶ ମିନିଟ ତରଭୁଜକୁ ଧୀରେଧୀରେ ଘଷାଯାଏ ତେବେ କିଛି ସମୟ ପରେ ହାଲ୍କା ଉଷୁମ ପାଣିରେ ମୁହଁକୁ ଧୋଇଲେ ମୁହଁ ସଫା ରହେ।

ଅତ୍ୟଧିକ ଗରମ ଯୋଗୁଁ ମନୁଷ୍ୟ ଶରୀରରୁ ଆବଶ୍ୟକତା ଠାରୁ ଅଧିକ ଝାଳ ବାହାରିଯାଏ, ଯଦ୍ୱାରା ଶରୀର ଅସନ୍ତୁଳିତ ହୋଇଥାଏ । ଖରାଦିନେ ଦୁଇରୁ ତିନି ଗ୍ଲାସ୍ ତରଭୁଜ ସର୍ବତ ପିଇବା ଦ୍ୱାରା ଶରୀରରେ ଠିକ୍ ଭାବରେ ଅସନ୍ତୁଳନତା ଦୂର ହୁଏ। ତରଭୁଜରେ ଶ୍ୱେତସାର, ତନ୍ତୁ, ଜଳୀୟ ଅଂଶ, ଭିଟାମିନ-ଏ,ଭିଟାମିନ ସି, ଆମିନୋ ଏସିଡ, ପ୍ରୋଟିନ, ମିନେରାଲସ୍ ପ୍ରଚୁର ପରିମାଣରେ ଥାଏ। ତରଭୁଜରେ ଥିବା ଆଣ୍ଟି-ଅକସଚିଡାଣ୍ଟ ସୂର୍ଯ୍ୟ କିରଣରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ । ତରଭୁଜରେ ଚର୍ବିଜାତୀୟ ଉପାଦାନ ନଥିବାରୁ ଶରୀରର ଓଜନ କମାଇବାରେ ଏହା ସହାୟକ ହୋଇଥାଏ। ତରଭୁଜରେ ବିଟା କପାରୋଟିକ୍ ଥିବାରୁ ଏହା ହୃଦ୍ ରୋଗ ଆଶଙ୍କାକୁ ହ୍ରାସ କରିଥାଏ । ଶରୀରରେ ଠିକ ଭାବରେ ରକ୍ତ ପ୍ରବାହ କରିବାରେ ତରଭୁଜ ସାହାଯ୍ୟ କରେ। ପ୍ରତିଦିନ ତରଭୁଜ ଖାଇଲେ ଶରୀରକୁ ପ୍ରାୟ ୨୩ ପ୍ରତିଶତ ଶକ୍ତି ମିଳେ। ତେଣୁ ଖରାଦିନେ ତରଭୁଜ ଛୋଟରୁ ବଡ ସମସ୍ତଙ୍କର ପ୍ରିୟ ଫଳ ପାଲଟିଯାଇଛି।

*ଭୁଷଳ,ଭୁବନ,ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*







# ପାରାଦୀପରେ ହେବ ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ



**ଭୁବନେଶ୍ୱର :** ରାଜ୍ୟରେ ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବିମାନ ଚଳାଚଳ ଏବଂ ନେଟୱାର୍କ ନିର୍ମାଣ ପରିଚାଳନା ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ, ପାରାଦୀପରେ ଏକ ଗ୍ରୀନଫିଲ୍ଡ ବିମାନବନ୍ଦର ପାଇଁ ଯୋଜନା ସମେତ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର (ଏସ୍‌ଜେଆଇଏ) ବିକାଶ ଏବଂ ରାଉରକେଲା ବିମାନ ବନ୍ଦରର ଉନ୍ନୀତକରଣ ଉପରେ ଆଲୋଚନା ହୋଇଥିବା ବେଳେ ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ, ଜୟପୁର, ଦାଣ୍ଡବୋଷ, ରଙ୍ଗେଇଲୁଣ୍ଡା, ଗୋଡମା, ସତୀଭଟା, ରାଇସୁଆଁ, ତୁଷରା, ଜମାଦାରପାଲୀ, ମାଲକାନଗିରି, ଅମର୍ଦ୍ଦା ରୋଡ ଏବଂ ଉକ୍‌ହ୍ଲୋ ସମେତ ରାଜ୍ୟର ପ୍ରମୁଖ ବିମାନବନ୍ଦରଗୁଡ଼ିକର ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ରାଜ୍ୟର ୧୫ଟି ଜିଲାରେ ହେଲିପୋର୍ଟ ନିର୍ମାଣ ଏବଂ ଢେଙ୍କାନାଳର ବିରାଶୋଳ ସ୍ଥିତ ଏୟାରଷ୍ଟ୍ରିପରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର (ବିପିଏସି)ର ବିକାଶ ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥିଲା। ନୋଡାଲ ଏଜେନ୍ସି ଭାବେ ବିକାଶ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନବନ୍ଦର, ହେଲିପ୍ୟାଡ ଏବଂ ଡ୍ରୋନ ହବ ସମେତ ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ଭିତ୍ତିଭୂମି ପ୍ରତିଷ୍ଠା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହିତ ରାଜ୍ୟରେ ବର୍ତ୍ତମାନ ଚାଲୁଥିବା ବିମାନବନ୍ଦରଗୁଡିକର କାର୍ଯ୍ୟ ଦକ୍ଷତାକୁ ଆହୁରି ବିକାଶ କରିବା ଏବଂ ଏହାର ଆଧୁନିକୀକରଣ କରିବା ବିଷୟରେ ସେ ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରାୟତ୍ତ ବିମାନବନ୍ଦରଗୁଡ଼ିକର ଉନ୍ନତିକରଣ, ବିମାନ ସଂଯୋଗ ବୃଦ୍ଧି, ବିମାନ ଚଳାଚଳ ୟୁନିଟର ଦକ୍ଷତା ବୃଦ୍ଧି ସହିତ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ବୃଦ୍ଧି ପାଉଥିବା ବିମାନ ଚଳାଚଳ କ୍ଷେତ୍ରକୁ ସୁଦୃଢ କରିବା ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଉନ୍ନତ ମାନବ ସମ୍ବଳର ପ୍ରସ୍ତାବ ସହିତ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ପୁନର୍ଗଠନ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା।

## କମ୍ୟୁନିଷ୍ଟ ନେତା ଅଭୟ ସାହୁଙ୍କ କଂଗ୍ରେସରେ ଯୋଗଦାନ

# ଅଣ୍ଟା ସଳଖୁଛି ଜଗତସିଂହପୁର କଂଗ୍ରେସ




**ପାରାଦୀପ :** ଆଗକୁ ଆସୁଛି ପଞ୍ଚାୟତ ଓ ପୌର ନିର୍ବାଚନ ଅଣ୍ଟାସଳଖୀ ଛିଡ଼ା ହେବାକୁ ଚେଷ୍ଟା କରୁଛି ଜଗତସିଂହପୁର କଂଗ୍ରେସ। ଗତ ସାଧାରଣ ନିର୍ବାଚନରେ ବହୁ ଆଗ ଧାଡ଼ିର କଂଗ୍ରେସ ନେତା ଓ କର୍ମୀ ଦଳ ପରିତ୍ୟାଗ କରି ଅନ୍ୟ ପାର୍ଟି ରେ ଯୋଗ ଦେଇଥିଲେ। ଯଦ୍ୱାରା ଦଳକୁ ବହୁ କ୍ଷତି ପହଞ୍ଚାଇଥିଲା। ଜିଲ୍ଲାର ୪ ନିର୍ବାଚନ ମଣ୍ଡଳୀ ମଧ୍ୟରୁ କେବଳ ତିର୍ତ୍ତୋଲ କୁ ଛାଡ଼ିଦେଲେ ଜଗତସିଂହପୁର, ପାରାଦ୍ୱୀପରୁ ପୂର୍ବଥର ଲଢୁଥିବା ଚିରଞ୍ଜିବ ବିଶ୍ୱାଳ ଓ ବାପି ସର୍ଖେଲ ବିଜେଡିରେ ଯୋଗଦାନ କରିଥିବା ବେଳେ, ବାଲିକୁଦା ଏରସମାର ନେତା ଜିତୁ ମହାପାତ୍ର ନିର୍ବାଚନ ରଣାଙ୍ଗନରୁ ଛତ୍ରଭଙ୍ଗ କରିଥିଲେ। କେବଳ ତିର୍ତ୍ତୋଲର ପାର୍ଥି ହିମାଂଶୁ ଭୂଷଣ ମଲ୍ଲିକଙ୍କୁ ଛାଡ଼ିଦେଲେ ଆଉ ସମସ୍ତ ତିନି ନୂଆ ପାର୍ଥି ମାଟିକାମୁଡି ଥିଲେ। ଦଳ ଛାଡିଥିବା ଦୁଇ ନିର୍ବାଚନ ମଣ୍ଡଳୀର ନେତାଙ୍କୁ ଅନ୍ୟ ଦଳରେ ଟିକେଟ ନମିଳିବା ସହ କର୍ମୀଙ୍କୁ ବି ହତାଦର କରିଥିଲେ। ଯଦ୍ୱାରା କଂଗ୍ରେସ ସଂଗଠନ ଜିଲ୍ଲାରେ ଏକରକମ ଭୁଶୁଡ଼ି ପଡ଼ିଥିଲା। ରାଜ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସ ଦାୟିତ୍ୱ ନେବାପରେ କଂଗ୍ରେସ ଏକରକମ ସୁଦୃଢ଼ ହେବାକୁ ଲାଗୁଛି। ଦଳ ଛାଡିଥିବା ସମସ୍ତ ନେତା ଓ କର୍ମୀଙ୍କ ପାଇଁ କଂଗ୍ରେସ ଦ୍ୱାର ଉନ୍ମୁକ୍ତ ବୋଲି କହିଥିବା ବେଳେ, ବିଶେଷ କରି ଜଗତସିଂହପୁର ଜିଲ୍ଲାକୁ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ଜୟ ଭୀମ, ଜୟ ବାପୁ, ଜୟ ସମ୍ବିଧାନ କାର୍ଯ୍ୟକ୍ରମ ଜରିଆରେ ଜଗତସିଂହପୁର ଜିଲ୍ଲାରୁ ପ୍ରଥମେ ଆରମ୍ଭ କରିବା ସହ ମା' ଶାରଳାଙ୍କ ପୀଠରୁ ଜିଲ୍ଲା ସଦର ମହକୁମା ପର୍ଯ୍ୟନ୍ତ ପଦଯାତ୍ରା କରି ଏକ ପଥପ୍ରାନ୍ତ ସଭାରେ କର୍ମୀଙ୍କ ଯୋଶ ଭରିଥିଲେ। ତତ୍ ସହିତ ଜିଲ୍ଲାର ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ପୋସ୍କୋ ଆନ୍ଦୋଳନର ପୁରୋଧା ଅଭୟ ସାହୁଙ୍କ ଗତ ୨୮ ତାରିଖରେ କଂଗ୍ରେସରେ ଯୋଗଦାନ ଦଳକୁ ଆହୁରି ଶକ୍ତିଶାଳୀ କରିଛ। ଶ୍ରୀଯୁକ୍ତ ସାହୁଙ୍କ ସମେତ କମ୍ୟୁନିଷ୍ଟ ଜିଲ୍ଲା ସମ୍ପାଦକ ଅଭିଜିତ ସାହୁ ସହ ବହୁ ସରପଞ୍ଚ, ସଭ୍ୟ ସହିତ ବାଲିକୁଦା ଏରସମାର ଶତାଧିକ କର୍ମୀ ରାଜ୍ୟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି। କଂଗ୍ରେସ ଏକ ବଡ଼ ପ୍ଲାଟଫର୍ମ ଦେଶକୁ ସ୍ୱାଧୀନତା ଦେଇଥିବା ଦଳ, ଜଗତସିଂହପୁର ଜିଲ୍ଲାରେ ପାରାଦ୍ୱିପ ବନ୍ଦରରୁ ଆରମ୍ଭ କରି ଶିଳ୍ପ ବିକାଶ କ୍ଷେତ୍ରରେ ଦଳର ଭୂମିକା ଅତୁଳନୀୟ। ସଂଗଠନ କୁ ମଜଭୁତ ସହିତ ଜିଲ୍ଲାର ବିକାଶ ପାଇଁ ଲଢେଇ ଜୋରଦାର ହେବବୋଲି ଶ୍ରୀଯୁକ୍ତ ସାହୁ ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି। ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏଭଳି ଯଦି ସଂଗଠନକୁ ମଜଭୁତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଗତିଶୀଳ କରାଯାଏ ଆସନ୍ତା ସାଧାରଣ ଓ ପୌର, ପଞ୍ଚାୟତ ନିର୍ବାଚନରେ ଦଳ ନିଶ୍ଚୟ ଭଲ ସଫଳତା ପାଇବ ବୋଲି କର୍ମୀ ଆଶାବାନ୍ଧି ରଖିଛନ୍ତି।

# ରାଜ୍ୟପାଳଙ୍କ ସହିତ ଓଡ଼ିଶା ମଣ୍ଡଳମୁଖ୍ୟ ମହାଡାକପାଳଙ୍କ ସୌଜନ୍ୟମୂଳକ ବୈଠକ



**ଭୁବନେଶ୍ୱର, (ପିଆଇବି) :** ଓଡ଼ିଶାମଣ୍ଡଳର ମୁଖ୍ୟ ମହାଡାକପାଳ ନିର୍ମଳଜିତ ସିଂହ, ଆଇପିଓଏସ୍ (୧୯୯୭)ଏବଂ ଡାକ ସେବା ନିର୍ଦ୍ଦେଶକ ଅମିତ କୁମାର ଝା, ଆଇପିଓଏସ୍ (୨୦୧୫), ରାଜଭବନଠାରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ହରିବାବୁ କମ୍ଭମପଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଗସ୍ତ ସମୟରେ ମୁଖ୍ୟ ରାଜ୍ୟପାଳଙ୍କୁ ରାଜ୍ୟର ନାଗରିକମାନଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଡାକସେବା ଏବଂ ଭାରତୀୟ ଡାକର ଆଗାମୀ ଆଇଟି ଆଧୁନିକୀକରଣ ପ୍ରକଳ୍ପ ବିଷୟରେ ଅବଗତ କରାଇଥିଲେଯାହା ଅତ୍ୟନ୍ତ ଗ୍ରାହକ ଅନୁକୂଳ ହେବ। ଓଡ଼ିଶା ମଣ୍ଡଳମୁଖ୍ୟ ମହାଡାକପାଳ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କୁ ଗୋଟିଏ 'ମାଇଁ ଷ୍ଟାମ୍ପ' ପ୍ରଦାନ କରିଥିଲେ।

# ଆନ୍ଧ୍ର ଓ ଓଡ଼ିଶା ଅବକାରୀ ବିଭାଗର ଦେଶୀ ମଦ ଭାଟି ଉପରେ ମିଳିତ ଚଢ଼ାଉ



**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ ଆଲମଣ୍ଡା ପଞ୍ଚାୟତର ହାତୀଗଡା କଲୋନୀ,ଚିନା ବାଙ୍କିଡି, ଇଗୁ ଉତ୍ରାପିଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚାଲିଥିବା ଦେଶି ମଦ ଭାଟି ଉପରେ ଆନ୍ଧ୍ର ଓ ଓଡିଶା ଅବକାରୀ ବିଭାଗ ତରଫରୁ ମିଳିତ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ୪୦ ଲିଟର ଦେଶି ମଦ, ମଦ ତିଆରିରେ ବ୍ୟବହୃତ ସାମଗ୍ରୀ ଜବତ କରାଯିବା ସହ ଗୁଡ ମିଶ୍ରିତ କିଛି ପୋଚ ନଷ୍ଟ କରି ବିଭାଗୀୟ ଅଧିକାରୀ ବାହା ବା ନେଉ ଥିବା ବେଳେ କାହାରିକୁ ଗିରଫ କରିବାରେ ସଫଳ ହେଇ ନାହାନ୍ତି। ଏହି ଚଢାଉ ସମୟରେ କୋରାପୁଟ ରେଞ୍ଜ ନିରୀକ୍ଷକ ସୁଧୀର କୁମାର ସାହୁ, ଡିଏଫଏସ ନିରୀକ୍ଷକ ଚନ୍ଦ୍ରଶେଖର ପଢ଼ିହାରି, ନାରାୟଣପାଟଣା ଉପ ନିରୀକ୍ଷକ ମାଝୀ ଗୌରୀ ପଟ୍ଟନାୟକ, ଡିଏଫସି ଉପ ନିରୀକ୍ଷକ ରାଜୁ କ୍ଷେତ, ସହଉପ ନିରୀକ୍ଷକ ଉମେଶ କୁମାର ଦୋରା, ସୁଶାନ୍ତ ନାୟକ ଓ ଆନ୍ଧ୍ର ପ୍ରଦେଶ ଅବକାରୀ ବିଭାଗରେ ଅଫିସର ମିଶି ସମୁଦାୟ ୪୫ ଜଣ ଅଫିସର ସାମିଲ ଥିଲେ। ତଥାପି ସବୁ ଚଢ଼ାଉ ଭଳି ଏ ଚଢ଼ାଉରେ ବି ଏତେ ସଂଖ୍ୟକ ଅବକାରୀ କର୍ମଚାରୀ ଥାଇବି କେହି ଜଣକୁ ମଧ ଗିରଫ କରା ନଜିବା ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚି ସୃଷ୍ଟି କରିଛି। କେହିବି ଗିରଫ ହେଉ ନଥିବାରୁ ବନ୍ଧୁଗାଁ ବ୍ଲକର ସୀମାନ୍ତ ବର୍ତ୍ତୀ ଅଞ୍ଚଳରେ ଦେସୀ ମଦ କାରବାର ବନ୍ଦ ହେବାର ନାଁ ଧରୁନି। ଏହା ଭିତରେ କଣ ରହସ୍ୟ ରହିଛି ତାହା ଖୋଜି ବାହାର କରିବାର ସମୟ ଆସିଛି।






# ଏସ୍‌ସିବି ଯାଏ ଗଡିବ ମେଟ୍ରୋ : ମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟ ସରକାର ଭୁବନେଶ୍ୱର-କଟକ ମଧ୍ୟରେ ମେଟ୍ରୋ ଟ୍ରେନ୍ ଚଳାଚଳ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏହି ମେଟ୍ରୋ ଟ୍ରେନ୍ ଭୁବନେଶ୍ୱର ବିମାନବନ୍ଦରରୁ ତ୍ରିଶୁଳିଆ ପରିବର୍ତ୍ତେ କଟକ ବସଷ୍ଟାଣ୍ଡ ଓ କଟକ ବଡ଼ମେଡିକାଲ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବ। ଲୋକଙ୍କ ସୁବିଧା ଦୃଷ୍ଟିରୁ ସରକାର ଏଭଳି ନିଷ୍ପତ୍ତି ନେଇଥିବା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ପୂର୍ବରୁ ଭୁବନେଶ୍ୱର ମେଟ୍ରୋ ରେଳ କର୍ତ୍ତୃପକ୍ଷ କହିଛନ୍ତି ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ଟ୍ରେନ୍ ପ୍ରକଳ୍ପର କାମ ୨୦୨୭ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ପାଇଁ ବିଭିନ୍ନ ସ୍ଥାନରେ ମାଟି ପରୀକ୍ଷା ହୋଇଛି। ଭୂପୃଷ୍ଠରୁ ୫୦ରୁ ୬୦ ଫୁଟ ତଳୁ ମାଟି ନେଇ ଲ୍ୟାବ୍ରେ ପରୀକ୍ଷା କରାଯାଇଛି। ଭୁବନେଶ୍ୱରରେ ଭୂପୃଷ୍ଠରୁ ୧୩ ଫୁଟ୍ ଉଚ୍ଚରେ ମେଟ୍ରୋ ରେଳ ଗଡ଼ିବ। ରାଜମହଲ, ଜୟଦେବ ବିହାର ଓ ବାରଙ୍ଗରେ ଏହାର ଉଚ୍ଚତା ଆବଶ୍ୟକତା ଅନୁଯାଇ ହେବ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଠାରୁ ଏସ୍‌ସିବି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଯାତ୍ରୀଙ୍କ ପାଇଁ ଷ୍ଟେସନ ରହିବ। ଉଭୟ ଆରମ୍ଭ ଓ ଶେଷ ଷ୍ଟେସନ ମଝିରେ କ୍ୟାପିଟାଲ ହସ୍ପିଟାଲ, ଶିଶୁ ଭବନ ଛକ, ବାପୁଜୀ ନଗର, ଭୁବନେଶ୍ୱର ରେଳଷ୍ଟେସନ, ରାମମନ୍ଦିର ଛକ, ବାଣୀବିହାର, ଆଚାର୍ଯ୍ୟବିହାର ଛକ, ଜୟଦେବବିହାର ଛକ, ଜାଭିୟର ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଣ୍ଟର, ଡମଣା ଛକ, ପଟିଆ ଛକ, କିଟ ଛକ, ନନ୍ଦନ ବିହାର, ରଘୁନାଥପୁର, ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ଫୁଲପୋଖରୀ, ତ୍ରିଶୁଳିଆ, କଟକ ବସ୍‌ଷ୍ଟାଣ୍ଡ ରହିବ। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଓ କଟକ ସହ ଭୁବନେଶ୍ୱର ଓ କଟକ ସହର ଅନ୍ୟ ଅଞ୍ଚଳରେ ମେଟ୍ରୋ ଟ୍ରେନ୍ ଚଳାଚଳ କରିବ।






## ରାଜ୍ୟରେ ରବି ଋତୁ ଧାନକିଣା ନେଇ ଆନ୍ତଃ-ମନ୍ତ୍ରୀସ୍ତରୀୟ ସମୀକ୍ଷା ବୈଠକ

# ୨୦ ଜିଲ୍ଲାରୁ ୧୪ ଲକ୍ଷ ମେଟ୍ରିକ ଟନ ଧାନ କିଣା ଲକ୍ଷ୍ୟ ଧାର୍ଯ୍ୟ



**ଭୁବନେଶ୍ୱର :** ରାଜ୍ୟରେ ଚଳିତ ରବି ଋତୁରେ ଧାନ କିଣା ନେଇ ବିଭିନ୍ନ ବିଭାଗୀୟ ପ୍ରସ୍ତୁତି ଶେଷ ହୋଇଛି। ସମ୍ପୃକ୍ତ ବିଭାଗ ଗୁଡିକ ମଧ୍ୟରେ ସମନ୍ୱୟ ରଖି ଧାନ କିଣା ସୁପରିଚାଳନା ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ଆନ୍ତଃ ମନ୍ତ୍ରୀ ସ୍ତରୀୟ ସମୀକ୍ଷା ବୈଠକରେ ଏହା ଉପରେ ଆଲୋଚନା ହୋଇଛି। ଉକ୍ତ ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଇସ୍ପାତ, ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସମେତ ବିଭାଗୀୟ ସଚିବ ଏବଂ ଆଭାସୀ ମାଧ୍ୟମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ଚଳିତ ବର୍ଷ ଖରିଫ ଧାନକିଣା ସମ୍ପର୍କରେ ବୈଠକରେ ସୂଚନା ପ୍ରଦାନ କରିଥିଲେ। ଗତ ଖରିଫ୍ ଋତୁରେ ପ୍ରାୟ ୧୬ ଲକ୍ଷ ୬୦ ହଜାର ଚାଷୀଙ୍କଠାରୁ ପ୍ରାୟ ୭୩ ଲକ୍ଷ ୪୫ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା। ଏଥିନିମନ୍ତେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୬ ହଜାର ୮୫୩ କୋଟି ଏବଂ ଇନ୍‌ପୁଟ୍ ସହାୟତା ଭାବେ ୫୮୬୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ଚଳିତ ରବି ଋତୁ ପାଇଁ ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଧାନକିଣା ପ୍ରକ୍ରିୟା ଜାରି ରହିବ। ଚଳିତ ରବି ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ନେଇ ବୈଠକରେ ଅବଗତି କରାଯାଇଥିଲା। ଏଥିନିମନ୍ତେ ପ୍ରାୟ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ଯାହା ଗତବର୍ଷ ତୁଳନାରେ ଅଧିକ ରହିଛି। ଚଳିତ ରବି ଋତୁରେ ମୋଟ୍ ୨୦ଟି ଜିଲ୍ଲାରେ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନକିଣା ଯିବ। ଗତ ଖରିଫ ଋତୁରେ କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା କରାଯାଇ ଅଧିକ ପରିମାଣର ଧାନ ସଂଗ୍ରହ କରାଯାଇଥିଲା। ଏଥିନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ଖରିଫ ଋତୁରେ ଧାନକିଣା ପ୍ରକ୍ରିୟା ସୁଗମ ହୋଇପାରିଥିବା ନେଇ ଉପ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ। ଅନୁରୂପ ଭାବେ ଚଳିତ ରବି ଋତୁରେ ଚାଷୀ ମାନଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ ଏଥିପ୍ରତି ସଜାଗ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ମଣ୍ଡିରେ କ୍ୟାମେରା ଲଗାଇବା ସହ ନୋଡାଲ ଅଫିସର ଓ ସୁପରଭାଇଜର ନିଯୁକ୍ତି ତୁରନ୍ତ କରିବାକୁ ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଅଧିକ ସଂଖ୍ୟକ ଚାଷୀ ପଞ୍ଜିକରଣ କରିଥିବାରୁ ଏଥିପ୍ରତି ସଜାଗ ରହିବା ଆବଶ୍ୟକତା ରହିଛି। ସେହିଭଳି ମଣ୍ଡି ମନିଟରିଂ ଆପ୍ ମାଧ୍ୟମରେ ସେମାନଙ୍କର ପଞ୍ଜୀକରଣ କରିବା ଏବଂ କର୍ତ୍ତବ୍ୟରେ ଅବହେଳା କରୁଥିବା ଅଧିକାରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କହିଥିଲେ। ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରି ଉତ୍ତମ ଅନୁଭୂତି ନେଇ ଫେରିବେ ଏବଂ ଧାନକିଣା ସମ୍ପର୍କିତ ଅଭିଯୋଗ ଗୁଡିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଖରିଫ ଭଳି ଚଳିତ ରବିଋତୁରେ ମଧ୍ୟ ଧାନ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଓ ଇନ୍‌ପୁଟ୍ ସହାୟତା ବାବଦକୁ ୮୦୦ ଟଙ୍କା ଭାବେ ମୋଟ୍ ୩୧୦୦ ଟଙ୍କା ଧାନକିଣାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଭାବେ ପ୍ରଦାନ କରାଯିବ। ଏଥିସହ ୧୯୬୭ ମାଧ୍ୟମରେ ଧାନକିଣା ନେଇ ଅଭିଯୋଗ କରିହେବ। ପ୍ରତ୍ୟେକ ମଣ୍ଡିରେ ପାନୀୟ ଜଳ ସହ ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରାଇବା ସହ ସିସିଟିଭିର ବ୍ୟବସ୍ଥା କରାଯାଇଛି। ଅଦିନିଆ ବର୍ଷା ଓ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମଣ୍ଡିରେ ରଖାଯାଇଥିବା ଧାନର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯଇଥିବା ନେଇ ସମବାୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିଭଳି ବାହାର ରାଜ୍ୟର ଧାନଗାଡ଼ି ଯେଭଳି ଆମ ରାଜ୍ୟ ଭିତରକୁ ନଆସେ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ସ୍କ୍ୱାଡ୍ ମୁତୟନ ପାଇଁ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦିଆଯାଇଛି। ମଣ୍ଡିରୁ ମିଲ୍‌କୁ ଯାଉଥିବା ଧାନଗାଡ଼ିକୁଡ଼ିକ ଉପରେ କ୍ୟାମେରା ସଂଯୋଗ କରାଯିବ। ଏଥିନିମନ୍ତେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସ୍ୱତନ୍ତ୍ର ଶାସନ ସଚିବ ସୁଦାମ ଚରଣ ମଣ୍ଡଳ, ସମବାୟ ସମିତି ରେଜିଷ୍ଟ୍ରର ସିଦ୍ଧାର୍ଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**